

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୧ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 21 JUNE 2023
Vol.No. 34 ■ No. 162■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆମେରିକା ଗସ୍ତରେ ମୋଦି



ନୂଆଦିଲ୍ଲୀ,୨୦/୦୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଠାରୁ ଆମେରିକା ଗସ୍ତରେ ଯାଇଛନ୍ତି। ଏହି ସମୟରେ ତାଙ୍କୁ ପ୍ରଥମଥର ହ୍ୱାଇଟହାଉସ୍‌ରେ ଆତିଥ୍ୟ ପ୍ରଦାନ କରାଯିବ। ଏହି ଐତିହାସିକ ଗସ୍ତ ଓ ଭେଟଘାଟ ପୂର୍ବରୁ ଆମେରିକା ସହ ଭାରତର ସମ୍ପର୍କକୁ ନେଇ ବଡ଼ ବୟାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଆମେରିକା ଓ ଭାରତର ସମ୍ପର୍କ ଅତ୍ୟନ୍ତ ଗଭୀର ଓ ଶକ୍ତିଶାଳୀ। ଦୁଇ ଦେଶ ମଧ୍ୟରେ ଗୋଟିଏ ଅଭୂତପୂର୍ବ ବିଶ୍ୱାସ ରହିଛି। ପୂରା ବିଶ୍ୱରେ ଭାରତର ଭୂମିକା ଅଧିକ ଉଚ୍ଚ, ଗଭୀର ବୋଲି ମୋଦି ୱାଲ ଷ୍ଟ୍ରିଟ ଜର୍ଣ୍ଣାଲକୁ କହିଛନ୍ତି । ମୋଦି ପ୍ରଥମଥର ଆମେରିକାକୁ ସରକାରୀ ଗସ୍ତ ବା ଷ୍ଟେଟ ଭିଜିଟରେ ଯାଉଥିବା ବେଳେ ଏପରି କଥା କହିଛନ୍ତି। ସେ କହିଛନ୍ତି, "ଆମେ ସାର୍ବଭୌମତ୍ୱ ଓ ଆଞ୍ଚଳିକ ଅଖଣ୍ଡତରେ ବିଶ୍ୱାସ କରି ଆସିଛୁ। ଆମେ ପ୍ରଚଳିତ ନିୟମକୁ ଅନୁକରଣ କରି ଚାଲିଛୁ ଓ ବିଭିନ୍ନ ବିବାଦକୁ ଶାନ୍ତି ପ୍ରସ୍ତାବ ମାଧ୍ୟମରେ ସମାଧାନ କରିବାକୁ ଚେଷ୍ଟା କରିଛୁ। ଏହି ସମୟରେ ଭାରତ ସଂପୂର୍ଣ୍ଣ ଭାବେ ତା'ର ସଂପ୍ରଭୂତା ଓ ସମ୍ମାନକୁ ସୁରକ୍ଷା କରିବାକୁ ମଧ୍ୟ ପ୍ରତିଶ୍ରୁତିବଦ୍ଧ।" ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଓ ପ୍ରଥମ ମହିଳା ଜିଲ୍ଲ ବାଇଡେନଙ୍କ ନିମନ୍ତ୍ରଣ କ୍ରମେ ମୋଦି ମଙ୍ଗଳବାର ଆମେରିକାକୁ ପ୍ରଥମଥର ପାଇଁ ଷ୍ଟେଟ ଭିଜିଟରେ ଯାଇଛନ୍ତି। ପ୍ରଧାନମନ୍ତ୍ରୀ ନ୍ୟୁୟର୍କରେ ବିଶ୍ୱ ଯୋଗ ଦିବସରେ ମଧ୍ୟ ସାମିଲ ହେବେ। ଏଠାରେ ଥିବା ମିଳିତ ଜାତିସଂଘ ମୁଖ୍ୟାଳୟରେ ଜୁନ ୨୧ରେ ଅନୁଷ୍ଠିତ ହେବାକୁ ଥିବା ଯୋଗ ସେସନ୍‌ର ଅଧ୍ୟକ୍ଷତା ମୋଦି କରିବେ। ମୋଦି କହିଛନ୍ତି, "ମୁଁ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ସ୍ୱାଧୀନ ଭାରତରେ ଜନ୍ମ ଗ୍ରହଣ କରିଥିଲି। ଏଥିପାଇଁ ମୋ ଚିନ୍ତାଧାର, କାର୍ଯ୍ୟଶୈଳୀ, ମୁଁ କ'ଣ କହୁଛି ଓ କରୁଛି, ସବୁକିଛି ମୋ ଦେଶର ସଂସ୍କାର ଓ ପରମ୍ପରାରୁ ଅନୁପ୍ରାଣିତ ହୋଇଛି। ମୁଁ ଏଥିରୁ ଶକ୍ତି ପାଇଥାଏ। ମୁଁ ମୋ ଦେଶକୁ ପୂରା ବିଶ୍ୱରେ ମୋ ଦେଶ କ'ଣ ତା'କୁ ପ୍ରଦର୍ଶିତ କରୁଛି। ମୁଁ କ'ଣ ସେକଥା ମଧ୍ୟ ପ୍ରର୍ଶନ କରୁଛି। ଭାରତ କେବେ ହେଲେ କୌଣସି ଦେଶକୁ ହଟାଇବାକୁ ଚାହୁଁ ନାହିଁ। ଭାରତ ତା'ର ଉପଯୁକ୍ତ ଭୂମିକା ପୂରା ବିଶ୍ୱରେ ପ୍ରତିପାଦନ କରିବା ପ୍ରକ୍ରିୟାରେ ରହିଛି। ପୂର୍ବାପେକ୍ଷା ପୂରା ବିଶ୍ୱ ପରସ୍ପର ଉପରେ ନିର୍ଭରଶୀଳ। ସବୁ କିଛି ଠିକ୍ କରିବା ପାଇଁ ସପ୍ଲାଏ ଚେନ୍‌କୁ ବୃଦ୍ଧି କରିବାକୁ ପଡ଼ିବ।"

## ଗୀତା ପ୍ରେସ୍ ଉପରେ କଂଗ୍ରେସର ଟିପ୍ପଣୀ ନିନ୍ଦନୀୟ- ବିଜେପି

ନୂଆଦିଲ୍ଲୀ,୨୦/୦୬ : ଭାରତୀୟ ଜନତା ପାର୍ଟି(ଭାଜପା) ଗୀତା ପ୍ରେସ୍‌କୁ ଗାନ୍ଧୀ ଶାନ୍ତି ପୁରସ୍କାର ଦେବା ମାମଲାରେ କଂଗ୍ରେସର ଟିପ୍ପଣୀର ନିନ୍ଦା କରିଛି। ପାର୍ଟି ପୁରା କଂଗ୍ରେସ ପାର୍ଟିକୁ ଗୀତା ବିରୋଧି ବୋଲି କହିଛି। ବିଜେପି ପ୍ରବକ୍ତା ସୁଧାଂଶୁ ତ୍ରିବେଦୀ ମଙ୍ଗଳବାର ଦିନ ପାର୍ଟି ମୁଖ୍ୟାଳୟରେ ଆୟୋଜିତ ଏକ ପ୍ରେସ୍‌ବାର୍ତାରେ ଗାନ୍ଧୀ ଶାନ୍ତି ପୁରସ୍କାର ଗୀତା ପ୍ରେସ୍‌କୁ ଦିଆଯିବା ଉପରେ କଂଗ୍ରେସ ଯେଉଁପରି ଅବାଂଛନୀୟ, ଆପତିଜନକ ଟିପ୍ପଣୀ କରିଛି, ଭାଜପା ତା'ର ନିନ୍ଦା କରୁଛି। ତ୍ରିବେଦୀ କହିଛନ୍ତି ଯେ ଏଠାରେ ବିଷୟ ଏକ ପୁରସ୍କାର ପର୍ଯ୍ୟନ୍ତ ସୀମିତ ନୁହେଁ। ଏଥିରେ କଂଗ୍ରେସର ମାନସିକତା ଜଣାପଡୁଛି। ପ୍ରକୃତରେ କଂଗ୍ରେସ ଗୀତା ପ୍ରେସ ନୁହେଁ, ଗୀତା ବିରୋଧୀ ପାର୍ଟି ଅଟେ। ଗୀତା ପ୍ରେସ୍, ଗୋରଖପୁରର ବିଷୟ ଉପରେ କଂଗ୍ରେସ ଯେଉଁ ଚରିତ୍ର ଦେଖାଇଛି, ସେଥିରୁ ତାଙ୍କର ଭାରତ, ଭାରତୀୟ ସଂସ୍କୃତି, ହିନ୍ଦୁତ୍ୱ ଏବଂ ମହାତ୍ମା ଗାନ୍ଧୀଙ୍କ ମୂଲ୍ୟ ପ୍ରତି ଅବମାନନାର ପ୍ରମାଣ ଅଟେ। ଉଲ୍ଲେଖନୀୟ

▶▶ପୃଷ୍ଠା ୭

## ୪ ଜିଲ୍ଲାରେ ପ୍ରାକ୍ ମୌସୁମୀ ବର୍ଷା: ଆଜିଠୁ ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୨୦/୦୬ (ନି.ପ୍ର): ରାଜ୍ୟର କିଛି ଜିଲ୍ଲାରେ ମଙ୍ଗଳବାର ପ୍ରାକ୍ - ମୌସୁମୀ ବର୍ଷା ହୋଇଛି। ଦକ୍ଷିଣ ଓଡିଶାର ନୂଆପଡା, ନବରଙ୍ଗପୁର , ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ପ୍ରାକ୍ -ମୌସୁମୀ ବର୍ଷା ହୋଇଥିବା ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା କାଲି ଅର୍ଥାତ୍ ୨୧ ଜୁନରେ ଦକ୍ଷିଣ ଏଏବଂ ଉପକୂଳ ଓଡ଼ିଶାରେ ବର୍ଷାର ବିସ୍ତୃତି ବଢିବ। ୨୧ ରେ ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ ଏଏବଂ ମୟୁରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ( ୭ ରୁ ୧୧ ସେମି) ସମ୍ଭାବନା ରହିଛି। ୨୨ ରୁ ଉପକୂଳର ଅଧିକାଂଶ ସ୍ଥାନରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ୨୩ ଏବଂ ୨୪ ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ( ୭ ରୁ ୨୦ ସେମି) ହୋଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, ଗଜପତି, ଗଂଜାମ, କନ୍ଧମାଳ ସମେତ କେନ୍ଦ୍ରାପଡା, କଟକ, ଜଗତସିଂହପୁର,ପୁରୀ, ଖୋର୍ଦ୍ଧା, ନୟାଗଡ, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି, ରାୟଗଡା, କୋରାପୁଟ , ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦୁଇଟି

▶▶ପୃଷ୍ଠା ୭

## ନନ୍ଦନ ନୀଲେକଣି ଆଇଆଇଟି ବମ୍ବେକୁ ୩୧୫ କୋଟି ଟଙ୍କା କଲେ ଦାନ

ମୁମ୍ବାଇ/ନୂଆଦିଲ୍ଲୀ,୨୦/୦୬ : ବହୁରାଷ୍ଟ୍ରୀୟ ସୂଚନା ପ୍ରୋଦ୍ୟୋଗିକି ସେବା କମ୍ପାନୀ ଇଂଫୋସିସ୍‌ର ସହ-ସସ୍ଥାପକ ଏବଂ ଚେୟାରମ୍ୟାନ୍ ନନ୍ଦନ ନୀଲେକଣି ଭାରତୀୟ ପ୍ରୋଦ୍ୟୋଗିକି ସଂସ୍ଥାନ(ଆଇଆଇଟି) ବମ୍ବେକୁ ୩୧୫ କୋଟି ଟଙ୍କା ଦାନରେ ଦେଇଛନ୍ତି। ସେ ଏହାପୂର୍ବରୁ ସଂସ୍ଥାନକୁ ୮୫ କୋଟି ଟଙ୍କା ଦାନ କରିଛନ୍ତି। ନୀଲେକଣି ୟୁଆଇଡିଏଆଇର ସଂସ୍ଥାପକ ଚେୟାରମ୍ୟାନ୍ ମଧ୍ୟ ଅଟନ୍ତି। ସଂସ୍ଥା ପକ୍ଷରୁ ମଙ୍ଗଳବାର ଦିନ ଜାରି ଏକ ବୟାନରେ କୁହା ଯାଇଛି ଯେ ଏଠାରେ ଦେଶରେ କୌଣସି ପୂର୍ବ ଛାତ୍ର ଦ୍ୱାରା ଦିଆଯାଇଥିବା ସବୁଠାରୁ ବଡ଼ ଦାନ ମଧ୍ୟରୁ ଏକ ଅଟେ। ଏହି ରାଶିରେ ସଂସ୍ଥାନରେ ବିଶ୍ୱସ୍ତରୀୟ ମୌଳିକ ଢାଂଚା ପ୍ରସ୍ତୁତ କରିବାରେ ସାହାଯ୍ୟ ମିଳିବ। ଏହାସହ ସଂସ୍ଥାନକୁ ଇଞ୍ଜିନିୟରିଂ ଏବଂ ପ୍ରୋଦ୍ୟୋଗିକି ସଂସ୍ଥାନ ମଧ୍ୟରେ ଅଗ୍ରଣୀ ହେବାରେ ସାହାଯ୍ୟ ମିଳିବ। ଏହି ଅବସରରେ ଆଇଆଇଟି ବମ୍ବେର ନିର୍ଦ୍ଦେଶକ ପ୍ରଫେସର ସୁଭାଶିଷ ଚୌଧୁରୀ କହିଛନ୍ତି ଯେ ଏହି ଦାନରେ ସଂସ୍ଥାନର ବିକାଶରେ ବୃଦ୍ଧି ହେବ।

## ୨୨ ନୁହେଁ ୨୩ରେ ଆସିବେ ନଡ୍ଡା

ଭୁବନେଶ୍ୱର, ୨୦/୦୬ (ନି.ପ୍ର): ବଦଳିଛି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡାଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମ। ନଡ୍ଡା ଆସନ୍ତା ୨୨ ତାରିଖ ବଦଳରେ ୨୩ ତାରିଖରେ ଓଡିଶା ଆସିବେ। ଅନିବାର୍ଯ୍ୟ କାରଣବଶତଃ ନଡ୍ଡାଙ୍କ ଗସ୍ତ ଦିନଟିଏ ଘୁଂଚିଥିବା ସାଂସଦ ବସନ୍ତ ପଣ୍ଡା ସୂଚନା ଦେଇଛନ୍ତି। ବସନ୍ତ ପଣ୍ଡା କହିଛନ୍ତି ଯେ ୨୩ ତାରିଖରେ ଜେପି ନଡ୍ଡା କଳାହାଣ୍ଡି ଆସିବେ। ଭବାନୀପାଟଣାର ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ନଡ୍ଡା ଯୋଗ ଦେବେ। ସାଧାରଣ ସଭା ପରେ ସର୍କିଟ ହାଉସରେ ବରିଷ୍ଠ ନାଗରିକଙ୍କୁ ଭେଟିବେ। ଏହାପରେ ନଡ୍ଡା ଟାଉନ ହଲ୍ ରେ ଦଳୀୟ କାର୍ଯ୍ୟକର୍ତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

## ଏକାଦଶ ଶ୍ରେଣୀରେ ନାମଲେଖା ପାଇଁ ଆବେଦନ ଜୁନ୍ ୨୬ ଯାଏଁ ବଢିଲା

ଭୁବନେଶ୍ୱର, ୨୦/୦୬ (ନି.ପ୍ର): ଯୁକ୍ତ ୨ ପ୍ରଥମ ବର୍ଷରେ ନାମଲେଖା ପାଇଁ ଆବେଦନ ଅବଧି ବୃଦ୍ଧି କରାଯାଇଛି। ପୂର୍ବରୁ ଜୁନ୍ ୨୦ ପର୍ଯ୍ୟନ୍ତ ଆବେଦନ କରିବାର ଶେଷ ତାରିଖ ରହିଥିବା ବେଳେ ଏହାକୁ ଜୁନ୍ ୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛି ଗଣଶିକ୍ଷା ବିଭାଗ । ଆବେଦନ ପରେ ଜୁଲାଇ ୨ରେ ପ୍ରଥମ ମେରିଟ ଲିଷ୍ଟ ବାହାରିବ। ଜୁଲାଇ ୩ରୁ ୮ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଆଡମିଶନ ଚାଲିବ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ଜୁଲାଇ ୨୯ରେ ପାଠପଢ଼ା ଆରମ୍ଭ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏକାଦଶ ଶ୍ରେଣୀ ପାଇଁ ସାମସ୍ ପୋର୍ଟାଲ (www. samsodisha. gov.in) ଜରିଆରେ ଆବେଦନ ତାରିଖକୁ ୨୦/୦୬/୨୦୨୩ ପରିବର୍ତେ ୨୬/୦୬/୨୦୨୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

▶▶ପୃଷ୍ଠା ୭

## ମାଉସୀ ମା' ମନ୍ଦିର ପାଖରେ ଅଟକିଲା ନନ୍ଦିଘୋଷ

■ଆଜି ମିଳିବ ରଥଟଣାର ସୁଯୋଗ

■ବଳଭଦ୍ରଙ୍କ ତାଳଧ୍ୱଜ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଂଚିଛି

■ସୁଭଦ୍ରାଙ୍କ ଦେବଦଳନ ରଥ ବଡ଼ଶଂଖ ନିକଟରେ ଅଟକିଛି



ପୁରୀ, ୨୦/୦୬ (ନି.ପ୍ର): ଶରଧାବାଲିରେ ଲାଗିଲା ତାଳଧ୍ୱଜ। ବାଟରେ ଅଟକି ରହିଲେ ଦେବଦଳନ ଓ ନନ୍ଦିଘୋଷ। ଜନ୍ମବେଦୀ ଅଭିମୁଖେ ନବ ଦିନାତ୍ମକ ଘୋଷଯାତ୍ରାରେ ବାହାରି ଥିବା ଶ୍ରୀଜିଉଙ୍କ ୩ଟି ଯାକ ରଥ ଆଜି ସଂଧ୍ୟା ସୁଦ୍ଧା ଶରଧାବାଲିରେ ଲାଗି ପାରିନି। କେବଳ ବଳଭଦ୍ରଙ୍କ ତାଳଧ୍ୱଜ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚି ପାରିଛି। ସୁଭଦ୍ରାଙ୍କ ଦେବଦଳନ ରଥ ବଡ଼ଶଂଖ ନିକଟରେ ଲାଗିଥିବା ବେଳେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ମାଉସୀ ମାଆ ଛକରେ ରହିଛି। ଏ ଦୁଇ ରଥ ଶରଧାବାଲିରେ ପହଞ୍ଚି ନଥିବାରୁ ଆସନ୍ତାକାଲି ପୁଣି ହେବ ରଥଟଣା। ଭକ୍ତମାନେ ଆସନ୍ତାକାଲି ମଧ୍ୟ ବଡ଼ଦାଣ୍ଡରେ ରଥଟଣାର ସୁଯୋଗ ପାଇବେ। ଆଜି ନୀଳକନ୍ଦରରୁ ଭକ୍ତଙ୍କ ଗହଣକୁ ଓହ୍ଲାଇ ଅସିଛନ୍ତି ମହାବାହୁ। ରତ୍ନବେଦୀରୁ ଜନ୍ମବେଦୀକୁ ଯାଉଛନ୍ତି। ଶ୍ରୀଜିଉଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ଆଜି ୫ ଲକ୍ଷରୁ ଅଧିକ ଲୋକଙ୍କ ଭିଡ଼ ହୋଇଥିଲା। ସଅଳ ପହଣ୍ଡି ଓ ରଥ ଟଣା ସତ୍ତ୍ୱେ ସନ୍ଧ୍ୟା ପୂର୍ବରୁ ଶରଧାବାଲିରେ ରଥ ପହଞ୍ଚିପାରି ନ ଥିଲା। ଆଜି ରଥରେ ରହିବା ପରେ କାଲି ଆଡ଼ପମଣ୍ଡପ ବିଜେ କରି ଜନ୍ମବେଦୀରେ ଲୀଳାଖେଳା କରିବେ ତିନିଠାକୁର। ସେପଟେ ଭାଇ-ଭଉଣୀଙ୍କ ସହିତ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ନବଦିନାତ୍ମକ

▶▶ପୃଷ୍ଠା ୭

## ବାଲେଶ୍ୱର ଟ୍ରେନ୍ ଟ୍ରାଜେଡି: ସୋର ସେକ୍ସନର ସିଗନାଲ ଜେଇଙ୍କୁ ଧରି ପଚରାଉପରା କରୁଛି ସିବିଆଇ



ବାଲେଶ୍ୱର, ୨୦/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ୍ ଟ୍ରାଜେଡିର ଖୋଳତାଡ଼ ଜୋରଦାର କରିଛି ଉଇଓ। ଆଜି ସୋର ସେକ୍ସନର ସିଗନାଲ ଔର ଅମୀର ଖାନଙ୍କୁ ନେଇ ପଚରାଉଚରା ଓ ଛାନଭିନ୍ କରୁଛି ଉଇଓ। ଆମୀରଙ୍କୁ ତାଙ୍କ କରମପୁର ସ୍ଥିତ ବାସଭବନକୁ ନେଇ କାଗଜପତ୍ର ଯାଞ୍ଚ କରୁଛି ସିବିଆଇ। ଅମୀରଙ୍କ ଘର ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା ଡଙ୍କଣୀ ଅଞ୍ଚଳରେ ବୋଲି ଜଣାପଡିଛି । ଦୁର୍ଘଟଣା ପରଠୁ ଅମୀରଙ୍କ ଦେଖାନଥିବା ବେଳେ, ସିଗନାଲ ଔରଙ୍କ ଭଡ଼ାଘରକୁ ସିଲ୍ କରିଥିଲା ଉଇଓ । ସେପଟେ ବାହାନଗା ଷ୍ଟେସନ ମାଷ୍ଟରଙ୍କ ସୋର ବ୍ଲକ୍ ତେଣ୍ଟେଇ ସ୍ଥିତ ଘରେ ମଧ୍ୟ ତନାଘନା କରିଛି ଉଇଓ ଟିମ୍। ଜୁନ ୨ ତାରିଖରେ ବାହାନଗା ବଜାର ଷ୍ଟେସନ ନିକଟରେ କରମଣ୍ଡଳ ଏକ୍ସପ୍ରେସ୍ ପ୍ରଥମେ ଏକ ମାଲଗାଡ଼ିକୁ ଧକ୍କା ଦେଇ ଲାଇନଚ୍ୟୁତ ହୋଇଥିଲା। ଟ୍ରାକରୁ ଖସି ଥିବା ବଗିଗୁଡ଼ିକ ଆର ଟ୍ରାକରେ ଆସୁଥିବା ଯଶୱନ୍ତପୁର-ହାୱଡ଼ା ଟ୍ରେନକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୨୯୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ହଜାରେ ଲୋକ ଆହତ ହୋଇଥିଲେ।

## ଦିଦିଙ୍କୁ ଝଟ୍‌କା: ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନରେ ମୁତୟନ ହେବେ କେନ୍ଦ୍ରୀୟ ସୁରକ୍ଷା ବଳ

ପଶ୍ଚିମବଙ୍ଗ, ୨୦/୦୬ (ନି.ପ୍ର): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଲାଗିଛି ଶକ୍ତ ଝଟକା। ଆସନ୍ତା ୮ ତାରିଖରେ ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ହେବାକୁ ଥିବା ବେଳେ ଏହାକୁ ନିରପେକ୍ଷ ଭାବେ କରିବା ପାଇଁ ମୁତୟନ ହେବେ କେନ୍ଦ୍ରୀୟ ସୁରକ୍ଷା ବଳ।

▶▶ପୃଷ୍ଠା ୭



## ସୁସ୍ଥ ହୋଇ ଓଡ଼ିଶା ଫେରିଲେ ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ

ଭୁବନେଶ୍ୱର, ୨୦/୦୬ (ନି.ପ୍ର): କୋଭିଡରେ ଆକ୍ରାନ୍ତ ହୋଇ ଗତ ଦୁଇ ବର୍ଷ ଧରି ଜୀବନ ସଂଗ୍ରାମରେ କରୋନାକୁ ପରାଜିତ କରି ସୁସ୍ଥ ହୋଇ ଗତକାଲି ଓଡ଼ିଶାକୁ ଫେରିଛନ୍ତି ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ। ଆଜି ସନ୍ଧ୍ୟାରେ ଶ୍ରୀ ନାଏକଙ୍କୁ ତାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ରାଜ୍ୟ ସଭାପତି ମନମୋହନ ସାମଲ ଭେଟି ତାଙ୍କର ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ। ଏଥି ସହିତ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିଲେ। ଏହି ଅବସରରେ ବରିଷ୍ଠ ନେତା ସଜ୍ଜନ ଶର୍ମା, ବିରଞ୍ଚି ତ୍ରିପାଠୀ, ଦିଲ୍ଲୀପ ମଲ୍ଲିକ, ଶାରଦା ଶତପଥୀ, ନିରଞ୍ଜନ ମିଶ୍ର, ସରୋଜ କର, ସୁଜିତ୍ ଦାସ, ରତିକାନ୍ତ ଦାସ, ଲାଲା ମନୋଜ ରାୟ, ଦୂର୍ଗା ନାୟକ, ଦୀପକ ରାୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୭ ଜିଲ୍ଲାକୁ ଛାଡ଼ି ଅନ୍ୟ ସବୁ ଜିଲ୍ଲାରେ ୨୧ରୁ ଖୋଲିବ ସ୍କୁଲ

ଭୁବନେଶ୍ୱର, ୨୦/୦୬ (ନି.ପ୍ର): ଚଳିତମାସ ୨୧ତାରିଖରୁ ରାଜ୍ୟର ସମସ୍ତ ସ୍କୁଲ ଖୋଲିବ । ଗ୍ରୀଷ୍ମଛୁଟି ପରେ ୨୧ତାରିଖରୁ ସ୍କୁଲ ଖୋଲୁଥିଲେ ମଧ୍ୟ ୭ଟି ଜିଲ୍ଲାରେ ଗ୍ରୀଷ୍ମପ୍ରବାହର ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ସକାଳୁଆ ସ୍କୁଲ କିମ୍ବା ସମ୍ପୂର୍ଣ୍ଣ ଛୁଟି ପାଇଁ ନିଷ୍ପତ୍ତି ନେଇପାରିବେ । ବାକି ୨୩ଟି ଜିଲ୍ଲାରେ ଜୁନ୍ ୨୧ରେ ଗ୍ରୀଷ୍ମଛୁଟି ଖୋଲିବ ଓ ସ୍ୱାଭାବିକ ସମୟରେ ସ୍କୁଲ ପାଠପଢ଼ା ହେବ । ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଜି ସମସ୍ତ ଜିଲ୍ଲାପାଳଙ୍କୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି । ରାଜ୍ୟର ସମସ୍ତ ସ୍କୁଲର ଗ୍ରୀଷ୍ମ ଛୁଟି ୨୧ତାରିଖରୁ ଖୋଲିବ । ପାଣିପାଗ ଆକଳନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏନେଇ ବିଚାରବିମର୍ଶ କରିବା ପରେ ୨୧ତାରିଖରୁ ସ୍କୁଲଗୁଡ଼ିକ ସ୍ୱାଭାବିକ ସମୟରେ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି । ତେବେ ପ୍ରତିଷେଧକମୂଳକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ଅନୁଗୁଳ,

▶▶ପୃଷ୍ଠା ୭

## ବାହାନଗାର ବିକାଶ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କଲେ ରେଳମନ୍ତ୍ରୀ

ବାଲେଶ୍ୱର, ୨୦/୦୬ (ନି.ପ୍ର):ବାହାନଗା ବଜାର ଷ୍ଟେସନ୍‌ରେ ଘଟିଥିଲା ଭୟଙ୍କର ଟ୍ରେନ୍ ଦୁର୍ଘଟଣା। ଆଜି ସେଠାରେ ପୁଣି ଥରେ ପହଞ୍ଚିଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସେ ବାହାନଗା ବାସୀଙ୍କ ସହିତ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ରେଳ ଦୁର୍ଘଟଣା ସମୟରେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିବାରୁ ବାହାନଗାବାସୀଙ୍କୁ ଧନ୍ୟବାଦ ରେଳମନ୍ତ୍ରୀ ଜଣାଇଛନ୍ତି। ଏହି ଅବସରରେ ରେଳମନ୍ତ୍ରୀ ବାହାନଗାର ବିକାଶ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ସେହି ଅର୍ଥରେ ବାହାନଗା ମେଡ଼ିକାଲ ଓ ଗାଁର ବିକାଶ କରାଯିବ ବୋଲି ରେଳମନ୍ତ୍ରୀ କହିଛନ୍ତି। ବାହାନଗାରେ କାର୍ଯ୍ୟକ୍ରମ ସାରିବା ପରେ ରେଳମନ୍ତ୍ରୀ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଯାଇଥିଲେ। ସେଠାରେ ଆୟୋଜିତ ରେଳ ଦୁର୍ଘଟଣାରେ ମୃତକଙ୍କ ସ୍ମୃତି ସଭାରେ ଯୋଗଦେଇଥିଲେ।

▶▶ପୃଷ୍ଠା ୭



# ବିଦ୍ୟୁତ୍ ବିଭ୍ରାଟ ସହ ବିଦ୍ୟୁତ୍ ଶକ୍ତି ଉପଲବ୍ଧତାର କୌଣସି ସଂପର୍କ ନାହିଁ : ଗ୍ରିଡ୍କୋ




ଭୁବନେଶ୍ୱର , ୨୦/୦୬ (ନି.ପ୍ର): ରାଜ୍ୟରେ ଯଥେଷ୍ଟ ବିଦ୍ୟୁତ୍ ଶକ୍ତି ଉପଲବ୍ଧ ରହିଛି। ବିଦ୍ୟୁତ୍ ବିଭ୍ରାଟ ସହିତ ବିଦ୍ୟୁତ୍ ଶକ୍ତି ଉପଲବ୍ଧତାର କୌଣସି ସଂପର୍କ ନାହିଁ। ନିଜସ୍ୱ, ସ୍ୱାଧୀନ ଶକ୍ତି କେନ୍ଦ୍ର, କେନ୍ଦ୍ରୀୟ ତାପଜ, ଜଳ ବିଦ୍ୟୁତ ଓ ନବୀକରଣୀୟ ଶକ୍ତି ଇତ୍ୟାଦିରୁ ରାଜ୍ୟର ଚୁକ୍ତିବଦ୍ଧ ବିଦ୍ୟୁତ୍ ଶକ୍ତି ଆହରଣ କ୍ଷମତା ୮୪୮୦ ମେଗାୱାଟ୍ ରହିଛି। ରାଜ୍ୟର ଜଳବିଦ୍ୟୁତ୍ କେନ୍ଦ୍ରଗୁଡିକରୁ 'ପିକ୍ ଡିମାଣ୍ଡ' ସମୟରେ ୧୪୫୦ ମେଗାୱାଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶକ୍ତି ଉପଲବ୍ଧ ହେଉଛି। ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ବିଦ୍ୟୁତ୍ ଶକ୍ତିର ସର୍ବୋଚ୍ଚ ଆବଶ୍ୟକତା ୫୪୦୦ ମେଗାୱାଟ୍ ରହିଛି। ଏଣୁ ଏହି ସର୍ବୋଚ୍ଚ ଚାହିଦା ମେଣ୍ଟାଇବା ପାଇଁ ଶକ୍ତିର ଅଭାବ ନାହିଁ ବୋଲି ଗ୍ରିଡ୍କୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା କହିଛନ୍ତି। ଶ୍ରୀ ପଣ୍ଡା ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ଆବଶ୍ୟକ ବିଦ୍ୟୁତ୍ ଶକ୍ତି ଉପଲବ୍ଧ ଥିଲେ ମଧ ଉତ୍ପାଦନ କେନ୍ଦ୍ରଗୁଡିକର ହଠାତ୍ ବ୍ରେକ୍ ଡାଉନ୍ ଓ ଅନ୍ୟାନ୍ୟ ଜରୁରୀକାଳୀନ ପରିସ୍ଥିତିକୁ ଆଖିଆଗରେ ରଖି ରାଜ୍ୟବାସୀଙ୍କୁ ସ୍ଥିର ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ମଧ୍ୟପ୍ରଦେଶ ଶକ୍ତି ନିଗମ ଲିମିଟେଡ୍ (ଏମ୍‌ପିସିଏଲ୍) ଠାରୁ ୩୫୦ ମେଗାୱାଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶକ୍ତି ବିନିମୟ ବ୍ୟବସ୍ଥାରେ ଆଣିବା ପାଇଁ ଗ୍ରିଡ୍କୋ ଏକ ପାୱାର ବ୍ୟାଙ୍କିଙ୍ଗ୍ ଚୁକ୍ତିନାମା ସ୍ୱାକ୍ଷର କରିଛି। ଏହି ଚୁକ୍ତି ଅନୁଯାୟୀ, ଚଳିତବର୍ଷ ଏପ୍ରିଲ ଓ ଜୁଲାଇ ମାସ ମଧରେ ଗ୍ରିଡ୍କୋ ମଧ୍ୟପ୍ରଦେଶ ଶକ୍ତି ନିଗମ ଠାରୁ ୧୦୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଆଣିବ ଓ ଆବଶ୍ୟକ ପଡ଼ିଲେ ଏହି ଅବଧି ମଧରେ ଯେ କୌଣସି ସମୟରେ ଅଧିକ ୨୫୦ ମେଗାୱାଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶକ୍ତି ଅଣାଯାଇ ପାରିବ। ଏହି ପାୱାର ବ୍ୟାଙ୍କିଙ୍ଗ ଏକ କ୍ୟାସ୍‌ଲେସ୍ ବ୍ୟବସ୍ଥା, ଯେଉଁଥିରେ କେଣସି ଶୁଳ୍କ କିମ୍ବା ଦେୟ ଆଦାରରେ କ୍ରୟ-ବିକ୍ରୟ କରାଯାଏ ନାହିଁ। ଶକ୍ତି ବିନିମୟ ଆଧାରରେ ବିଦ୍ୟୁତ୍ ଶକ୍ତିର ସାମୟିକ ନିଅଣ୍ଟ ଓ ବଳକା ସ୍ଥିତିକୁ ସନ୍ତୁଳିତ କରାଯାଇଥାଏ। ଚଳିତ ଗ୍ରୀଷ୍ମଋତୁରେ ଯେଉଁ ଅତିରିକ୍ତ ଶକ୍ତିର ଆବଶ୍ୟକତା ପଡ଼ିବ ତାହା ମଧ୍ୟପ୍ରଦେଶ ଶକ୍ତି ନିଗମ ଠାରୁ ଅଣାଯିବ। ସେହି ପରିମାଣର ବିଦ୍ୟୁତ୍ ଶକ୍ତି ଆସନ୍ତା ଶୀତଋତୁ (ନଭେମ୍ବରରୁ ଫେବୃଆରି)ରେ ଫେରସ୍ତ କରିଦିଆଯିବ। ଦେଣନେଣ ପ୍ରକ୍ରିୟା ସେହି ଆର୍ଥିକ ବର୍ଷ ମଧରେ ହିଁ ଶେଷ ହେବ। ଜରୁରୀକାଳୀନ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଗ୍ରିଡ୍କୋ ବେଳେବେଳେ ଖୋଲାବଜାରରୁ ଉଚ୍ଚାଦରରେ ବିଦ୍ୟୁତ୍ ଶକ୍ତି କିଣିଥାଏ। ଗତ ଆର୍ଥିକ ବର୍ଷ ଗ୍ରୀଷ୍ମଋତୁରେ ଦର୍ଲିପାଲି (ଏନ୍‌ଟିପିସି) ଉତ୍ପାଦନ ୟୁନିଟ୍ ହଠାତ୍ ବନ୍ଦ ହୋଇଯାଇଛି। ଏଣୁ ଜରୁରୀକାଳୀନ ବିଦ୍ୟୁତ୍ ଶକ୍ତି ଯୋଗାଡ଼ ପାଇଁ ଗ୍ରିଡ୍କୋକୁ ୨୮୫ କୋଟି ଟଙ୍କାର ଅଧିକ ଖର୍ଚ୍ଚ କରିବାକୁ ପଡ଼ିଛି। ବିଭିନ୍ନ ଶକ୍ତି ଉତ୍ପାଦନକାରୀଙ୍କ ଠାରୁ କେନ୍ଦ୍ର ସରକାରଙ୍କ ଅଣ-ଆବଣ୍ଟିତ କୋଟାରୁ ୪୦୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଆଣିବାର ବ୍ୟବସ୍ଥା କରାଯାଇଛି। ଯାହାକି ରଥଯାତ୍ରା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବାରେ ସହାୟକ ହେବ ବୋଲି ଗ୍ରିଡ୍କୋ ଦାବି କରିଛି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସକାଶେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି

ଝାରସୁଗୁଡ଼ା, ୨୦/୦୬ (ନି.ପ୍ର): ବିଭିନ୍ନ ପ୍ରାକୃତିକ ତଥା ମନୁଷ୍ୟ କୃତ ବିପର୍ଯ୍ୟୟର ମୁକାବିଲା ସକାଶେ ପ୍ରସ୍ତୁତି ସମ୍ପର୍କିତ ଜିଲ୍ଲା ସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ ବୈଠକ ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ଲଙ୍କେଶ୍ୱର ଅମାତ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଲମ୍ବୋଦର ବୁଢ଼ା, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ନିବେଦିତା ପ୍ରତିମା ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଆଦି ବିଭିନ୍ନ ବିପର୍ଯ୍ୟୟ ସମୟରେ ଧନଜୀବନ ହାନିରୁ ନିଜକୁ କିପରି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ସମସ୍ତେ ସଚେତନ ହେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କର୍ମଶାଳା ଓ ଡ଼ାକବାଜି ଯନ୍ତ୍ର ସହାୟତାରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସକାଶେ ପୁଲିସ, ଅଗ୍ନିଶମ ବିଭାଗ, ଓଡ୍ରାଫ, ଲାଇନ ଡିପାର୍ଟମେଂଟ, ବିଭିନ୍ନ ସରକାରୀ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ମଧରେ ଉପଯୁକ୍ତ ସମନ୍ୱୟ ରକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉଦ୍ଧାର ଓ ରିଲିଫ ସାମଗ୍ରୀ ପରିବହନ ସକାଶେ ଯାନବାହନର ବ୍ୟବସ୍ଥା, ଚୂଡ଼ା ଚାଉଳ, ଗୁଡ଼ ସହ ମଣିଷ ଓ ଗୃହ ପାଳିତ ପଶୁଙ୍କ ପାଇଁ ଆବଶ୍ୟକୀୟ ଔଷଧ ମହଜୁଦ ରଖିବା ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ଅଧିକାରୀକାରୀମାନଙ୍କୁ ଏ ଦିଗରେ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ବନ୍ୟା ପ୍ରଭାବିତ ଅଂଚଳର ଲୋକମାନଙ୍କୁ ଆଶ୍ରୟ ପ୍ରଦାନ ପାଇଁ ଚିହ୍ନଟ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ , ପାନୀୟ ଜଳ ବ୍ୟବସ୍ଥା ଗ୍ରହଣ, ଗର୍ଭବତୀ ମହିଳା, ଶିଶୁ ଓ ରୋଗୀମାନଙ୍କ ଯତ୍ନ ଓ ଚିକିତ୍ସା ସକାଶେ ଆବଶ୍ୟକୀୟ ବ୍ୟବସ୍ଥା, ଟୀକାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପୃକ୍ତ ବିଭାଗଗୁଡିକ ନିଜ ନିଜ କାର୍ଯ୍ୟାଳୟରେ ଚବିଶ ଘଂଟିଆ କଂଟ୍ରୋଲଲ ରୁମ ଚାଲୁ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଡିପି ଓ ସୁଶାନ୍ତ ମିଶ୍ର ଟେବୁଲ ଟପ ଏକ୍ସଆରସାଇଜ ସମ୍ପର୍କିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ଡୁଆଝର ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ

ନୂଆପଡ଼ା, ୨୦/୦୬ (ନି.ପ୍ର): ବହୁତ ବର୍ଷ ହେଲା ଭଙ୍ଗା ଦଦରା ହୋଇ ବିପଦସଙ୍କୁଳ ଅବସ୍ଥାରେ ଚାଲିଛି ନୂଆପଡା ଜିଲା ଖଡ଼ିଆଳ ବ୍ଲକର ଡୁଆଝର ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ। ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଚୁପ ଥିବା ବେଳେ ଡରି ଡରି ଚାଲିଛି ଅଫିସ କାମ। ବର୍ଷା ହେଲେ ଛାତରୁ ପାଣି ଗଳୁଥିବା ବେଳେ ବାର ମାସ ସିମେଂଟ ଅତଡ଼ା ଖସୁଛି। ଶୀଘ୍ର ସମସ୍ୟାର ସମାଧାନ ପାଇଁ ଦାବୀ ହେଉଛି। ଏହା ଉପରେ ୯ ଟି ପଂଚାୟତର ଚାଷୀ ନିର୍ଭୟ କରନ୍ତି। ସବୁ କୋଠରୀର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅଳ୍ପ ବର୍ଷାରେ ଛାତରୁ ପାଣି ଝରୁଥିବା ବେଳେ, ବର୍ଷଯାକ ଛାତରୁ ସିମେଂଟ ଅତଡ଼ା ଖସୁଛି। ଅନେକ ସମୟରେ ଅଫିସ କାର୍ଯ୍ୟ ମଧ ବାଧାପ୍ରାପ୍ତ ହୋଇଥାଏ। ବିଭିନ୍ନ କାର୍ଯ୍ୟ ବାବଦକୁ ଚାଷୀ ମାନେ ଆସିଥାନ୍ତି ହେଲେ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ସୁରକ୍ଷିତ ମନେ କରୁନାହାନ୍ତି। ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ବାରମ୍ବାର ଦାବୀ ହୋଇଥିଲେ ସୁଦ୍ଧା ସମସ୍ତେ ଚୁପ ରହିଥିବା ଅଭିଯୋଗ ହେଉଛି। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ସହ ସମବାୟ ସମିତିର ସଭାପତି ଯୁବରାଜ ଜଗତ, ସମ୍ପାଦକ ଥବିର ତାଣ୍ଡି ଏବଂ ଜନ ପ୍ରତିନିଧି ବାରମ୍ବାର ଜିଲା ପ୍ରଶାସନକୁ ଅବଗତ କରୁଥିଲେ ହେଁ ପ୍ରଶାସନ କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି। ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ଦାବୀ ହେଉଛି।

# ସମ୍ବିଧାନରେ କେବେ ସ୍ଥାନ ପାଇବ ହୋ, ମୁଣ୍ଡାରୀ ଓ ଭୂମିଜ ଭାଷା : ବିଜେଡି



ଭୁବନେଶ୍ୱର , ୨୦/୦୬ (ନି.ପ୍ର): ଆଦିବାସୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାର ଓ ରାଜ୍ୟ ବିଜେପିକୁ ପୁଣି ଟାର୍ଗେଟ୍ ? କରିଛି ବିଜେଡି। ଆଦିବାସୀ ଭାଇ ଓ ଭଉଣୀମାନଙ୍କ ଦ୍ୱାରା କଥିତ ଭାଷା ଭାରତ ପାଇଁ ମୂଲ୍ୟବାନ। ଆଦିବାସୀମାନଙ୍କ ପରିଚୟ ପାଇଁ ଭାଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭଳି ସ୍ଥିତିରେ ରାଜ୍ୟର ତିନିଟି ପ୍ରମୁଖ ଆଦିବାସୀ ଭାଷା ହୋ, ମୁଣ୍ଡାରି ଓ ଭୂମିଜକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ କେବେ ସ୍ଥାନ ମିଳିବ ବୋଲି ପ୍ରଶ୍ନ କରିଛି ବିଜେଡି। ସୋମବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଥିଲେ ଯେ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଏହି ତିନି ଆଦିବାସୀ ଭାଷାକୁ ଅନ୍ତର୍ଭୁକ୍ତ କରିବାର ଏକ ବଡ଼ ଆବଶ୍ୟକତା ଅଛି। ରାଜ୍ୟରେ ଅନୁସୂଚିତ ଜନଜାତିର ଜନସଂଖ୍ୟା ୨୨.୮୫ ପ୍ରତିଶତରୁ ଅଧିକ। ଓଡ଼ିଶାରେ ୬୨ଟି ଆଦିବାସୀ ସମ୍ପ୍ରଦାୟ ବାସ କରନ୍ତି, ଯେଉଁଥିରେ ୧୩ଟି ବିଶେଷ ଭାବରେ ବିଲୁପ୍ତ ପ୍ରାୟ ଆଦିବାସୀ ସମ୍ପ୍ରଦାୟ(ପିଭିଟିଜି) ଅନ୍ତର୍ଭୁକ୍ତ। ଏହି ତିନିଟି ଭାଷା ହୋ, ମୁଣ୍ଡାରି ଓ ଭୂମିଜ କହୁଥିବା ଆଦିବାସୀ ସମ୍ପ୍ରଦାୟ ସେମାନଙ୍କ ଭାଷାକୁ ସମ୍ବିଧାନରେ ସାମିଲ କରିବା ପାଇଁ ଦୀର୍ଘ ଦିନ ଧରି ଦାବି କରି ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ପୂର୍ବରୁ ଭାରତର ଗୃହ ମନ୍ତ୍ରୀଙ୍କୁ ଲେଖିଥିଲେ ଏବଂ ତିନିଟି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବାକୁ ଅନୁରୋଧ କରିଥିଲେ। ବିଜେଡିର ସାଂସଦମାନେ ମଧ ସଂସଦରେ ଏହି ଦାବି ବାରମ୍ବାର ଉଠାଇଥିଲେ। ତେବେ ଓଡ଼ିଶାର ବିଜେପି ସାଂସଦ ତଥା କେନ୍ଦ୍ର ମନ୍ତ୍ରୀମାନେ ବିଶେଷ କରି ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ମନ୍ତ୍ରୀ ଓ ସାଂସଦମାନେ ଏହି ପ୍ରସଙ୍ଗରେ ଚୁପ୍ ରହିବା ଆଶ୍ଚର୍ଯ୍ୟଜନକ। ସେମାନେ ସଂସଦରେ କିମ୍ବା ଅନ୍ୟ କୌଣସି ପ୍ଲାଟଫର୍ମରେ ଏହି ପ୍ରସଙ୍ଗରେ କଦାପି ସ୍ୱର ଉତ୍ତୋଳନ କରୁ ନାହାନ୍ତି। ଶ୍ରୀମତୀ ହେମ୍ବ୍ରମ୍ ଆହୁରି କହିଛନ୍ତି, ହୋ ଭାଷା ଓଡ଼ିଶା ଓ ଝାଡ଼ଖଣ୍ଡରେ ରହୁଥିବା ପ୍ରାୟ ୧୦ ଲକ୍ଷ ଆଦିବାସୀଙ୍କ ଦ୍ୱାରା କଥିତ ଭାଷା। ଅଷ୍ଟମ ଅନୁଚ୍ଛେଦରେ ସାମିଲ ହୋଇସାରିଥିବା ସାନ୍ତାଳି ପରେ ହୋ ହେଉଛି ଓଡ଼ିଶାରେ ବହୁଳ ଭାବେ କୁହାଯାଉଥିବା ଦ୍ୱିତୀୟ ଆଦିବାସୀ ଭାଷା। ଭାରତ ମୁଣ୍ଡା ସମାଜର ଓଡ଼ିଶା ସଭାପତି ତଥା ସର୍ବଭାରତୀୟ ମୁଣ୍ଡାରୀ ଭାଷା ଶିକ୍ଷା ବୋର୍ଡର ଅଧକ୍ଷ ରବୀନ୍ଦ୍ର ନାଥ ସିଂହ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ସମଗ୍ର ଦେଶରେ ପ୍ରାୟ ୭୫ଲକ୍ଷ ଲୋକ ମୁଣ୍ଡାରୀ ଭାଷା କହୁଥିବା ବେଳେ ଓଡ଼ିଶାର ୮ଲକ୍ଷରୁ ଅଧିକ ଲୋକେ ମୁଣ୍ଡାରୀ ଭାଷା କହିଥା'ନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ପ୍ରାଥମିକ ସ୍ତରରେ ଏହି ଭାଷାରେ ଶିକ୍ଷାଦାନ ଲାଗି ୨୫୦ ଜଣ ପ୍ରାଥମିକ ଶିକ୍ଷକ ନିଯୁକ୍ତି କରିଛନ୍ତି। ମୁଣ୍ଡାରୀ ଭାଷାର ନିଜସ୍ୱ ଲିପି ରହିଛି ଯାହାର ନାଁ ହେଉଛି 'ମୁଣ୍ଡାରୀବାଣୀ'। ସେହିଭଳି ଓଡ଼ିଶାରେ ତିନିଲକ୍ଷରୁ ଅଧିକ ଲୋକେ ଭୂମିଜ କହିଥା'ନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ତଥା କେନ୍ଦୁଝର ଜିଲ୍ଲା ବିଜେଡି ସଭାପତି ମାଧବ ସର୍ଦ୍ଦାର ଓ ପୂର୍ବତନ ବିଧାୟକ ତଥା ବିଜେଡିର ସାଧାରଣ ସମ୍ପାଦକ ଧର୍ନୁଜୟ ସିଦ୍ଧୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅସୁରବନ୍ଧ ବାତ୍ୟା ଆଶ୍ରୟସ୍ଥଳୀରେ ସାମୁହିକ ଅଭ୍ୟାସ

ଭୁବନ, ୨୦/୦୬ (ନି.ପ୍ର): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କମିଟି ନିର୍ଦ୍ଦେଶ କ୍ରମେ ଭୁବନ ବ୍ଲକ ଅନ୍ତର୍ଗତ ଭୂଷଳ ପଂଚାୟତର ଆସୁରବନ୍ଧ ବାତ୍ୟା ଆଶ୍ରୟସ୍ଥଳୀରେ(ମକ ଡ୍ରୀଲ) ସାମୁହିକ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ କଲ୍ୟାଣ ସୌରଭ ଦାଶ ଓ ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେରେ ଏବିଇଓ, ଜିପିଇଓ, ସରପଂଚ, ପଂଚାୟତ ନିର୍ବାହୀ ଅଧକାରୀ, ଅଙ୍ଗନବାଡ଼ି କର୍ମୀ, ସୁପର ଭାଇଜର, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ବିଦ୍ୟାଳୟ ଛାତ୍ର ଛାତ୍ରୀ ଓ ଗ୍ରାମବାସୀ ମାନଙ୍କ ଉପସ୍ଥିତିରେ ସାମୁହିକ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଗଞ୍ଜାମ ଜିଲ୍ଲାରେ ୯ ବିଇଓ ଏବଂ ୧୬ ପ୍ରଧାନଶିକ୍ଷକ ପଦବି ଖାଲି

ଗଞ୍ଜାମ, ୨୦/୦୬ (ନି.ପ୍ର): ଗୁଣାତ୍ମକ ଶିକ୍ଷାର ବିକାଶ ଓ ପିଲା ମାନଙ୍କୁ ଯୁଗୋପଯୋଗୀ କରିବା ଲାଗି ରାଜ୍ୟ ସରକାର ବିଭିନ୍ନ ହାଇସ୍କୁଲକୁ ରୂପାନ୍ତରିତ କରି ସ୍ମାର୍ଟ ସ୍କୁଲରେ ପରିଣତ କରିଛନ୍ତି । ଯେଉଁଠି ଛାତ୍ରଛାତ୍ରୀଙ୍କୁ ସ୍ମାର୍ଟ ପାଠାଗାର ଓ ଲ୍ୟାବ୍ ଭଳି ଅନେକ ଅତ୍ୟାଧୁନିକ ସୁବିଧା ଯୋଗାଇ ଦିଆଯାଇଛି। ଏହା ଏକ ବୈପ୍ଳବିକ ପଦକ୍ଷେପ ସତ, କିନ୍ତୁ ଦୁଃଖର କଥା ହେଉଛି ବ୍ଲକ ସ୍ତରରେ ଶିକ୍ଷା ବ୍ୟବସ୍ଥାର ପରିଚାଳନା ପାଇଁ ଖାଲି ପଡିଥିବା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପଦବି ଏବଂ ବିଦ୍ୟାଳୟ ଗୁଡିକରେ ପ୍ରଧାନଶିକ୍ଷକ ପଦବି ପୂରଣ କରିବା ଦିଗରେ ସରକାରଙ୍କ ନିଘା ନାହିଁ । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲାରେ । କେବଳ ପ୍ରଧାନଶିକ୍ଷକ ନୁହଁନ୍ତି ବିଭିନ୍ନ ବିଦ୍ୟାଳୟରେ ପାଠ ପଢାଇବାକୁ ଶିକ୍ଷକଙ୍କର ମଧ ଅଭାବ ରହିଛି । ୩୭୩ଟି ବିଦ୍ୟାଳୟକୁ ରୂପାନ୍ତରଣ କରାଯାଇଥିଲେ ମଧ ମାନବ ସମ୍ବଳ ଅଭାବ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ୯ଟି ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ ବିଇଓ ଏବଂ ୧୬ଟି ହାଇସ୍କୁଲରେ ପ୍ରଧାନଶିକ୍ଷକ ପଦବି ଖାଲି ପଡିଛି । ସବୁଠି କାମଚଳା ନୀତିରେ ଶିକ୍ଷକ ଓ ପ୍ରଧାନଶିକ୍ଷକ ମାନେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି ।

# ୧୦ ଦିନ ହେଲା ଗଣ୍ଡାକିଆ ଗ୍ରାମରେ ମିଳୁନି ପିଇବା ପାଣି

କେନ୍ଦ୍ରାପଡ଼ା, ୨୦/୦୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକର ଆୟବା ଗ୍ରାମ ପଂଚାୟତ ଅଧିନ ଗଣ୍ଡାକିଆ ଗ୍ରାମକୁ ପ୍ରାୟ ୧୦ ଦିନ ହେବ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟାହତ ହୋଇ ଥିବାରୁ ଗ୍ରାମବାସୀମାନେ ପିଇବା ପାଣି ଟୋପେ ପାଇବା ପାଇଁ ଦହଗଞ୍ଜ ହେଉଥିବା ଅଭିଯୋଗ ହୋଇଛି । ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମୀଣ ଜଳ ଯୋଗାଣ ସଂସ୍ଥାର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଅଭିଯୋଗ କରାଯାଇ ତୁରନ୍ତ ପାନୀୟ ଜଳ ଯୋଗାଣର ସମୟ ପରିବର୍ତ୍ତନ କରାଯିବା ସହ ଅନ୍ୟ ଏକ ପାଣି ଟାଙ୍କି ନିର୍ମାଣ ପାଇଁ ଦାବି କରିଛନ୍ତି । ଅଭିଯୋଗ ମୁତାବକ ନରଣପୁର ବୋରିଂ ପଏଣ୍ଟରୁ ଗଣ୍ଡାକିଆକୁ ପାଇପ ଯୋଗେ ଯାଉଥିବା ପାଣିକୁ ଅନ୍ୟ ଗ୍ରାମାବସୀ ମାନେ ପାଇପ ଫୁଟାଇ ଚାଷବାସ କାମରେ ଲଗାଉ ଥିବାରୁ ଗଣ୍ଡାକିଆ ଗ୍ରାମକୁ ପାଇଣି ଯାଇପାରୁ ନାହିଁ । ପାଣି ଯୋଗାଉ ଥିବା ମଟର ଡ୍ରାଇଭର ଜଣକ ନରଣପୁର ଗ୍ରାମର ହୋଇ ଥିବାରୁ ତା ଜ୍ଞାତସାର ରେ ଅନ୍ୟ ଗ୍ରାମର ଲୋକେ ପାଣି ଅପଚୟ କରୁଥିବାରୁ ଗଣ୍ଡାକିଆ ପାଇଁ ଅନ୍ୟ ସମୟରେ ପାଣି ଯୋଗାଇବା ବ୍ୟବସ୍ଥା କରିବାକୁ ଓ ଗଣ୍ଡାକିଆ ରେ ଉଚ୍ଚ ଉଚ୍ଚ ପାଣି ଟାଙ୍କି ନିର୍ମାଣ କରିବାକୁ ସନ୍ତୋଷ କୁମାର ଦାସ, ବାସୁଦେବ ଜେନା, ଚିତ ରଞ୍ଜନ ସ୍ୱାଇଁ, ସଂଯୁକ୍ତା ସ୍ୱାଇଁ, ଉର୍ମିଳା ସ୍ୱାଇଁ, ଶୈଳବାଳା ସାହୁ ପ୍ରମୁଖ ଦାବି ଜଣାଇଛନ୍ତି ।

# ମାଟିତଳେ ପ୍ରାଚୀନ କଳିଙ୍ଗର କୀର୍ତ୍ତିରାଜି



ଧର୍ମଶାଳା , ୨୦/୦୬ (ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତ ରାଧାନଗର ଗାଁ ନିକଟ ମାଟିତଳେ ଲୁଚିରହିଛି ପ୍ରାଚୀନ କଳିଙ୍ଗର ୨ହଜାର ବର୍ଷ ପୂର୍ବର ଐତିହାସିକ କୀର୍ତ୍ତିରାଜି। ସରକାରୀ ଉଦାସୀନତା ପାଇଁ ଏହା ସେମିତି ପୋତି ହୋଇ ରହିଛି। ଦୁଃଖର ବିଷୟ ହେଉଛି, ଏହାର ଉଦ୍ଧାର ତଥା ସୁରକ୍ଷା ପାଇଁ କେହି ଗୁରୁତ୍ୱ ଦେଉନାହାନ୍ତି। ୨୦୦୪-୨୦୦୬ ମସିହା ମଧରେ ଉତ୍କଳୀୟ ନୌବାଣିଜ୍ୟ ଓ ଦକ୍ଷିଣ-ପୂର୍ବ ଏସୀୟ ଗବେଷଣା ପ୍ରତିଷ୍ଠାନ (ଏଏସ୍‌ଆଇ) ତତ୍ତ୍ୱାବଧାନରେ ରାଧାନଗର ଗାଁ ନିକଟରେ ପ୍ରତ୍ନତାତ୍ତ୍ୱିକ ଖନନ ହୋଇଥିଲା। ଖନନ ସମୟରେ ଏକ ବିଧ୍ୱସ୍ତ ଦୁର୍ଗର ପ୍ରାଚୀର ଆବିଷ୍କୃତ ହୋଇଥିଲା। ଇଟାରେ ନିର୍ମିତ ଏହି ପ୍ରାଚୀରର ଓସାର ୩୦ ଫୁଟ ଓ ଉଚ୍ଚତା ୮ଫୁଟ। ଶିଶୁପାଳଗଡ଼, ଜଉଗଡ଼ ଓ ଅସୁରଗଡ଼ ସହିତ ଏହାର ସାମଞ୍ଜସ୍ୟ ରହିଥିବା ଗବେଷଣାରୁ ଜଣାପଡ଼ିଛି। ସେହିପରି, ଅଶୋକଙ୍କ ସାନଭାଇ ତିସାଙ୍କ ନାମ ଉଲ୍ଲେଖଥିବା ପ୍ରସ୍ତର ମୋହର, ତୋଷାଳି ସଂପର୍କିତ ଲିପି, ଖ୍ରୀଷ୍ଟପୂର୍ବ ସମୟର ରୌପ୍ୟ ମୁଦ୍ରା ଓ ପରବର୍ତ୍ତୀ କୁଶାଣ ସମୟର ସ୍ୱର୍ଣ୍ଣ ଓ ତାମ୍ର ମୁଦ୍ରା, ଟେରାକୋଟା ଅଳଙ୍କାର, ଚତୁର୍ଥ ଶତାବ୍ଦୀର ଶ୍ରୀ ନନ୍ଦ ଉଲ୍ଲେଖ ଥିବା ତାମ୍ର ମୁଦ୍ରା, କଉଡ଼ି, ପୋଡ଼ା ଇଟା, ମାଟିପାତ୍ର, ପ୍ରାଚୀନ ମୂର୍ତ୍ତି ଆଦି ବିଭିନ୍ନ ସାମଗ୍ରୀ ମିଳିଥିଲା। ଏଥିରୁ ପ୍ରମାଣିତ ହୋଇଥିଲା ଯେ ଏକଦା ରାଧାନଗର ପ୍ରାଚୀନ ଉତ୍କଳର ରାଜଧାନୀ, ଅଶୋକଙ୍କ ଅନ୍ୟତମ କଳିଙ୍ଗ ଯୁଦ୍ଧକ୍ଷେତ୍ର ଓ ଏକ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଥିଲା। ଏହାର ରୋମ୍ ଏବଂ ଦକ୍ଷିଣ-ପୂର୍ବ ଏସିଆ ମହାଦେଶ ସହିତ ବାଣିଜ୍ୟିକ ସଂପର୍କର ପ୍ରମାଣ ମିଳିଥିବା ବୌଦ୍ଧ ଗବେଷକ ଡ. ନୃସିଂହ ଚରଣ ସାହୁଙ୍କ ସୂଚନାରୁ ଜଣାପଡ଼ିଛି। ସେହିପରି, ବମ୍ଫୁ ଗ୍ରାମ ନିକଟରେ ରାଜ୍ୟ ସଂସ୍କୃତି ବିଭାର ପ୍ରତ୍ନତାତ୍ତ୍ୱିକ ଖନନରୁ ଏକ ଇଟା ନିର୍ମିତ ପାଚେରି ଆବିଷ୍କୃତ ହୋଇଥିଲା। ଭୂମି ପତନଠାରୁ ୬ ଫୁଟ ତଳୁ ଦୃଶ୍ୟମାନ ଏହି ପ୍ରାଚୀରର ଚଉଡ଼ା ୧୫ ଫୁଟ ଓ ଉଚ୍ଚତା ୧୦ ଫୁଟ ରହିଛି। ଯାହା ରାଧାନଗର ଦୁର୍ଗର ପଶ୍ଚିମ ପାର୍ଶ୍ୱଦ୍ୱାରର ଇଟା ନିର୍ମିତ ପାଚେରିର ଏକ ବୃହତ୍ ଅଂଶ ବୋଲି କୁହାଯାଇଛି।

# ବଲାଙ୍ଗିରରେ ଉତ୍କଳମଣିଙ୍କ ୯୫ତମ ଶ୍ରାଦ୍ଧୋତ୍ସବ

ବଲାଙ୍ଗୀର, ୨୦/୦୬ (ନି.ପ୍ର): ସେବକ ଶିରୋମଣି,ସେବା ଓ ତ୍ୟାଗର ମୁକ୍ତିମନ୍ତ ପ୍ରତୀକ,ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଦୈନିକ ଖବର କାଗଜ 'ସମାଜ'ର ପ୍ରାଣ ପ୍ରତିଷ୍ଠାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୫ ତମ ଶ୍ରାଦ୍ଧୋତ୍ସବ ବଲାଙ୍ଗିର 'ସମାଜ' କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାଣୀବନ୍ଧ ଜଳାଶୟ ପରିସରରେ ସ୍ୱତନ୍ତ୍ର ଭାବେ ଶ୍ରାଦ୍ଧ ପୂଜା ଆୟୋଜନ କରାଯାଇଥିଲା। ଯଥା ରୀତିନୀତି ଅନୁଯାୟୀ, ସୂର୍ଯ୍ୟଦେବତାଙ୍କୁ ଜଳ ଦେଇ ତିଳ ତର୍ପଣ କରାଯାଇଥିଲା। ପଣ୍ଡିତ ଗୁରୁଶ୍ରୀ କାର୍ତ୍ତିକ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ 'ସମାଜ'ର ରିପୋର୍ଟର ତଥା ସହ ସମ୍ପାଦକ ବିଭୁ କଲ୍ୟାଣ ଗଡ଼ତ୍ୟା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସମସ୍ତଙ୍କ ମଙ୍ଗଳ କାମନା କରି ଶାନ୍ତିପାଠ କରାଯାଇଥିଲା। ଏହି ଉପଲକ୍ଷେ ସପ୍ତବ୍ରାହ୍ମଣଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା। ଜଳଚରପ୍ରାଣୀଙ୍କୁ ଖାଦ୍ୟ ବଂଟନ କରାଯାଇଥିଲା। ସ୍ଥାନୀୟ ପତିତପାବନ ଏକାଡେମୀ ପରିସରସ୍ଥିତ ଉତ୍କଳମଣିଙ୍କ ସହ ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ଅବସରରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ପୌରାଧକ୍ଷା ଲିକା ସାହୁଙ୍କ ସମେତ ସହରର ବଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ସହରର କୌଣସି ଛକରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବିଧାୟକ ଶ୍ରୀ ମିଶ୍ର ଆଲୋଚନା କରିଥିଲେ। ସହର ମଧରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ତାଙ୍କ ନାମରେ ଏକ ଉଦ୍ୟାନ ନାମିତ କରିବାକୁ ପୌରପରିଷଦ ପକ୍ଷରୁ ପ୍ରସ୍ତାବ ପାରିତ ହୋଇଥିବା ଓ ଖୁବଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ପୌରାଧକ୍ଷା ଶ୍ରୀମତୀ ସାହୁ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ,ନାଗରିକ କମିଟିର ସଭାପତି ଇଂ ବେଲାର ସିଂ ଭୋଇ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ମନରଞ୍ଜନ ପୁରୋହିତ, ଦିବାକର ହୋତା, ଗୋପଭୂଷଣ ନାଥ, ଧର୍ମବ୍ରତ ରଥ,ସନ୍ଦୀପ କୁଅଁର, ଦୁର୍ଗାପ୍ରସନ୍ନ ଛୁରିଆ, ନୃପ ଭୋଇ, ମୀନକେତନ ମାଝୀ, ରଞ୍ଜିତ ମିଶ୍ର, ପ୍ରଶାନ୍ତ ମହାକୁର, ରାଜା ମିଶ୍ର, ବିନୋଦ କାଲସାଏ, ରବି ଖମାରୀ, ସଞ୍ଜୟ ସାହୁ, ରଜତ ପଧାନ,କନ୍ଦର୍ପ ରଣା, ବିଶ୍ୱଜିତ ପଟେଲ, ଦେବାଶିଷ ସାହୁ ଉପସ୍ଥିତ ଥିଲେ।

# ୧୦୦୦ରୁ ଉର୍ଦ୍ଧ୍ୱ ମାମଲା ଦାୟର କରିଥିବା ମାନବ ଅଧୀକାର କର୍ମୀ ସାଗର ଜେନା ସମ୍ମାନିତ

କେନ୍ଦ୍ରାପଡ଼ା, ୨୦/୦୬ (ନି.ପ୍ର): ଏକ ସୁସ୍ଥ ସମାଜ ଗଠନ ନିମନ୍ତେ ପ୍ରତ୍ୟେକ ଦିନ ଅନେକ ସାମାଜିକ କର୍ମୀ ବିଭିନ୍ନ ପ୍ରୟାସ କରିଆସୁଛନ୍ତି। ସେମାନଙ୍କ ମରୁ କେନ୍ଦ୍ରାପଡା ଜିଲ୍ଲା କଂସାର ପଂଚାୟତ ଅନ୍ତର୍ଗତ ଏଣ୍ଡର ଗ୍ରାମର ସ୍ୱର୍ଗତ କିଶୋର ଚନ୍ଦ୍ର ଜେନାଙ୍କ କନିଷ୍ଠ ପୁତ୍ର ଶ୍ରୀ ସାଗର ଜେନା ଅନ୍ୟତମ। ଶ୍ରୀ ଜେନା ଜଣେ ଜାତୀୟ ମାନବାଧୀକାର କର୍ମୀ ଭାବେ ରାଜ୍ୟରେ ବେଶ ପରିଚିତ। ସେ ଏଇ ନିକଟ ଅତୀତରେ ତାଙ୍କର ୧୦୦୦ ମାମଲା ଜାତୀୟ ଓ ବିଭିନ୍ନ ରାଜ୍ୟ ମାନବାଧୀକାର ଆୟୋଗଙ୍କ ନିକଟରେ ଦାୟର କରିଛନ୍ତି। ସେଥିମଧରୁ ଆମ ଦେଶରେ ୧୮ ଟି ରାଜ୍ୟରେ ସମୁଦାୟ ୨୫୨ଟି କେସରେ ବିଗତ ୩ ବର୍ଷ ମଧରେ ସଫଳତା ହାସଲ କରି ପାଖାପାଖି ୩୦ କୋଟି ଟଙ୍କା ମାନବ ଅଧିକାର ଉଲଙ୍ଘନ ହୋଇଥିବା ପୀଡିତାମାନଙ୍କୁ ସହାୟତା ପ୍ରଦାନ କରାଇବାରେ ସଫଳ ହୋଇଛନ୍ତି । ଏଭଳି ବ୍ୟକ୍ତିତ୍ୱଙ୍କୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି ସମ୍ମାନୀତ କରାଇଛନ୍ତି । ଶ୍ରୀ ଜେନାଙ୍କୁ ଚଳିତ ମାସ ୧୫ ତାରିଖ ରଜ ସଂକ୍ରାନ୍ତି ଅବସରରେ ଗୁପ୍ତ କ୍ଷେତ୍ର ସଖୀବଟ ଠାରେ ସମ୍ମାନୀତ କରିବାରେ ଚାରିଟେବୁଲ ଟ୍ରଷ୍ଟର ଉପ ସଭାପତି ରଶ୍ମି ରଞ୍ଜନ ବାରିକ, କେଦାର ସ୍ୱାଇଁ, ସୁନିଲ ଦାସ, ନଳିନୀ କାନ୍ତ ବେହେରା ଓ ଏସୟୁଜେ ସାମ୍ବାଦିକ ସଂଗଠନର ରାଜ୍ୟ ସମ୍ପାଦକ ଶିବାଶିସ ମହାନ୍ତି , ଜିଲ୍ଲା ସଭାପତି ଦୈତାରି ଜେନା, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ନାୟକ, ନିରଞ୍ଜନ ପରିଡ଼ା, ଆକାଶ ଦାସ ଓ ଅସିତ୍ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ଯାନବାହନ ଯାଂଚ୍: ୨୭ ମୋକଦ୍ଦମା ରୁଜୁ

ଗଞ୍ଜାମ, ୨୦/୦୬ (ନି.ପ୍ର): ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଗତ ଶନିବାର ଓ ରବିବାର ଦୁଇ ଦିନ ଧରି ନାକାବନ୍ଦୀ କରାଯାଇ ବେପରୁଆ ଗାଡ଼ିଚାଳନା, ମଦ୍ୟପ ଡ୍ରାଇଭର, ବିନା ପ୍ରମାଣପତ୍ରରେ ଗାଡି ଚଳାଇବା ଇତ୍ୟାଦି ଅଭିଯୋଗରେ ଯାନବାହନ ତନଖି କରାଯାଇଥିଲା । ଏବଂ ୨୭ଟି ମୋକଦ୍ଦମା ରୁଜୁ କରାଯାଇଛି । ସମସ୍ତ ଗାଡି ଗୁଡିକ ଜବତ କରାଯାଇଛି ବୋଲି ବ୍ରହ୍ମପୁର ଏସପି ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୨୧ ଜୁନ୍ ୨୦୨୩, ବୁଧବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସାମ୍ବିଧାନିକ ବ୍ୟବସ୍ଥା...

ବର୍ତ୍ତମାନ ସମୟରେ କେତେକ ରାଜ୍ୟପାଳ ରାଜ୍ୟ ଶାସନରେ ନିଜକୁ ସର୍ବେସର୍ବା ମନେ କରୁଛନ୍ତି ; ସମ୍ବିଧାନର ବିସ୍ ବ୍ୟବସ୍ଥା ପ୍ରତି ସେମାନଙ୍କର କ୍ୱଚିତ୍ କୌଣସି ଖାତିର ଅଛି, ଯେଉଁଥିପାଇଁ ରାଜ୍ୟପାଳ ପଦବୀର ଯଥାର୍ଥତାକୁ ନେଇ ଅନେକ ଥର ପ୍ରଶ୍ନ ଉଠିଛି ଏବଂ ଏହା ଉପରେ ତର୍କ ବିତର୍କ ମଧ ଚାଲୁ ରହିଛି । ତାମିଲନାଡୁର ରାଜ୍ୟପାଳ ଆରଏନ୍ ରବି ଏହିଭଳି ରାଜ୍ୟପାଳମାନଙ୍କ ମଧ୍ୟରୁ ଜଣେ । ଯେବେଠାରୁ ସେ ତାମିଲନାଡୁର ରାଜ୍ୟପାଳ ହେଲେଣି, ତାଙ୍କର ନିର୍ବାଚିତ ସରକାର ସହିତ ତୁ ତୁ ମେଁ ମେଁ ଲାଗି ରହିଛି ଏବଂ ଏହା ଗଣମାଧମରେ ଖବରର ଶିରୋନାମା ପାଲଟି ଆସିଛି । ପୁଣିଥରେ ସେ ଏବେ ଆସିଛନ୍ତି ଚର୍ଚ୍ଚାକୁ ସମ୍ପୃକ୍ତ ରାଜ୍ୟର ଦୈନନ୍ଦିନ ଶାସନ ବ୍ୟାପାରରେ ମୁଣ୍ଡ ପୂରାଇବା ନେଇ, ଯେଉଁ କ୍ଷେତ୍ରରେ ସେ ଉଦ୍ୟମ କରିଛନ୍ତି ବାଧାବିଘ୍ନ ସୃଷ୍ଟି କରିବାକୁ । ତାଙ୍କଦ୍ୱାରା କୃତ ଏଇ କାମଟି ହେଉଛି- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମନ୍ତ୍ରୀ ପଦର ପୁନଃଆବଣ୍ଟନ ସୁପାରିସକୁ ପ୍ରାଥମିକ ଅବସ୍ଥାରେ ବିରୋଧ କରିବା ଏବଂ ଏହା ପରେ ତାକୁ ନେଇ ନିଜର ବ୍ୟକ୍ତିଗତ ମତାମତ ପ୍ରଦାନ କରିବା । ଏପରି ଘଟଣା ଘଟିଛି ମୁଖ୍ୟମନ୍ତ୍ରୀ ଏମ୍ ଷ୍ଟାଲିନ୍ ଯେତେବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ରାଜ୍ୟର ବିଦ୍ୟୁତ୍ ଶକ୍ତି ଏବଂ ଅବକାରୀ ମନ୍ତ୍ରୀ ଭି ସେହିଲ ବାଲାଜୀ ଗିରଫ ହେବା ପରେ ତାଙ୍କ ପଦରେ ଅନ୍ୟ ଦୁଇଜଣଙ୍କୁ ନିଯୁକ୍ତି ଦେବାକୁ ସୁପାରିସ ପତ୍ର ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଇଲେ, ସେ ତାକୁ ବିରୋଧ କରିବା ସହିତ ସର୍ବସାଧାରଣରେ ଜଣେ ମନ୍ତ୍ରୀ ଭାବରେ ଶ୍ରୀ ବାଲାଜୀଙ୍କର ରହିବା ନେଇ ତାଙ୍କୁ ପଚରା ଯାଇ ନଥିବା କି ତାଙ୍କଠାରୁ ଆଶା କରାଯାଉ ନଥିବା ଅବାଞ୍ଛିତ ମନ୍ତବ୍ୟ ପ୍ରଦାନ କଲେ । ତାଙ୍କର ଏହି ମନ୍ତବ୍ୟ, 'ଭି ସେନ୍ଥିଲ ବାଲାଜୀ ଯେହେତୁ ନୈତିକ ଅଧଃପତନ ଯୋଗୁଁ ଏକ ଅପରାଧିକ ମାମଲାର ସମ୍ମୁଖୀନ ହୋଇ ବିଚାର ବିଭାଗୀୟ ହାଜତରେ ରହିଛନ୍ତି, ତେଣୁ ସେ ତାଙ୍କର ମନ୍ତ୍ରୀ ପରିଷଦର ଜଣେ ସଦସ୍ୟ ଭାବରେ ରହିବା ସହିତ ସହମତ ନୁହନ୍ତି' ମନ୍ତ୍ରୀ ପଦର ପୁନଃଆବଣ୍ଟନ ବିଜ୍ଞପ୍ତି ସହିତ ପ୍ରକାଶ ପାଇଛି । ରାଜ୍ୟପାଳଙ୍କ କାର୍ଯ୍ୟ ବାବଦରେ ଭାରତୀୟ ସମ୍ବିଧାନ ଉଲ୍ଲେଖ କରିଛି ଯେ ରାଜ୍ୟର କାର୍ଯ୍ୟପାଳିକା କ୍ଷମତା ରାଜ୍ୟପାଳଙ୍କଠାରେ ନିହିତ ଯିଏକି ରାଜ୍ୟର ମନ୍ତ୍ରୀ ପରିଷଦଙ୍କ ସହାୟତା ଏବଂ ପରାମର୍ଶରେ ସେହି କ୍ଷମତାର ଉପଯୋଗ କରି ପାରିବେ, ଯାହା ସାମୂହିକ ଭାବରେ ନିର୍ବାଚିତ ବ୍ୟବସ୍ଥାପିକା ନିକଟରେ ଉତ୍ତରଦାୟୀ । ସମ୍ବିଧାନ ଅବଶ୍ୟ କହିଛି ଯେ ଜଣେ ମନ୍ତ୍ରୀ 'ରାଜ୍ୟପାଳଙ୍କ ଇଚ୍ଛା। ଆଗ୍ରହ ଅବଧିରେ' ତାଙ୍କର କାର୍ଯ୍ୟ ନିର୍ବାହ କରି ପାରିବେ– ଏକ ଉପଯୋଗ ଯାହାକୁ ଭାରତ ସରକାରଙ୍କ ଆଇନ, ୧୯୩୫ରୁ ଉଧାର ଅଣା ଯାଇଛି । ପୁନଶ୍ଚ, କୋର୍ଟମାନେ 'ରାଜ୍ୟପାଳଙ୍କ ଇଚ୍ଛା। ଆଗ୍ରହ'କୁ ବିଭିନ୍ନ ସମୟରେ ତର୍ଜମା କରିଛନ୍ତି ଯାହା ପରିଶେଷରେ ଏଇ ଅର୍ଥ ବାହାର କରିଛି ଯେ ଏହା ହେଉଛି ବ୍ୟବସ୍ଥାପିକାର ଆଗ୍ରହ, ଯାହାକୁ ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ଜଣାଇ ଦିଆଯିବ, ଯିଏକି ବ୍ୟବସ୍ଥାପିକାର ଅଧିକାଂଶ ସଦସ୍ୟଙ୍କ ସମର୍ଥନ ଲାଭ କରୁଥାନ୍ତି । ତେଣୁ ସମ୍ପ୍ରତି ତାମିଲନାଡୁର ରାଜ୍ୟପାଳ ଶ୍ରୀଯୁକ୍ତ ରବି ହିଁ କେବଳ ବୁଝାଇ ଦେଇ ପାରିବେ କେଉଁ ସାମ୍ବିଧାନିକ ବିଧିଂ ବ୍ୟବସ୍ଥା ତାଙ୍କୁ ମନ୍ତ୍ରୀ ପରିଷଦର ଜଣେ ସଦସ୍ୟଙ୍କୁ ବଛାଯିବା ଉପରେ ପ୍ରଶ୍ନ କରିବାକୁ କ୍ଷମତା ଦେଇଛି । ଏହି ପ୍ରଶ୍ନ ନିଶ୍ଚିତ ଭାବରେ ଅଧିକ ସ୍ପଷ୍ଟ ହୋଇଥାନ୍ତା ସେହି ସମୟରେ, ଯେତେବେଳେ କି ଭାରତ ସ୍ୱାଧୀନତା ଲାଭ କରିବାର ଅବ୍ୟବହିତ ପରେ ପରେ ହିଁ ଯଦି ଏହା ଉଠିଥାନ୍ତା, ଯେଉଁ ସମୟରେ ନୈତିକ ମୂଲ୍ୟବୋଧ ଅଧିକାଂଶ ପରିମାଣରେ ଲୋକମାନଙ୍କ ଜୀବନକୁ ପରିଚାଳିତ କରୁଥିଲା ଏବଂ ଜନସାଧାରଣଙ୍କ ପକ୍ଷରୁ ଏତେ ଚାପ ପଡ଼ିଥାନ୍ତା ଯେ ସମ୍ପୃକ୍ତ ମନ୍ତ୍ରୀ ବାଧହୋଇ ଇସ୍ତଫା ପ୍ରଦାନ କରିଥାନ୍ତେ । ଆହୁରି ମଧ ସେହି ଦିନଗୁଡ଼ିକରେ ଏକଥା କଳ୍ପନା କରିବା ବି ଅସମ୍ଭବ ହୋଇ ପଡ଼ିଥାନ୍ତା ଯେ ନିଜର ବିରୋଧୀମାନଙ୍କ ଶିବିରର ରାଜନୀତିକ ନେତାମାନଙ୍କ ବିରୋଧରେ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ତାଙ୍କର ତଦନ୍ତକାରୀ ସଂସ୍ଥାମାନଙ୍କୁ ହାତବାରିସୀ କରିଥାନ୍ତେ । ତେଣୁ ଉଭୟ ସମ୍ଭାବନାକୁ ନେଇ ଭାରତର ଲୋକମାନେ ହିଁ ଏସବୁ ଉପରେ ଆଲୋଚନା କରିବାର ହକ୍‌ର ଏବଂ ଦେଶର ଜଣେ ନାଗରିକ ଭାବରେ ରାଜ୍ୟପାଳ ଏହି ଆଲୋଚନା ବା ବିତର୍କରେ ଅଂଶଗ୍ରହଣ କରି ପାରନ୍ତି । କିନ୍ତୁ ଏହା ଏକ ସର୍ବସାଧାରଣଙ୍କ ବିତର୍କ ହେବା ଆବଶ୍ୟକ ଏବଂ ତା'ପରେ ନିଷ୍କର୍ଷକୁ ଆଇନରେ ପରିଣତ କରିବାର ଉଦ୍ୟମ କରାଯାଇପାରେ । ପରନ୍ତୁ, ଯେ ପର୍ଯ୍ୟନ୍ତ ଏପରି କିଛି ହୋଇନାହିଁ, ରାଜ୍ୟପାଳମାନେ ସମ୍ବିଧାନର ବିଧି ବ୍ୟବସ୍ଥା ଅନୁସାରେ କାମ କରିବା ବିଜ୍ଞତାର ପରିଚାୟକ ହେବ, କାରଣ ଏହି ପଦବୀ ନିମନ୍ତେ ଶପଥ ନେବା ସମୟରେ ଉଚ୍ଚାରଣ କରିଥାନ୍ତି ଯେ ସେମାନେ ସମ୍ବିଧାନର ବ୍ୟବସ୍ଥାକୁ ସୁରକ୍ଷିତ, ଆରକ୍ଷିତ ଏବଂ ସଂରକ୍ଷିତ କରି ରଖିବେ ।




## ମନ୍ତ୍ର ଯୋଗ : ମନନ ତ୍ରାଣ ଧର୍ମାଣୋ ମନ୍ତ୍ରଃ

**ତପସ୍ୱିନୀ ପଟ୍ଟନାୟକ**

ମନ୍ତ୍ର ସମ୍ପର୍କରେ ସବୁକଥା ଆମ ପ୍ରଣୀତ ମନ୍ତ୍ର ବିଜ୍ଞାନରେ ଆଲୋଚିତ ହୋଇଛି। ମନନାତ୍ ତ୍ରାୟତେ ଇତି ମନ୍ତ୍ର। ଅର୍ଥାତ୍ ଯାହା ମନ ମଧ୍ୟରେ ସବୁବେଳେ ଭାବି ଚାଲିଲେ ଜନ୍ମମୃତ୍ୟୁର ଚକ୍ରରୁ ରକ୍ଷା ମିଳେ, ତାହା ହିଁ ମନ୍ତ୍ର। ମନ୍ତ୍ର ଯିଏ ଦେବତା ସିଏ। ଈଶ୍ୱର ଈଶ୍ୱରୀଙ୍କର ବିଭିନ୍ନ ନାମ ମଧ୍ୟ ମନ୍ତ୍ର। ବୈଦିକ ମନ୍ତ୍ରଠାରୁ ଶାବର ମନ୍ତ୍ର ଯାଏ ବିଭିନ୍ନ ପ୍ରକାର ମନ୍ତ୍ର ରହିଛି। ସେ ସବୁ ମନ୍ତ୍ର ଏକ ଏକ ଦିବ୍ୟଶକ୍ତି। ମନ୍ତ୍ର ଓ ତାହାର ଅଧିଷ୍ଠାତ୍ରୀ ଦେବୀ ବା ଦେବତା ଏକ। ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି - ମନ୍ତ୍ରଯୋଗ ହେଉଛି ଏକ ବାସ୍ତବ ବିଜ୍ଞାନ। ଶ୍ରଦ୍ଧା, ଭକ୍ତି ଓ ପବିତ୍ରତାର ସହିତ ସତତ ମନ୍ତ୍ର ଜପ କଲେ ସାଧକଙ୍କର ଶକ୍ତି ବୃଦ୍ଧି ପାଏ, ସୁପ୍ତ ଚୈତନ୍ୟର ଜାଗରଣ ହୁଏ ଓ ମନ୍ତ୍ର ସିଦ୍ଧି ଲାଭ ହୁଏ। ସାଧକ ଜ୍ଞାନ, ମୁକ୍ତି, ଶାନ୍ତି, ଶାଶ୍ୱତ ଆନନ୍ଦ ଏବଂ ଅମୃତତ୍ୱ ଲାଭ କରନ୍ତି। ସବୁବେଳେ କୌଣସି ଏକ ମନ୍ତ୍ର ଜପ କଲେ ସାଧକ ମନ୍ତ୍ରର ଅଧିଷ୍ଠାତା ଦେବତାଙ୍କର ଗୁଣ ଓ ଶକ୍ତି ଲାଭ କରନ୍ତି। ମନ ଏବଂ ଶରୀର ଉପରେ ତାର ଅଦ୍ଭୁତ ପ୍ରଭାବ ପରିଲକ୍ଷିତ ହୁଏ। ଗୋଟିଏ ମନ୍ତ୍ରକୁ ପ୍ରତ୍ୟହ ନିର୍ଦ୍ଦିଷ୍ଟ ସଂଖ୍ୟାରେ ଜପ କରିବା ଦ୍ୱାରା ତାହାର ପ୍ରଭାବ ରୋଗ ନିଦାନକାରୀ ଔଷଧ ପରି କାମ କରେ।

ଗାୟତ୍ରୀ ବା ପ୍ରଣବ ଓଁ ବା ଓଁ ନମଃ ଶିବାୟ, ଓଁ ନମୋ ନାରାୟଣାୟ, ଓଁ ନମୋ ଭଗବତେ ବାସୁଦେବାୟ - ଏ ଭିତରୁ ଯେ କୌଣସି ମନ୍ତ୍ର ଭାବ ଓ ଭକ୍ତିର ସହିତ ୧୧/୪ ଲକ୍ଷଥର ଜପ କଲେ ଜଣେ ମନ୍ତ୍ରରେ ସିଦ୍ଧିଲାଭ କରେ। 'ଓଁ ସୋଽହମ୍', 'ଶିବୋଽହମ୍', 'ଅହଂ ବ୍ରହ୍ମସି' - ଏସବୁ ହେଉଛି ମୋକ୍ଷ ମନ୍ତ୍ର। ଏସବୁ ଜଣକୁ ଆତ୍ମସାକ୍ଷାତ୍କାରରେ ସାହାଯ୍ୟ ପ୍ରଦାନ କରେ। ମହାମୃତ୍ୟୁଞ୍ଜୟ ମନ୍ତ୍ର ଆକସ୍ମିକ ଦୁର୍ଘଟଣା ଏବଂ ଅସାଧ୍ୟ ରୋଗ ଦୂର କରି ଦୀର୍ଘାୟୁ ଓ ଅମରତ୍ୱ ପ୍ରଦାନ କରେ। ଏହା ମଧ ଏକ ମୋକ୍ଷ ମନ୍ତ୍ର ଅଟେ। ମନ୍ତ୍ର ଦ୍ୱାରା ପୁରାତନ ଅସାଧ ରୋଗୀ ମଧ ଆରୋଗ୍ୟ ଲାଭ କରିପାରିବେ। ମନ୍ତୋଚ୍ଚାରଣ ବା ଜପ, ଶକ୍ତିଶାଳୀ ଆଧାତ୍ମିକ ତରଙ୍ଗ ବା ଦିବ୍ୟ ସ୍ପନ୍ଦନ ଉତ୍ପନ୍ନ କରେ। ସେଗୁଡ଼ିକ ରୋଗୀର ସ୍ଥୂଳ ଓ ସୂକ୍ଷ୍ମ ଶରୀରରେ ପ୍ରବେଶ କରି କଷ୍ଟ ଯନ୍ତ୍ରଣାରେ ମୂଳ କାରଣକୁ ଦୂର କରି ଦିଅନ୍ତି। ଜୀବକୋଷଗୁଡ଼ିକୁ ଶୁଦ୍ଧ ସତ୍ତ୍ୱରେ ପୂର୍ଣ୍ଣ କରିଦିଅନ୍ତି। ରୋଗ ଜୀବାଣୁଗୁଡ଼ିକୁ ନଷ୍ଟ କରିଦିଅନ୍ତି ଓ ଜୀବକୋଷଗୁଡ଼ିକୁ ଶକ୍ତି ପ୍ରଦାନ କରନ୍ତି। ଆଧାତ୍ମିକ ତରଙ୍ଗ ହେଉଛି ସର୍ବୋତ୍ତମ ଜୀବାଣୁନାଶକ ଶକ୍ତି। ତାହା ଅଲଟ୍ରା ଭାୟୋଲେଟେ କିରଣ ଠାରୁ ମଧ ଅଧିକ ଶକ୍ତିଶାଳୀ। ଯେଉଁମାନେ ରୋଗରୁ ଆରୋଗ୍ୟ ହେବା ପାଇଁ ମନ୍ତ୍ର ଜପ କରିବେ ସେମାନେ ପେଟ ଖାଲିଥିବା ଅବସ୍ଥାରେ ସକାଳ ସନ୍ଧ୍ୟାରେ ନିୟମିତ ରୂପେ ଚାଳିଶ ଦିନ ପର୍ଯ୍ୟନ୍ତ ମନ୍ତ୍ର ଜପ କରିବା ବିଧେୟ। ଏହି ସମୟରେ ବ୍ରହ୍ମଚର୍ଯ୍ୟ ପାଳନ କରିବା, ଦୁଗ୍ଧାହାର, ଫଳାହାର କରିବା ବା ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବା ଉଚିତ। ଶୀଘ୍ର ଆଧାତ୍ମିକ ଉନ୍ନତି ଲାଭ ପାଇଁ ନିର୍ଦ୍ଧାରିତ ସଂଖ୍ୟାରେ କୌଣସି ମନ୍ତ୍ର ଜପ କରିବାକୁ ପୁରଶ୍ଚରଣା କରାଯାଏ। ଧାରାବାହିକ ମନ୍ତ୍ର ପୁରଶ୍ଚରଣ ଦ୍ୱାରା ମୋକ୍ଷ ଲାଭ ହୁଏ। ମନ୍ତ୍ରର ଅର୍ଥ ହେଉଛି - 'ମନନ ତ୍ରାଣ ଧର୍ମାଣୋ ମନ୍ତ୍ରଃ।' ମନ୍ତ୍ରାର୍ଥ ମଞ୍ଜରୀରେ ଏହି ସୂତ୍ରରେ ମନ୍ତ୍ରର ସମସ୍ତ ଜ୍ଞାନ-ବିଜ୍ଞାନ ସନ୍ନିହିତ। ଶ୍ରଦ୍ଧା ଏବଂ ନିଷ୍ଠା ସହିତ ମନ୍ତ୍ରର ମନନ ଏବଂ ଚିନ୍ତନ ଦ୍ୱାରା ପରମାତ୍ମାଙ୍କ ସିଂହାସନ ଟଳମଳ ହୋଇଯାଏ ଏବଂ ସେ ପ୍ରକଟ ହୋଇଥାନ୍ତି। ଏହା ଦୁର୍ବଳତା ଏବଂ ଅଭାବକୁ ଦୂର କରି ମୁକ୍ତିର ପଥ ପ୍ରଶସ୍ତ କରିଥାଏ। ମନ୍ତ୍ର ଦ୍ୱାରା ଏକ ଦିଗରେ ଭୌତିକ ସୁଖସମ୍ପଦ ମିଳେ ଏବଂ ଅନ୍ୟ ଦିଗରେ ଆତ୍ମିକ ସମୃଦ୍ଧିର ଲାଭ ମଧ ମିଳିଥାଏ। ଏହା ଲୌକିକ ବିଜ୍ଞାନ ଏବଂ ଆତ୍ମିକଜ୍ଞାନର ଅମୋଘ ସାଧନ ଅଟେ। ମନ୍ତ୍ରରେ ଜଣେ ନିଜର ଇଷ୍ଟ ବା ଗୁରୁଙ୍କର ମନନ ବା ଧ୍ୟାନ କରିଥାଏ। ସେ ଯେଉଁ ମନ୍ତ୍ରର ସାଧନା କରନ୍ତି ସେହି ମନ୍ତ୍ରର ଗୁଣ, ଧର୍ମ ଅନୁରୂପ ତାଙ୍କର ବୃତ୍ତି ହୋଇଥାଏ। ମନ୍ତ୍ର ଜପ କେବଳ ଜିହ୍ୱାର ପ୍ରକ୍ରିୟା ନୁହେଁ। ମନ୍ତ୍ର ଜପରେ ହୃଦୟର ଭାବନା ସମନ୍ୱିତ ନହେଲେ ଜିହ୍ୱା ଦ୍ୱାରା ଉଚ୍ଚାରଣ କରାଯାଉଥିବା ମନ୍ତ୍ର ଆଶାଜନକ ପ୍ରଭାବ ଉତ୍ପନ୍ନ କରିପାରେ ନାହିଁ। ପ୍ରତ୍ୟେକ ମନ୍ତ୍ରରେ 'ଅ' କାରରୁ 'କ୍ଷ' କାରନ୍ତ ପର୍ଯ୍ୟନ୍ତ ମାତୃକା ରୂପେ ସଜ୍ଜିତା। ତେଣୁ ଜଣେ ସାଧକ ବା ମନ୍ତ୍ର ଅଭ୍ୟାସ କରୁଥିବା ବ୍ୟକ୍ତି ଯେକୌଣସି ମନ୍ତ୍ରକୁ ଯଥାଯଥ ଭାବରେ ସାଧନ କରିବାର ଲକ୍ଷ୍ୟ ଚରମରେ ପରାଶକ୍ତି ସାହାଯ୍ୟରେ ବ୍ରହ୍ମପ୍ରାପ୍ତି ହୁଏ।





ଶିକ୍ଷାବିତ,
ମହାନଦୀ ବିହାର, କଟକ

## ଓଡ଼ିଶା ରାଜନୀତିରେ ବିକଳ୍ପ



**ଅଧ୍ୟାପକ ଗୋପବନ୍ଧୁ**

ରାଜନୀତି ଏକ ପରିସଂଖ୍ୟାନର ଖେଳ। କେଉଁ ଅଞ୍ଚଳରୁ କେତେ ଭୋଟ ମିଳିବ ଓ ଏହାକୁ ଆଧାର କରି କେତେ ଆସନ ମିଳିବ, ଏହାର ପରିସଂଖ୍ୟାନ ପ୍ରତ୍ୟେକ ରାଜନୈତିକ ଦଳ କରନ୍ତି। କେବଳ ସେତିକି ନୁହେଁ, ଏହା ସହିତ ଜାତି ଓ ଧର୍ମର ସମର୍ଥନ ଉପରେ ମଧ ପରିସଂଖ୍ୟାନ ହୁଏ। କେଉଁ ନିର୍ବାଚନ ମଣ୍ଡଳୀରେ କେଉଁ ଧର୍ମର ଲୋକଙ୍କ ସଂଖ୍ୟା କେତେ ଓ ସେମାନଙ୍କ ମଧ୍ୟରୁ କେତେ ଭୋଟ ମିଳିବ, ଏହାର ଆପାତତଃ ଏକ ଅନୁଧ୍ୟାନ ରିପୋର୍ଟ ପ୍ରତ୍ୟେକ ରାଜନୈତିକ ଦଳ ନିର୍ବାଚନ ପୂର୍ବରୁ ପ୍ରସ୍ତୁତ କରିଥାନ୍ତି। ସଂଖ୍ୟାଲଘୁ ଭୋଟ କେତେ ରହିଛି ଓ ଏ ଭୋଟ କେଉଁ ରାଜନୈତିକ ଦଳକୁ କେତେ ଯିବାର ସମ୍ଭାବନା ରହିଛି ଏହାର ବିବରଣୀ ପ୍ରସ୍ତୁତ କରାଯାଏ। ଏ ପରିସଂଖ୍ୟାନ ପ୍ରକ୍ରିୟାରୁ ଅନୁସୂଚୀତ ଜାତି ଓ ଉପଜାତି ଏବଂ ଓବିସି ମାନେ ମଧ ବାଦ ପଡ଼ନ୍ତି ନାହିଁ। ଏ ସମସ୍ତ ବର୍ଗର ଭୋଟ ମଧ୍ୟରୁ ପୃଥକଭାବେ କେଉଁ ବର୍ଗର କେତେ ଭୋଟ କେଉଁ ରାଜନୈତିକ ଦଳଆଡ଼େ ଯିବାର ସମ୍ଭାବନା ରହିଛି ତାହା ମଧ୍ୟ ରାଜନୈତିକ ଦଳମାନେ ନିଶ୍ଚିତଭାବେ କଳନା କରନ୍ତି। ବେଳେବେଳେ ସାଧାରଣ ବର୍ଗର ଭୋଟକୁ ମଧ୍ୟ ବିଚାରକୁ ନିଆଯାଏ ଯେ ତାଙ୍କ ଭୋଟ କେଉଁ ରାଜନୈତିକ ଦଳ ଆଡ଼େ ଅଧିକ ଯିବ। ଏହି ପରିସଂଖ୍ୟାନ ଉପରେ ରାଜନୈତିକ ଦଳମାନେ ଯୋଜନା ପ୍ରସ୍ତୁତ କରନ୍ତି ନିର୍ବାଚନରେ ଜିତିବା ପାଇଁ। ଉପରେ ନିର୍ବାଚନରେ ଜାତି, ଧର୍ମ, ଅଞ୍ଚଳ ପ୍ରଭୃତି ବର୍ଜନୀୟ, କିନ୍ତୁ ଭିତରେ ଏସବୁର ପ୍ରୟୋଗ ଠିକ୍ ଚାଲେ।

ଓଡିଶା ଏପରି ଏକ ସ୍ୱତନ୍ତ୍ର ରାଜ୍ୟ ଯେଉଁଠାରେ ମିଳିତଭାବେ ଭାରତବର୍ଷର ସର୍ବାଧିକ ଅନୁସୂଚୀତ ଜାତି ଓ ଜନଜାତି ଏବଂ ଓବିସି ମାନେ ବସବାସ କରନ୍ତି। ଆଉ କୋଉ ରାଜ୍ୟରେ ଏମାନେ ଏତେ ସଂଖ୍ୟାରେ ନାହାଁନ୍ତି। ଏମାନଙ୍କ ମିଳିତ ସଂଖ୍ୟା ପାଖାପାଖି ଶତକଡା ୯୪ ଭାଗ। ଯେଉଁଥିରେ ଏସଟିଙ୍କ ସଂଖ୍ୟା ଶତକଡା ୨୨.୮୫ ଭାଗ ଓ ଏସସିଙ୍କ ସଂଖ୍ୟା ଶତକଡା ୧୭.୧୩ ଭାଗ ୨୦୧୧ ମସିହାର ଜନଗଣନା ଅନୁଯାୟୀ। ଏମାନଙ୍କ ସମୁଦାୟ ସଂଖ୍ୟା ଶତକଡା ୪୦ ଭାଗ। କୁହାଯାଉଛି ଏ ସଂଖ୍ୟା ଏବେ ଆହୁରି ବଢ଼ିଛି। ରାଜ୍ୟରେ ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିଙ୍କ ସଂଖ୍ୟା ପ୍ରାୟ ଶତକଡା ୫୪ ଭାଗ ୧୯୩୧ ମସିହା ଜନଗଣନା ଅନୁଯାୟୀ। ଏ ସମସ୍ତଙ୍କୁ ମିଶାଇଲେ ସମୁଦାୟ ସାଂଖ୍ୟା ଶତକଡା ୯୪ ଭାଗ। ପୁଣି ଏମାନଙ୍କ ସହିତ ୨% ସଂଖ୍ୟାଲଘୁଙ୍କୁ ମିଶାଇଲେ ସଂଖ୍ୟା ହେବ ୯୬%। ଏମାନେ ଏତେ ସଂଖ୍ୟାରେ ଥିଲେହେଁ ରାଜନୈତିକ କ୍ଷମତା ଏମାନଙ୍କ ହାତରେ ନାହିଁ। ଏ ବିରାଟ ଜନସମୁଦାୟ ରାଜ୍ୟରେ ମେରୁଦଣ୍ଡ ବିହିନଭାବେ ଗଡାଣିଆ ରାଜନୀତି କରୁଛି। ମୁଷ୍ଟିମେୟଙ୍କ ନିକଟରେ ହାଁଜୀ କହିବା ଛଡା ଏମାନଙ୍କ ନିକଟରେ କୌଣସି କ୍ଷମତା ନାହିଁ। ଏମାନେ ନିଜ ଲୋକଙ୍କ ପାଇଁ ମୁହଁ ଖୋଲିବାର ଶୁଣାଯାଏ ନାହିଁ। ନିଜ ସଂଖ୍ୟା ବଳରେ ନିଜେ ଯେ ଶାସକ ହୋଇପାରିବେ ଏକଥାକୁ କେବେ ଚିନ୍ତା କରନ୍ତି ନାହିଁ। ଏହାହିଁ ଆମ ଗଣତନ୍ତ୍ରରେ ଦୁର୍ବଳତା।

ଏ ସମସ୍ତ ଗୋଷ୍ଠୀ ଆଦର୍ଶଗତ ଭାବେ ସାମାଜିକ ନ୍ୟାୟର ଆଭିମୁଖ୍ୟ ନେଇ ସଂଗଠିତ ହୋଇଗଲେ ବିକଳ୍ପ ରାଜନୀତିର ପ୍ରାରମ୍ଭ ହୋଇପାରିବ। ଅର୍ଥାତ ରାଜ୍ୟରେ ଯେଉଁ ସଂଖ୍ୟାନ୍ୟୁନତାର ରାଜନୀତି ଚାଲିଛି, ସଂଖ୍ୟାଧିକଙ୍କୁ ଅବୋଲକରା କରି ରଖାଯାଇଛି ଓ କ୍ଷମତା ବଳୟରୁ ଦୁରେଇ ରଖାଯାଇଛି, ଏହାର ପରିବର୍ତ୍ତନ ହିଁ ବିକଳ୍ପ ରାଜନୀତି। ଅର୍ଥାତ୍ ସହଭାଗୀତା ଉପରେ ପ୍ରକୃତ ଗଣତାନ୍ତ୍ରିକ ବିଚାରଧାରାକୁ ଆଧାରକରି ଆଦର୍ଶ ରାଜନୀତିର ପରିକଳ୍ପନା ହିଁ ବିକଳ୍ପ ରାଜନୀତି। ଏହା ଏକ ଅସମ୍ଭବ ବ୍ୟାପାର ନୁହେଁ। ରାଜନୈତିକ ସଚେତନତା ବୃଦ୍ଧି ଓ ନିଜ ଗଣତାନ୍ତ୍ରିକ ଅଧିକାର ସମ୍ବନ୍ଧରେ ଏମାନଙ୍କୁ ସଚେତନ କରିପାରିଲେ ଏହା ସମ୍ଭବପର ହୋଇପାରିବ। ଏମାନେ ଯେଉଁଦିନ ଉପଲବ୍ଧି କରିପାରିବେ ଯେ ଗଣତନ୍ତ୍ରରେ କେବଳ ଭୋଟଦେବା ଯଥେଷ୍ଟ ନୁହେଁ, ଗଣତନ୍ତ୍ରରେ ସମାନଭାବେ ଶାସନରେ ଭାଗୀଦାର ହେବା ଅତ୍ୟାବଶ୍ୟକ। ଏମାନେବି ଶାସକ ହୋଇପାରିବ, ଏମାନେବି ଦେଶର ତଥା ରାଜ୍ୟର ନେତୃତ୍ୱ ନେଇପାରିବେ। ଏହାରି ଉପରେ ବିକଳ୍ପ ରାଜନୀତିର ସମ୍ଭାବନା ନିର୍ଭରଶୀଳ।

ଗଣତନ୍ତ୍ର ବଦଳରେ ବ୍ୟକ୍ତିତନ୍ତ୍ର ଯେତେବେଳେ ପ୍ରାଧାନ୍ୟ ବିସ୍ତାର କରେ, ଆଦର୍ଶର ସ୍ଥାନ ଯେତେବେଳେ ଅନାଦର୍ଶ ଗ୍ରହଣ କରେ, ଧନତନ୍ତ୍ର ଓ ଗୁଣ୍ଡାତନ୍ତ୍ର ଯେତେବେଳେ ଗଣତନ୍ତ୍ରକୁ ଗ୍ରାସ କରିବାକୁ ବସେ, ଉଦାରବାଦର ଆଳରେ ଯେତେବେଳେ ଜାତିବାଦ କାୟା ବିସ୍ତାର କରେ ଓ ଗୋଟିଏ ଦୁଇଟି ଜାତି ସମସ୍ତ କ୍ଷମତା ନିଜ ହାତ ମୁଠାରେ ଆବଦ୍ଧ କରି ରଖନ୍ତି, ସେତେବେଳେ ବିକଳ୍ପ ରାଜନୀତିର ଆବଶ୍ୟକତା ପଡେ। ମୁଷ୍ଟିମେୟ ଅଳ୍ପ କେତେକ ଲୋକ ଦୀର୍ଘବର୍ଷ ଧରି ଶାସନ କ୍ଷମତାକୁ ନିୟନ୍ତ୍ରଣରେ ରଖିବା ଓ ସମସ୍ତ ଗଣତାନ୍ତ୍ରିକ ପଦ୍ଧତିକୁ କୌଶଳକ୍ରମେ ନିଜ ଅନୁକୂଳ ବନାଇନେବା ପ୍ରକୃତ ଗଣତନ୍ତ୍ର ନୁହେଁ। ଏହାହିଁ ପ୍ରକୃତ ଜାତିବାଦ। ଦୀର୍ଘବର୍ଷ ଧରି ବଞ୍ଚିତ ଗୋଷ୍ଠୀକୁ ଆଗକୁ ବଢିବା ପାଇଁ ବାଟ କଢ଼ାଇବା ଓ ଆଗକୁ ଆସିବା ପାଇଁ ସୁଯୋଗ ସୃଷ୍ଟି କରିବା ମଧ ଗଣତନ୍ତ୍ରର ଲକ୍ଷ୍ୟ। ଦଳେ ସବୁଦିନେ ଶାସନ କରିବେ ଓ ଅନ୍ୟମାନେ କେବଳ ଭୋଟ ଦେଉଥିବେ, ଏହା ଆଦୌ ସୁସ୍ଥ ଗଣତନ୍ତ୍ର ନୁହେଁ। ଏପରି କ୍ଷେତ୍ରରେ ଗଣତନ୍ତ୍ରର ଢାଞ୍ଚା ତ ଠିକ୍ ଥାଏ, କିନ୍ତୁ ଗଣତାନ୍ତ୍ରିକ ମନୋଭାବ ନଥାଏ। ଏହା ଗଣତନ୍ତ୍ର ପାଇଁ ବିପଦ।

ଯେଉଁଠାରେ ସହଭାଗୀତା ନାହିଁ, ସହନଶୀଳତା ନାହିଁ, ସଂଖ୍ୟାଧିକଙ୍କୁ ସମ୍ମାନ ନାହିଁ, ସେଠାରେ ଗଣତାନ୍ତ୍ରିକ ମନୋଭାବ ନାହିଁ ବୋଲି ଧରିନେବାକୁ ହେବ। ଗଣତାନ୍ତ୍ରିକ ମନୋଭାବ ବିନା ଗଣତନ୍ତ୍ର ସଫଳ ହେବା ସମ୍ଭବପର ନୁହେଁ। ଗଣତନ୍ତ୍ର ପ୍ରତ୍ୟେକ ନାଗରିକର କଥାରେ, ଚିନ୍ତାରେ ଓ କାର୍ଯ୍ୟରେ ପ୍ରସ୍ଫୁଟିତ ହେବା ଜରୁରୀ। କେବଳ ଅଧିକ ଭୋଟପାଇ ଜିତିଗଲେ ସୁସ୍ଥ ଗଣତନ୍ତ୍ର ଆସେ ନାହିଁ। ଜଣେ ଅମାପ କଳାଧନର ପ୍ରୟୋଗରେ, ଲୋକଙ୍କୁ ଭୟଭୀତ କରି, ଅସାଧୁ ଉପାୟରେ ଅଥବା ଭୋଟରମାନଙ୍କୁ ପ୍ରୋଲଭିତ କରି ନିର୍ବାଚନରେ ଅଧିକ ଭୋଟପାଇ ଜିତି ଯାଇପାରେ, କିନ୍ତୁ ଏହାକୁ ସୁସ୍ଥ ଗଣତନ୍ତ୍ର ପ୍ରକ୍ରୀୟା ବୋଲି କୁହାଯାଇ ପାରିବ ନାହିଁ। ଭାରତବର୍ଷରେ ଯେହେତୁ ଧର୍ମ ଓ ଜାତିର ସାମ୍ବିଧାନିକ ସ୍ୱୀକୃତି ରହିଛି, ତେଣୁ ଶାସନ ପ୍ରକ୍ରିୟାରେ ଏମାନଙ୍କ ସମାନୁପାତିକ ସହଭାଗୀତା ଓ ସମପ୍ରତିନିଧିତ୍ୱର କଥା ମଧ ରହିଛି। ଏହାକୁ ସମସ୍ତ ନାଗରୀକ ବୁଝିବା ଏବଂ ଗଣତନ୍ତ୍ରର ସଫଳ ପ୍ରୟୋଗ ପାଇଁ ସଙ୍ଗଠିତ ହେବା ଦରକାର।

ରାଜନୈତିକ ସଚେତନତା ଗଣତନ୍ତ୍ରକୁ ପରିପକ୍ୱ କରେ। ଏହା ନିଜ ଅଧିକାର ଓ ଭାଗୀଦାରୀତା ସମ୍ବନ୍ଧରେ ସଚେତନ କରାଏ। ତେଣୁ ଯେଉଁମାନେ ଗଣତାନ୍ତ୍ରିକ ପ୍ରକ୍ରୀୟାରେ ପଛରେ ପଡ଼ିଛନ୍ତି ସେମାନେ ଏ ବାବଦରେ ସଚେତନ ହେବା ଜରୁରୀ। ପ୍ରଗତିଶୀଳ ଭାବନା ନେଇ ତାଙ୍କୁ ସହଯୋଗ ମଧ୍ୟ କରାଯିବା ଆବଶ୍ୟକ। କାରଣ ସମସ୍ତଙ୍କ ସହଯୋଗିତାରେ ଓ ସମସ୍ତଙ୍କ ସହଭାଗୀତାରେ ଆମ ରାଜ୍ୟ ଆହୁରି ଆଗକୁ ବଢି ପାରିବ। ବିକଳ୍ପ ରାଜନୀତିର ମାର୍ଗ ଆମ ଗଣତନ୍ତ୍ରକୁ ଆହୁରି ମଜଭୂତ କରିବ ଓ ସାମାଜିକ ସମତା ସ୍ଥାପନ ଦିଗରେ ଆଉପାଦେ ଆଗକୁ ନେଇଯିବ।

ଦର୍ଶନ ବିଭାଗ (ଅବସରପ୍ରାପ୍ତ)
ବାରିପଦା, ମୟୂରଭଞ୍ଜ
ମୋ:୭୦୦୮୯୭୬୧୮୦




### ଓଃ କି ଖରା

**ରମେଶ ଚନ୍ଦ୍ର ନାୟକ**

ସକାଳୁ ସକାଳୁ ଚାହା ଦୋକାନରେ
ଦେଖା ହୋଇଗଲା ମଦନା ଭାଇ,
ସକାଳ ଶୁଭେଚ୍ଛା କହିଛି କି ନାହିଁ
କହେ ଓଃ କି ଖରା ହେଉଛି ଭାଇ ।

କଲବଲ କରେ ଅସମ୍ଭାଳ ତାତି
ମୁଣ୍ଡଫଟା ଖରା ଦାଉ ସାଧୁଛି,
ନର ପଶୁ ପକ୍ଷୀ କୀଟ ତରୁ ଲତା
ଗ୍ରୀଷ୍ମ ପ୍ରବାହରେ ଧରା ସିଝୁଛି ।

କେବଳ ବୈଶାଖ ଜ୍ୟେଷ୍ଠ ମାସ
ନୁହେଁ
ଖଇଫୁଟା ତାତି ସବୁ ସମୟେ,
ହା - ହୁ'ତାଶମୟ ସବୁ ପରିବେଶ
କାନ୍ଦୁଛି ନ ପାଇ ପାଣି ଟୋପିଏ ।

ମଳୟ ପବନ ହୋଇଛି ସପନ
ନାହିଁ କୋଇଲିର ସେ କୁହୁ ତାନ,
ଅଂଶୁଘାତ ଭୂତ କରୁଛି ରାଜତ୍ୱ
ପଦାକୁ ଯିବାକୁ ନବଳେ ମନ ।

ମାନସ ପଟରୁ ହଜିତ ଗଲାଣି
ବରଷେ ବାରମାସ ଛଅ ଋତୁ,
ଋତୁର ଚକ୍ରରେ ଲୁଚିତ ଗଲେଣି
ଶରତ ବସନ୍ତ ଶୀତ ଜଗତୁ ।

ଚାହା କପ୍ ଥୋଇ କହିଥିଲି ମୁହିଁ
ମଦନା ଭାଇକୁ ତାତିର କଥା,
ଏଥିପାଇଁ ଆମେ କ'ଣ ଦାୟୀ ନୁହେଁ
କହିଲ ବିଚାରି ଦେଇକି ମଥା ।

ଆମ ରାଜ୍ୟ ତଥା ଦେଶ ବିଶ୍ୱ ପାଇଁ
ଚିନ୍ତାର କାରଣ ହୋଇଛି ଖରା,
ସେଥିପାଇଁ ଆମେ ବିଶ୍ୱ ପରିବେଶ
ଦିବସ ପାଳୁଛୁ ଜଗତ ସାରା ।

ଜଙ୍ଗଲ ଜଳୁଛି ପାହାଡ଼ ଭାଙ୍ଗୁଛି
ଭୂଗୋଳ ବଦଳି ଯାଉଛି ଜାଣ,
କଳ କାରଖାନା ଶିଳ୍ପ ଖଣି ଧୂଆଁ
ବୃଦ୍ଧି ତାପମାତ୍ରା ମୁଖ୍ୟ କାରଣ ।

ଜନ ସଚେତନ ସୃଷ୍ଟି କରି ଆମେ
ବାଡି ବଗିଚାରେ ଗଛ ରୋପିବା,
ବାୟୁ ପ୍ରଦୂଷଣ ହୋଇବ ହରଣ
ତାତି ଦାଉ ଠାରୁ ରକ୍ଷା ପାଇବା ।

କାମ ଥାଏ ଯଦି ଯିବ ବାହାରକୁ
ସାଥେ ନେଇଯାଅ ପାଣି ବୋତଲ,
ମୁଣ୍ଡେ ଓଦା କନା ହାତେ ଖୋଲା
ଛତା
ବସିଯାଅ ଟିକେ ଗଛ ଛାଇରେ ।

ମଣିଷ ଗୋଟିକୁ ଗଛଟ ଗୋଟିଏ
ସ୍ଲୋଗାନ ଉପରେ ଗୁରୁତ୍ୱ ଦେବା,
ସ୍ୱଚ୍ଛ ପରିବେଶ ଦିଏ ସୁଖ ବାସ
ସଭିଙ୍କୁ ବାରତା ଆମେ ବାଣ୍ଟିବା ।

କେଶରପୁର, ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦

### ନାୟକ ମୁଁ ଅଜଣା ପଥର

**ରମାକାନ୍ତ ଦାସ**



ନାୟକ ମୁଁ ଅଜଣା ପଥର
ମୋ ଗତିପଥର ଶେଷ କେଉଁଠି
ଜାଣେନା
ଘାତ ପ୍ରତିଘାତ ମଧ୍ୟରେ ସାଜେ ମୁଁ
ସେ ଅଜଣା ପଥର ନିଃସଙ୍ଗ ପଥିକ ।

ସମୟ ସରିଯାଏ
କେତେ ରାତି କେତେ ଦିନ ବିତିଯାଏ
ସରି ସରି ଆସେ ଆୟୁଷ
ଦୁଃଖ କନ୍ଦାଏ, ସୁଖ ହସାଏ
କଷ୍ଟର ଫୁଲ ପାଲଟେ
ଛାତିଝରା ରକ୍ତ ଆଖି ନିଗିଡା ଲୁହ

ତଥାପି ମୁଁ ନୃତ୍ୟରତ ସମୟ ଆଗରେ
ତଥାପି ମୁଁ ଚାଲୁଥାଏ ସେ ଅଜଣା
ପଥରେ
ସବୁଦିନ ଜୀବନ ସହିତ ସଂଘର୍ଷ କରି।

ହୃଦୟର କଥା ହୃଦୟର ବ୍ୟଥା
ବହୁତ କଷ୍ଟଦିଏ
ନିରାଶା ନୀରବ ପବନେ
ଭାଙ୍ଗିଯାଏ ସବୁ ସ୍ୱପ୍ନ
ଭାଙ୍ଗିଯାଏ ସବୁ ଆଶା

ମନତଳେ ଜଳୁଥାଏ
ଲେଲିହାନ ଅଗ୍ନିର ଶିଖା
ପଥର ଠିକଣା ନାହିଁ
ଚାରିଆଡେ ଖାଲି ଅଙ୍କାବଙ୍କା ରାସ୍ତା
ଆଶା ନିରାଶାର ଆଲୁଅ ଅନ୍ଧାରେ
ଏ ପଥ ସରେନି
ତଥାପି ମୁଁ ଚାଲୁଥାଏ କ୍ଲାନ୍ତ ହୁଏନି ।

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ: ୯୬୬୮୮୧୫୩୬୯

### ଯୋଗ

**ସୁଧାଂଶୁ ଶେଖର ଦ୍ୱିବେଦୀ**




ଯୋଗ କେବଳ ଯୋଗ ନୁହେଁ
ପ୍ରାଣାୟାମ ସଙ୍ଗେ ସାଧନା ହୁଏ
ନବ ଚିନ୍ତନ,ନବ ସର୍ଜନା
ସମତ୍ୱର ନିତି ଯୋଜନା ହୁଏ।
ସୁସ୍ଥ ମନ ଓ ଶୁଦ୍ଧ ବିଚାର
ଯୋଗ ପ୍ରାଣାୟାମର ଆଧାର
ପ୍ରାଣ ଶକ୍ତିର ସ୍ରୋତ ହିଁ ଯୋଗ
ନବ ଜାଗୃତିର ଉପଚାର।
ନିୟନ୍ତ୍ରଣ ରଖେ ଇନ୍ଦ୍ରିୟର
ଆତ୍ମବିଶ୍ୱାସର ପ୍ରତିରୂପ
ଯୋଗକ୍ଷେମ ବହାମ୍ୟହ
ସିଦ୍ଧାନ୍ତ ତାହାର ଅପରୂପ।
ସୁକାର୍ଯ୍ୟ ଧେୟ ସୁ-ସନ୍ଦେଶ
ପରସ୍ପର ସ୍ନେହ ଅପରିବର୍ତ୍ତିତ
ନିର୍ମଳ ଶ୍ୱାସ ଜୀବନ ଅଶେଷ
ରାଷ୍ଟ୍ର ଏକତାରେ ଯୋଗ ମହତ।

ବିସି-୭୪,ସଲଟ ଲେକ,
କଲକାତା-୬୪
ମୋ: ୯୬୮୧୩୭୩୫୧୨

### ପ୍ରାୟଶ୍ଚିତ

**ଦିପ୍ତିମୟୀ ପଣ୍ଡା**



ପାପ ପୂଣ୍ୟର ଗଣିତ
ସାପସିଡି ଖେଳ ପରି ସହଜ,
ନା
ଛୋଟ ଶିଶୁର ଅଙ୍କାକଷା
ପରି ଅତିଶୟ ଦୁର୍ବାର ।
ଏହାର ହିସାବ ସର୍ବୋପରି
ଗାଣିତଜ୍ଞଙ୍କୁ ହିଁ ଜଣା
ପାପ ପୂଣ୍ୟକୁ ତଉଲୁଥିବା ନିକିତି
କେବଳ ତା'ରି ପାଖେ ଉପଲବ୍ଧ ।
ମାନବ ତିଆରି ନିକିତି ତ ଖାଲି
ବସ୍ତୁ ଓଜନ ତଉଲି ଜାଣେ ।
ପାପ କରି କ୍ଷମାର ଆଶା
ରଖୁଥିବା ବ୍ୟକ୍ତିତ୍ୱ ହଜାର,
ହେଲେ ସବୁ ଭୁଲର ଯେ
କ୍ଷମାଭିକ୍ଷା ଅସମ୍ଭବ
ଏ ଧାରଣା ବୋଧେ
ଅନେକଙ୍କୁ ଅଜଣା ।
ଅଜାଣତରେ କରିଥିବା
ଦୋଷ ପାଇଁ ହୁଏତ ମାର୍ଗ ଅଛି
ନିବୃତ୍ତ ହେବାର
ହେଲେ ଜାଣତରେ କରିଥିବା ପାପ
ପାଇଁ
କିଏ ବା ନିର୍ଦ୍ଦୋଷ ହେଇପାରିବ
କେମିତି ବା କ୍ଷମାର ପାତ୍ର
ହେଇପାରିବା ।
ସୁଖର ବାଲିଘରକୁ ଭାଙ୍ଗି
ପୁଣି କି ପ୍ରାୟଶ୍ଚିତ ଚାହେଁ ମଣିଷ
କି ଲାଭ ସେ ପ୍ରାୟଶ୍ଚିତର
ଦୁର୍ଲଭ ଔଷଧ ଲେପିବାର
ଜାଣି ଜାଣି କ୍ଷତାକ୍ତ କରି ବାରବାର ।


ଦେଓଗାଁ,ବରଗଡ଼

# ଭାରତୀୟ ଆଧାତ୍ମିକ ଚେତନାରେ ଯୋଗ

## ଡ଼ଃ.ଅରୁନ୍ଧତୀ ଦେବୀ

ଯୋଗ, ଭାରତୀୟ ସଂସ୍କୃତିରେ ବହୁ ପୁରାତନ ଯୁଗରୁ ପ୍ରଚଳିତ। ଆଜିର କରୋନା ମହାମାରୀ ବିଭୀଷିକା ସମୟରେ ଯୋଗର ପ୍ରାସଙ୍ଗିକତା ଓ ଗୁରୁତ୍ୱ ଅନେକ ବଢ଼ିଯାଇଛି। ମହର୍ଷି ପାତଞ୍ଜଳି, ଅଷ୍ଟାଙ୍ଗଯୋଗ ସୂତ୍ର ପ୍ରଣୟନ କରି, ଯୋଗ ପାଇଁ ନୀତି, ନିୟମ ଏବଂ ବିଭିନ୍ନ ଆସନ ନିର୍ଣ୍ଣୟ କରି ଯାଇଥିଲେ। ସେହି ଯୁଗରୁ ଯୋଗ ଭାରତ ବର୍ଷରେ ଆଧାତ୍ମିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି, ମାତ୍ର ଯୋଗ ମୁଖ୍ୟତଃ ସାଧୁସନ୍ଥ, ସନ୍ନ୍ୟାସୀମାନଙ୍କ ମଧ୍ୟରେ ସୀମିତ ଥିଲା। ସୁସ୍ଥ ଜୀବନ ଯାପନ କରିବା ସଙ୍ଗେ ସଙ୍ଗେ ରୋଗ ପ୍ରତିରୋଧକ ପଦକ୍ଷେପ ନେଇ ସାଧାରଣ ରୋଗ ଠାରୁ ଦୂରରେ ରହିବା ପାଇଁ ସମଗ୍ର ବିଶ୍ୱରେ ଯେତେବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ବୈଜ୍ଞାନିକମାନେ ବିଭିନ୍ନ ରିସର୍ଚ୍ଚ ମାଧ୍ୟମରେ ସେମାନଙ୍କ ସୁଚିନ୍ତିତ ମତ ଦେଲେ, ସେତେବେଳେ ଭାରତରେ ବହୁ ପୁରାତନ କାଳରୁ ସ୍ୱାସ୍ଥ୍ୟ ରକ୍ଷାକୁ ନେଇ ପ୍ରଚଳନ ଥିବା ଯୋଗାଭ୍ୟାସକୁ ସୁନ୍ଦର ସ୍ୱାସ୍ଥ୍ୟ ରକ୍ଷା ପାଇଁ ଏକ ପ୍ରକୋଷ୍ଟ ମାର୍ଗ ବୋଲି ମତ ଦେଲେ ଏବଂ ଯୋଗର ପ୍ରଚାର ପ୍ରସାର ହେଲା।

ଯୋଗ ସମ୍ବନ୍ଧୀୟ ଉପଦେଶ ସର୍ବପ୍ରଥମେ ହିରଣ୍ୟଗର୍ଭ ବ୍ରହ୍ମା ସନକାଦିକୋଙ୍କୁ ଓ ପରେ ସୂର୍ଯ୍ୟଙ୍କୁ ଦେଇଥିଲେ। ପରେ ଏହା ଦୁଇ ଭାଗରେ ବିଭକ୍ତ ହୋଇଗଲା। ପ୍ରଥମଟି ବ୍ରହ୍ମାଯୋଗ, ଦ୍ୱିତୀୟଟି କର୍ମଯୋଗ। ବ୍ରହ୍ମାଯୋଗର ପରମ୍ପରା ସନକ, ସନନ୍ଦନ, ସନାତନ, କପିଳ, ଆସୁରୀ, ବୌଦ୍ଧ ଓ ପଞ୍ଚଶିଖ ନାରଦ ଶୁକାଦିଙ୍କୋ ଆରମ୍ଭ କରିଥିଲେ। ଏହା ଲୋକଙ୍କ ମଧ୍ୟରେ ଜ୍ଞାନ, ଆଧାତ୍ମ୍ୟ ଓ ସାଂଖ୍ୟ ଯୋଗ ନାମରେ ପ୍ରସିଦ୍ଧ ହେଲା। ସେହିପରି କର୍ମଯୋଗର ପରମ୍ପରା ସୂର୍ଯ୍ୟଙ୍କର ଅଟେ। ସୂର୍ଯ୍ୟ ପ୍ରଥମେ ମନୁଙ୍କୁ, ମନୁ ଇକ୍ଷ୍ୱଭାଙ୍କୁ ଇକ୍ଷ୍ୱଭା ରାଜା, ପ୍ରଜାଙ୍କୁ ଯୋଗ ସମ୍ବନ୍ଧୀୟ ଉପଦେଶ ଦେଇଥିଲେ। ଏହି ସବୁ ତଥ୍ୟ ବେଦ ଏବଂ ପୁରାଣରେ ଉଲ୍ଲେଖ ରହିଛି। ବେଦକୁ ସଂସାରର ପ୍ରଥମ ପୁସ୍ତକ ଭାବେ ଗ୍ରହଣ କରାଯାଏ। ଗୁରୁ ଶିଷ୍ୟ ପରମ୍ପରା ଦ୍ୱାରା ଏହା ପିଢ଼ି ପରେ ପିଢିକୁ ଯାଇଥିଲା। ତେବେ ଭାରତରେ ଯୋଗର ସବୁଠାରୁ ଆଶ୍ଚର୍ଯ୍ୟଜନକ ସନ୍ଧାନ ୧୯୨୦ ମସିହାରେ ହୋଇଥିଲା। ହିନ୍ଦୁ, ଜୈନ ଏବଂ ବୌଦ୍ଧ ଧର୍ମରେ ଯୋଗ ଭିନ୍ନ ଭିନ୍ନ ଭାବରେ ବର୍ଣ୍ଣନା କରାଯାଇଛି। ମାତ୍ର ଏହାର ମୂଳ ବେଦ ଓ ଉପନିଷଦ ହିଁ ଅଟେ। ଏହା ପରେ ଯୋଗର ପ୍ରଚଳନ ବଢ଼ିଥିଲା। ଯୋଗ ସଂସ୍ଥାନ, ପୀଠ ଓ ଆଶ୍ରମ ଆଦି ହେବାକୁ ଲାଗିଲା। କୁହାଯାଏ, ଭଗବାନ ଶଙ୍କରଙ୍କ ପରେ ବୈଦିକ ଋଷିମୁନି ଯୋଗର ପ୍ରାରମ୍ଭ କରିଥିଲେ। ପରେ କୃଷ୍ଣ, ମହାବୀର ଓ ବୁଦ୍ଧ ଏହାକୁ ନିଜ ଅନୁସାରେ ବିସ୍ତାର କରିଥିଲେ। ମାତ୍ର ପତଞ୍ଜଳି ଏହାକୁ



ସୁବ୍ୟବସ୍ଥିତ ରୂପ ଦେଇଥିଲା। ଏହି ରୂପକୁ ପରେ ସିଦ୍ଧପନ୍ଥି, ଶୈବପନ୍ଥି, ନାଥପନ୍ଥି, ବୈଷ୍ଣବ ଓ ଶକ୍ତି ପନ୍ଥି ମାନେ ନିଜ ନିଜ ଅନୁସାରେ ବିସ୍ତାର କରିଥିଲେ। ଯୋଗ ପରମ୍ପରା ଓ ଶାସ୍ତ୍ରକୁ ନେଇ ଏକ ବିସ୍ତୃତ ଇତିହାସ ରହିଛି ମାତ୍ର, ଏହି ଇତିହାସ ମଧ୍ୟରୁ କେତେକ ହଜିଯାଇଥିବା ବେଳେ କେତେକ ଆଫଗାନିସ୍ଥାନ, ହିମାଳୟର ଗୁମ୍ଫା, ତାମିଲନାଡୁ, ଆସାମ ସହିତ ବର୍ମାର ଜଙ୍ଗରେ ରହିଥିବାର କୁହାଯାଏ। ଯେପରି ପ୍ରଭୁ ରାମଙ୍କ ଚିହ୍ନ ଭାରତର ଦ୍ୱୀପ ମହାଦ୍ୱୀପରେ ଦେଖିବାକୁ ମିଳିଥାଏ, ସେହିପରି ଯୋଗ କରୁଥିବା ଯୋଗୀ ଓ ତପସ୍ୱୀଙ୍କ ଚିହ୍ନ ବିଭିନ୍ନ ଜଙ୍ଗଲ, ପାହାଡ଼ ଓ ଗୁମ୍ଫାରେ ଆଜି ବି ଦେଖିବାକୁ ମିଳେ। ଯୋଗ ଦ୍ୱାରା ମନ ଓ ଶରୀର, ବିଚାର ଓ କର୍ମ ମଧ୍ୟରେ ଏକତାର ଭାବନା ସୃଷ୍ଟି ହୁଏ। ପ୍ରକୃତି ସହ ସମନ୍ୱୟ ରକ୍ଷା କରି ଚଳିବାରେ ସାହାଯ୍ୟକରେ। ଏହା ମଣିଷର ସାମଗ୍ରିକ ବିକାଶ ଲାଗି ଉଦ୍ଦିଷ୍ଟ। ଜୀବନଶୈଳୀକୁ ପରିବର୍ତ୍ତନ ସହିତ ଆତ୍ମଚେତନାର ଜାଗ୍ରତ ଏହାର ଲକ୍ଷ୍ୟ।

+ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଚେତନା ବିକାଶରେ ଯୋଗ

## ବିପିନ ବିହାରୀ ରାଉତ

ଯୋଗ ମନୁଷ୍ୟର ଚେତନା ବିକାଶର ବିଜ୍ଞାନ ଅଟେ। ଯେଉଁଥିରେ ପଦାର୍ଥ, ଜୀବନ ଓ ଚେତନାର ସମନ୍ୱୟ ଥାଏ। ଭାରତୀୟ ପ୍ରାଚୀନତମ ଯୋଗ ପଦ୍ଧତି ଅନୁଯାୟୀ ମୂଳତଃ ଯୋଗ ହେଉଛି ୮୪ ପ୍ରକାରର। ତେବେ ତା'ମଧ୍ୟରୁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଯୋଗ



ହେଉଛି ବାରଟି। ତାହାହେଲା - ଜପଯୋଗ, ପ୍ରାଣଯୋଗ, ରାଜଯୋଗ, ହଟଯୋଗ, ଲୟଯୋଗ, ଋଜୁଯୋଗ, ନାଦଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ, କର୍ମଯୋଗ, ସ୍ୱରଯୋଗ, ମନ୍ତ୍ରଯୋଗ ଓ ତନ୍ତ୍ରଯୋଗ। ପତଞ୍ଜଳି ଯୋଗଶାସ୍ତ୍ରରୁ ଉପରୋକ୍ତ ଯୋଗର ପଦ୍ଧତି ପ୍ରଣୀତ। ରାଜଯୋଗ ହେଉଛି ଯୋଗ ମାନଙ୍କ ଭିତରେ ସବୁଠାରୁ ଶ୍ରେଷ୍ଠତମ ଯୋଗ। ମନର ସମସ୍ତ ପ୍ରକାର ବୃତ୍ତିର ତରଙ୍ଗକୁ ସଂଯତ କରିଦେବା ହିଁ ରାଜଯୋଗର ଲକ୍ଷଣ। ପତଞ୍ଜଳିଙ୍କ ରାଜଯୋଗକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ। ଦୁଃଖଶୋକରୁ ମୁକ୍ତି ପାଇବାର ରାଜମାର୍ଗ ହେଉଛି ଏହି ଯୋଗ। ଭାରତୀୟ ବିଭିନ୍ନ ପ୍ରାଚୀନ ଗ୍ରନ୍ଥରେ ଭକ୍ତିଯୋଗ, ଜ୍ଞାନଯୋଗ ଓ କର୍ମଯୋଗ ସମ୍ବନ୍ଧରେ ବିଭିନ୍ନ ତଥ୍ୟ ଲିପିବଦ୍ଧ ହୋଇଛି। ଶ୍ରୀମଦ ଭଗବତ ଗୀତାତ ସ୍ୱୟଂ ଯୋଗଶାସ୍ତ୍ର। ଜ୍ଞାନଯୋଗ ଅନୁସାରେ ବ୍ରହ୍ମଙ୍କ ସହିତ ଏକତ୍ର ଜ୍ଞାନ ହିଁ ମୁଖ୍ୟ। ବ୍ରହ୍ମ ଭାବରେ ସ୍ଥିତି ଲାଭ କରିବା ହିଁ ଜ୍ଞାନଯୋଗ ସାଧନାର ଲକ୍ଷ୍ୟ। କର୍ମ ହେଉଛି ବନ୍ଧନର କାରଣ। ଏଥିରୁ ମୁକ୍ତିଲାଭ କରିବା ସକାଶେ କର୍ମଯୋଗର ସାହାଯ୍ୟ ନିଆଯାଏ। ନରନାରାୟଣଙ୍କ ନିଃସ୍ୱାର୍ଥପର ସେବା କାର୍ଯ୍ୟକୁ ନିଷ୍କାମ କର୍ମଯୋଗ ବୋଲାଯାଏ। ଆଧାତ୍ମିକ ପିପାସୁଙ୍କ ମତରେ ଭଗବତ ପ୍ରାପ୍ତିର ସର୍ବାପେକ୍ଷା ସରଳ ଓ ସୁଗମ ମାର୍ଗ ହେଉଛି ଭକ୍ତିଯୋଗ। ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତନରେ ନିର୍ମଳ ଓ ନିଷ୍କପଟ ଭାବେ ଈଶ୍ୱରଙ୍କୁ ଖୋଜିବା ହିଁ ଭକ୍ତିଯୋଗ ଅଟେ। 'ମନନାତ୍ ତ୍ରାୟତେ ଇତି ମନ୍ତ୍ର' ଅର୍ଥାତ୍ ଯାହା ମନ ଭିତରେ ସବୁବେଳେ ଭାବି ଚାଲିଲେ ଜନ୍ମ-ମୃତ୍ୟୁର ଚକ୍ରରୁ ରକ୍ଷା ମିଳେ ତାହା ହିଁ ମନ୍ତ୍ର। ଜପ ଏକ ମହତ୍ତ୍ୱପୂର୍ଣ୍ଣ ଯୋଗ ଅଟେ। ଚିତ୍ତକୁ ଶାନ୍ତ ତଥା ମନକୁ ଏକାଗ୍ର ଓ ଅନ୍ତର୍ମୁଖୀ କରିବା ପାଇଁ ଜପ ଅତ୍ୟନ୍ତ ସରଳ ସାଧନା। ଜପର ଅଭ୍ୟାସ ପାଇଁ ଯେଉଁ ପାଞ୍ଚୋଟି ନିୟମ ରହିଛି ତାହା ହେଉଛି - ବୈଖରୀ, ଉପାଂଶୁ, ମାନସିକ, ଲିଖିତ, ଅଜପା। ଯୋଗର ବିଭିନ୍ନ ପ୍ରକାର ମଧ୍ୟରେ ଲୟ ଯୋଗର ନିଜସ୍ୱ ସ୍ୱତନ୍ତ୍ରତା ରହିଛି। ଜୀବନରେ ସୃଷ୍ଟି, ସ୍ଥିତି ଓ ଲୟ ତିନୋଟି କ୍ରିୟା ରହିଛି। ଜୀବନର ପ୍ରଥମ ଭାଗ ସୃଷ୍ଟି ବାଲ୍ୟ ଓ କିଶୋର ବିତେ ଶିକ୍ଷା ଲାଭରେ। ପରିବାର ପ୍ରତିପୋଷଣ ପାଇଁ ଯେଉଁ ଶିକ୍ଷା ମିଳିଥାଏ ତାହା ହେଉଛି ମଧ୍ୟଭାଗ ସ୍ଥିତି ଓ ଅନ୍ତିମ ଭାଗ ଲୟ। ଅର୍ଥାତ୍ ସମସ୍ତେ ଏହି ସମୟରେ ଈଶ୍ୱର ଚିନ୍ତା କରନ୍ତି। ତେବେ ପରିଶେଷରେ ସମସ୍ତ ଭୂମିକାକୁ ତ୍ୟାଗ କରି ସ୍ୱରୂପରେ ସ୍ଥିତି ଲାଭ କରି ସେଥିରେ ଲୀନ ହେବା ହିଁ ଲୟ ଯୋଗ ଅଟେ। ହଟଯୋଗ ଶାସ୍ତ୍ର ଅନୁସାରେ 'ହ'ର ଅର୍ଥ ପିଙ୍ଗଳା ନାଡ଼ି ବା ପ୍ରାଣ ବାୟୁ। 'ଠ'ର ଅର୍ଥ କ୍ରୀଡ଼ାନାଡ଼ି ବା ଅପାନ ବାୟୁ। ଶରୀର ଓ ପ୍ରାଣ ଉପରେ ବିଜୟ ଲାଭ କରିବା ହଟଯୋଗ ସାଧନାର ଲକ୍ଷ୍ୟ। ମନ୍ତ୍ରଯୋଗ ପରି ଅତ୍ୟନ୍ତ ଅନ୍ୟଏକ ମହତ୍ତ୍ୱପୂର୍ଣ୍ଣ ଯୋଗ ହେଉଛି ତନ୍ତ୍ରଯୋଗ। ଉଚ୍ଚସ୍ତରର ମନ୍ତ୍ର ସାଧନ ପ୍ରଣାଳୀକୁ ହିଁ ତନ୍ତ୍ର କୁହାଯାଏ। ଯାହାର ମାର୍ଗ ହେଉଛି ବାମ ମାର୍ଗ। ସେଥିପାଇଁ ଏହାକୁ ଭୌତିକ ସିଦ୍ଧିର ମାର୍ଗ କୁହାଯାଏ। ସ୍ୱାମୀ ଶିବାନନ୍ଦଙ୍କ ମତରେ ସ୍ୱଧ୍ୟାୟ ବା ଶାସ୍ତ୍ର ଅଧ୍ୟୟନ ହେଉଛି କ୍ରିୟା ଯୋଗ। ଯାହାର ଉଦାହରଣ ହେଉଛି ଗୀତା। ଶାସ୍ତ୍ର ଅଧ୍ୟୟନ ହୃଦୟକୁ ବିଶୁଦ୍ଧ କରେ ଏବଂ ମନରେ ଉଚ୍ଚ ପବିତ୍ର ଚିନ୍ତାଧାରା ପୂର୍ଣ୍ଣ କରିଦିଏ। ସମସ୍ତ ଯୋଗର ସାରକଥା ରାଜଯୋଗ ନାମରେ ବା ଅଷ୍ଟାଙ୍ଗ ଯୋଗ ନାମରେ ସମସ୍ତଙ୍କର ଗ୍ରହଣୀୟ ହୋଇଛି।

ସର୍ବୋଚ୍ଚ ଚୈତନ୍ୟ ଲାଭ କରିବା ପାଇଁ ଯୋଗ ଏକ ସୁସମ୍ବଦ୍ଧ ଧାର୍ମିକ ଶୃଙ୍ଖଳା ଯାହା ଚରମ ମୁକ୍ତି ପାଇଁ ପଥ ଦେଖାଇଥାଏ। ଭାରତରେ ସମସ୍ତ ଆଧାତ୍ମିକ କ୍ଷେତ୍ରର ସାଧକ, ମହାପୁରୁଷ ଏବଂ ଜଣେ ଯେ କୌଣସି ଧର୍ମାବଲମ୍ବୀ ହୁଅନ୍ତୁ କିନ୍ତୁ ଯୋଗର ଶୃଙ୍ଖଳାକୁ ସମସ୍ତେ ମାନନ୍ତି। ଯୋଗର ମୌଳିକ ଅର୍ଥ ହେଉଛି ମିଳିତାବସ୍ଥା ଏବଂ ପ୍ରକୃତ ଆତ୍ମା ବା ଈଶ୍ୱରଙ୍କ ସହିତ ମିଳିତ ହେବାକୁ ଏହା ବୁଝାଇଥାଏ। ଅନ୍ୟ ଅର୍ଥରେ ସେହି ମିଳନ ଲାଭ କରିବା ପାଇଁ ଯୋଗ ଏକ ଉପାୟ ବା ପଦ୍ଧତି। ମନ ମଧ୍ୟରେ ଚିନ୍ତା ତରଙ୍ଗକୁ ନିୟନ୍ତ୍ରଣ କରିବା ବା ଚିତ୍ତବୃତ୍ତି ନିରୋଧକୁ ପତଞ୍ଜଳି ଯୋଗର ସଂଜ୍ଞା ରୂପେ ବର୍ଣ୍ଣନା କରିଛନ୍ତି। ଯୋଗସୂତ୍ରର ଚାରୋଟି ବିଭାଗ ବା ପାଦ ରହିଛି ତାହା ହେଲା ସମାଧି ପାଦ, ସାଧନା ପାଦ, ବିଭୁତି ପାଦ ଓ କୈବଲ୍ୟ ପାଦ। ସମାଧି ପାଦରେ ନିର୍ମଳ ଚୈତନ୍ୟ ବିଷୟ ଉଲ୍ଲେଖ ରହିଛି ଯାହାକୁ ଉଚ୍ଚଗୁଣସମ୍ପନ୍ନ ବ୍ୟକ୍ତିମାନେ ଲାଭ କରିଥାନ୍ତି। ସାଧନା ପାଦରେ ଯୋଗର ନିୟମ ଓ ପଦ୍ଧତି ବର୍ଣ୍ଣିତ ହୋଇଛି ଯାହାକୁ ସାଧାରଣରେ ସବୁ ସାଧକ ଓ ସାମାନ୍ୟ ଗୁଣସମ୍ପନ୍ନ ବ୍ୟକ୍ତିମାନେ ଅନୁସରଣ କରିଥାନ୍ତି। ବିଭୁତି ପାଦ ଆଧାତ୍ମିକ ପଥ ବା ଅଲୌକିକ ଶକ୍ତିର ଜାଗରଣ ବିଷୟରେ ସୂଚନା ଦେଇଥାଏ। ଆଉ କୈବଲ୍ୟ ପାଦ ମୋକ୍ଷ ବା ମୁକ୍ତି ସହିତ ସଂଶ୍ଲିଷ୍ଟ। ପତଞ୍ଜଳିଙ୍କ ଯୋଗ ପଦ୍ଧତିକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ।

ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩


# ପିଲାଙ୍କ ପାଇଁ ଯୋଗ

## ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ନିକଟରେ ମିଳିତ ଜାତିସଂଘ ଦ୍ୱାରା ଭାରତର ପ୍ରଧାନମନ୍ତ୍ରୀଙ୍କ ଯୋଗକୁ ଏକ ସ୍ୱତନ୍ତ୍ର ଦିବସ ରୂପେ ପାଳନ କରିବାକୁ ଗ୍ରହଣ କରିନେବା ପରେ ଆନ୍ତର୍ଜାତିକ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। କେବଳ ଭାରତୀୟ ଆଧାତ୍ମିକ ବିଜ୍ଞାନ ନୁହେଁ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରକୁ ଦେଖାଗଲେ ଜଣାଯାଏ ଯେ ଏହି ଯୋଗ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଭୂମିକା ଗ୍ରହଣ କରିଥାଏ। ତେବେ ଯୋଗାସନ କ୍ଷେତ୍ରରେ ପିଲାମାନଙ୍କର କ୍ଷେତ୍ରକୁ ଦେଖିଲେ କେତେକ କ୍ଷେତ୍ରରେ ଭିନ୍ନ ମତ ଦେଖିବାକୁ ମିଳେ। ଏହା ସୁନିଶ୍ଚିତ କଥା ଆଠ ବର୍ଷରୁ ଉର୍ଦ୍ଧ୍ୱ ପିଲା ତା'ର ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଯୋଗ ଶିଖାଇଲେ କିଛି ଖରାପ ନୁହେଁ। କିନ୍ତୁ ଏ କ୍ଷେତ୍ରରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ ପ୍ରସଙ୍ଗଟି ହେଉଛି ପିଲାଟିର ସ୍ୱାସ୍ଥ୍ୟ, ଶାରୀରିକ ଅସୁବିଧା ବା ଚିକିତ୍ସା, କୌଣସି ବଂଶାନୁକ୍ରମିକ ରୋଗ ବା ପରିପାର୍ଶ୍ୱିକ ଅବସ୍ଥିତିକୁ ଦେଖି ନିର୍ଣ୍ଣୟ ନେବାକୁ ପଡ଼ିଥାଏ ଯେ ପିଲାଟିର ଶାରୀରିକ ପୃଷ୍ଟିସାଧନ କ୍ଷେତ୍ରରେ ଯୋଗର କ୍ଷେତ୍ର କେଉଁପରି ଓ କିଭଳି ରହିବ। ଆଜିକାଲି କିଛି ପିଲାମାନଙ୍କ ବାପମାଆ ବା ଅଭିଭାବକ ଭାବପ୍ରବଣ ହୋଇ ଖୁବ୍ କମ୍ ବୟସରୁ ପିଲାମାନଙ୍କୁ ଯୋଗ, ଆସନ, ପ୍ରାଣାୟମ ଓ ବିଭିନ୍ନ ଶାରୀରିକ ବିଜ୍ଞାନ କଳା ଶିଖାଉଛନ୍ତି। ଏହାକୁ ଏକ ପ୍ରକାର ଭାବପ୍ରବଣତାର ଚିନ୍ତାଧାରା କହିଲେ ଅତ୍ୟୁକ୍ତି ହେବନାହିଁ କିନ୍ତୁ ଏହି କ୍ଷେତ୍ରରେ ଚିକିତ୍ସା ବିଜ୍ଞାନ ନିଶ୍ଚିନ୍ତ ଭାବରେ ଏକ ଚିନ୍ତାଜନକ ବିତର୍କରେ ବି ପହଞ୍ଚି ଯାଇଥାଏ। ଶାସ୍ତ୍ର କହିଛି - 'ଶରୀର ମାଦ୍ୟମଂ ଖଳୁଧର୍ମ ସାଧନମ୍।' ଯାହାର ଭାବାର୍ଥ ହେଉଛି ଶରୀରକୁ ଦେଖି ଧର୍ମ ସାଧନା କର। ସେହିପରି ଆଜିକାଲି କିଛି ବିଦ୍ୟାଳୟରେ ମଧ୍ୟ ପିଲାମାନଙ୍କୁ ଏହିପରି ଯୋଗାସନ ଶିକ୍ଷା ପାଇଁ ଉତ୍ସାହିତ କରାଯାଉଛି। ଆଗାମୀ କାଲିର ଭବିଷ୍ୟତ କୁହାଯାଉଥିବା କୋମଳମତି ପିଲାଙ୍କୁ ଶାରୀରିକ ତତ୍ତ୍ୱ କ୍ଷେତ୍ରରେ ଗଢ଼ି ତୋଳିବା ଏକ ସାଧନା କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଛୋଟ ପିଲାଟି ପାଇଁ ଏପରି ଅତ୍ୟନ୍ତ ଉପାଦେୟ ପ୍ରସଙ୍ଗ କେତେକ କ୍ଷେତ୍ରରେ ବିପଜ୍ଜନକ ହେବାର ଦୃଷ୍ଟାନ୍ତ ବି ରହିଛି। ସବୁପିଲାମାନଙ୍କ ବାପମାଆ ଚାହାଁନ୍ତି ସେମାନଙ୍କ ପିଲା ସୁସ୍ଥ ସବଳ ଭାବେ କୌଣସି ରୋଗର ଶିକାର ନହୋଇ ବେଶ ଡଉଲ ଡାଉଲ ଶରୀରଟି ପାଉ। କେବଳ ଶାରୀରିକ ଭାବରେ ନୁହେଁ ମାନସିକ ସ୍ତରରେ ପିଲାଟିର ଉନ୍ନତି ବି ବାପମାଆମାନେ ଚାହାଁନ୍ତି। ତେବେ ପିଲାମାନଙ୍କୁ ନିର୍ଦ୍ଦିଷ୍ଟ ବୟସ ଅବଧି ପରେ ଏବଂ ତାହାର ଶରୀରର ସୁସ୍ଥ ସବଳତାକୁ ଦେଖି ତାହାର ଚିକିତ୍ସା କରୁଥିବା ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଯୋଗାଭ୍ୟାସ କଲେ ଏହା ପିଲାଟି ପାଇଁ ଶାରୀରିକ କ୍ଷେତ୍ରରେ ନିଶ୍ଚିନ୍ତ ଭାବରେ ଉପାଦେୟ ହୋଇପାରିବ।

ପିଲାମାନଙ୍କୁ ଆମର ଭାରତୀୟ ପ୍ରାଚୀନତମ ବିଜ୍ଞାନ ଅନୁଯାୟୀ ସୂର୍ଯ୍ୟ ନମସ୍କାର ଶିଖାଇବା ଏକ ଖୁବ୍ ଭଲ ଅଭ୍ୟାସ। ତେବେ ପ୍ରଥମ କଥା ହେଉଛି ପିଲାଟିକୁ ନିର୍ଦ୍ଦିଷ୍ଟ ଖାଦ୍ୟ ଓ ବିଶ୍ରାମର ରୁଟିନ୍ ତିଆରି କରି ସକାଳୁ ଯୋଗ, ଆସନ ପାଇଁ ପ୍ରସ୍ତୁତି କରନ୍ତୁ। ଏହା ପୂର୍ବରୁ ପିଲାଟିର କୋଷ୍ଠକାଠିନ୍ୟ ଥିଲେ, ବଦ୍‌ହଜମ ରହୁଥିଲେ, ଶ୍ୱାସ ବା ଅନ୍ୟକୌଣସି ଆନୁବଂଶିକ ବା ସଂକ୍ରମିତ ରୋଗ ରହୁଥିଲେ, ପିଲାଟିକୁ ନିଦ ନ ହେଉଥିଲେ, ଦୁର୍ବଳ ସ୍ୱାସ୍ଥ୍ୟ ରହୁଥିଲେ, ଉଦାସୀନତା ଚିନ୍ତାଧାରା ଥିଲେ ଏହିପରି ଅନେକ କ୍ଷେତ୍ରର ପରିପାର୍ଶ୍ୱିକ ସ୍ଥିତିକୁ ଗୁରୁତ୍ୱର ସହିତ ଦୃଷ୍ଟି ଦିଅନ୍ତୁ। ପିଲାଟିକୁ ପ୍ରଥମେ ଆଗେ ସୁସ୍ଥସବଳ ରଖିବା ପରେ ହିଁ ଯୋଗ ଦିଗଟିକୁ ଦୃଷ୍ଟି ଦିଅନ୍ତୁ। ଯୋଗାସନ ଶିକ୍ଷା ଦେବା ପୂର୍ବରୁ ପିଲାଟିର ସକାଳୁ ନିତ୍ୟକର୍ମ ସାରିବାର ଅଭ୍ୟାସ ରଖନ୍ତୁ। ପିଲାଟିକୁ ନିଶ୍ଚିନ୍ତ ଭାବରେ ଜଣେ ବିଧିବଦ୍ଧ ଯୋଗ ପ୍ରଶିକ୍ଷକଙ୍କ ଠାରୁ ହିଁ ଏହାକୁ ଶିକ୍ଷା ଦେବାକୁ ବ୍ୟବସ୍ଥା କରନ୍ତୁ। ପିଲାମାନଙ୍କର ପ୍ରାୟ ସକାଳୁ ବିଦ୍ୟାଳୟ ଥିବାରୁ ଘରୋଇ ପରିବେଶରେ ଶିକ୍ଷା ଦେବା କିଛି ମନ୍ଦ ନୁହେଁ। ତେବେ ଯୋଗ ଦ୍ୱାରା ପିଲାଟିକୁ ଖୁବ୍ କମ ଦିନ ଭିତରେ ବେଶ୍ ମଜଭୁତିଆ ଶରୀରର କରିଦେବା ପରି ଚିନ୍ତାଧାରା ରଖନ୍ତୁ ନାହିଁ। ପିଲାଟିର ଗତ ରାତ୍ରିର ବିଶ୍ରାମ, ସକାଳର ନିଦ୍ରା ତ୍ୟାଗ, ନିତ୍ୟକର୍ମ ସହ ବିଦ୍ୟାଳୟକୁ ଯିବା ସମୟକୁ ମଧ୍ୟ ଦୃଷ୍ଟିରେ ରଖନ୍ତୁ। କେତେକ ବାପାମାଆ ଜିମ୍‌ରେ ପିଲାଙ୍କୁ ଶରୀର ବିଜ୍ଞାନ ବା ଯୋଗ ଶିଖାଇବାକୁ ଇଚ୍ଛୁକ ଥାନ୍ତି। ଏହାକିନ୍ତୁ କିଛି ମନ୍ଦ ନୁହେଁ, କିନ୍ତୁ କଥାଟି ହେଉଛି 'ଦିଅଁ ଗଢୁ ଗଢୁ, ମାଙ୍କଡ଼ ନହେଉ'। ପିଲାଟିକୁ ଶିକ୍ଷା ଦିଅନ୍ତୁ କିନ୍ତୁ ଶିକ୍ଷା ନାଁରେ ତା କ୍ରମବିକାଶର ବାଧକ ଯେ ଆପଣଙ୍କ ଶିକ୍ଷା ନ ହେଉଛି ତାହାକୁ ଚିନ୍ତାରେ ରଖିଥାନ୍ତୁ। କିଛି ଅଭିଭାବକ ଯୋଗାସନ କରୁଥିବା ପିଲାମାନଙ୍କ ପାଇଁ ବଜାରରେ ମିଳୁଥିବା ତଥାକଥିତ ପ୍ରୋଟିନ୍ ଖାଦ୍ୟକୁ ବେଶ୍ ଗୁରୁତ୍ୱ ଦିଅନ୍ତି। ସେମାନେ ଭାବନ୍ତି ପିଲାଟି ଯୋଗ, ବ୍ୟାୟାମ କରୁଛି ମାନେ ତା'ଶରୀରକୁ ଭଲ ରକମର ପୁଷ୍ଟିକର ଖାଦ୍ୟ ଦରକାର। ଏହା କିନ୍ତୁ ନିଶ୍ଚିନ୍ତ କଥା। ପିଲାଟିକୁ ଘରୋଇ ବ୍ୟବସ୍ଥାର ପୃଷ୍ଟିକର ଖାଦ୍ୟ ଦିଅନ୍ତୁ। ମୁଗଗଜା ହେଉ ବା ବାଦାମ, ପଞ୍ଚବର୍ଣ୍ଣ ଛତୁଆ ହେଉ ବା ଫଳ, କ୍ଷୀର ହେଉ ବା ଅଣ୍ଡା ବା ଛୋଟମାଛ ଏହା ପିଲାମାନଙ୍କ ପାଇଁ ଅତ୍ୟନ୍ତ ପୁଷ୍ଟିକର। ଯୋଗାସନ ପରେ କିଛି ସମୟ ପିଲାମାନଙ୍କ ପାଇଁ ବିଶ୍ରାମର ଆବଶ୍ୟକତା ବି ରହିଛି। ପିଲାଟି ଯୋଗ ଅଭ୍ୟାସ ବେଳେ ଢ଼ିଲା ଓ ସୂତାବସ୍ତ୍ର ପିନ୍ଧାନ୍ତୁ। ଖୋଲା ଏବଂ ମୁକ୍ତ ପବନ ଯାଉଥିବା ସ୍ଥାନରେ ଏ ଅଭ୍ୟାସ ଶରୀର ପାଇଁ ଉପାଦେୟ। କେତେକ ବିଦ୍ୟାଳୟରେ ନିୟମିତ ଶାରୀରିକ ବିଜ୍ଞାନ ଶ୍ରେଣୀ ବି ରହିଛି ଏହା ପିଲାମାନଙ୍କ ପାଇଁ ବି ଯୋଗାଭ୍ୟାସ କ୍ଷେତ୍ର ପାଇଁ ଉପାଦେୟ। ତେବେ ପିଲାକୁ ଯୋଗାସନ କରିବା ପୂର୍ବରୁ ତାର ସ୍ୱାସ୍ଥ୍ୟର ସମସ୍ତ କ୍ଷେତ୍ରକୁ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ହିଁ ଅଭ୍ୟାସ କରନ୍ତୁ। ନଚେତ୍ ଏହା ପିଲାମାନଙ୍କ ପାଇଁ ଘାତକ ବି ସାବ୍ୟସ୍ତ ହୋଇପାରେ। ଭାରତର ପ୍ରାଚୀନତମ ଯୋଗବିଜ୍ଞାନ ଆଜିକା ସମୟରେ ପିଲାମାନଙ୍କ ପାଇଁ ବି ନିଶ୍ଚିନ୍ତ ଭାବରେ ଉପାଦେୟ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪



# ଆନ୍ତର୍ଜାତୀୟ ଯୋଗ ଦିବସ

## ବିଶ୍ୱବିଜୟୀ ଦାଶ

ଆନ୍ତର୍ଜାତିକ ଯୋଗ ଦିବସ ବିଶ୍ୱବ୍ୟାପୀ ଜୁନ ୨୧ ତାରିଖରେ ପାଳନ ହୁଏ।ଶରୀରକୁ ସୁସ୍ଥ, ମନକୁ ଶାନ୍ତ ଓ ଶ୍ୱାସକ୍ରିୟାକୁ ନିୟନ୍ତ୍ରିତ କରିବା ପାଇଁ ସାରା ବିଶ୍ୱରେ ଏହି ଯୋଗ ଦିବସ ପାଳନ କରାଯାଉଛି।

ଯୋଗ କରିବା ଦ୍ୱାରା ଶରୀର ଓ ମନର ସର୍ବୋତ୍ତମ ସ୍ୱାସ୍ଥ୍ୟରକ୍ଷା ଯେ ସମ୍ଭବ,ସେଥିଲାଗି ବିଶ୍ୱବ୍ୟାପି ଲୋକ ଏବେ ସୁସ୍ଥ ରହିବା ପାଇଁ ଯୋଗକୁ ଆପଣେଇ ନେଇଛନ୍ତି।

ଏହା ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର। ଏହା ମନ ଏବଂ ଶରୀରକୁ ସଂଯୋଗ କରିଥାଏ। ଯୋଗ କରିବା ଦ୍ୱାରା ଚିନ୍ତା, କ୍ରିୟା, ସଂଯମ ଏବଂ ପୂର୍ଣ୍ଣତା ଆଣିବା ଲାଗି ଏକ ସିଦ୍ଧ ଉପଚାର।

୨୦୧୪ ସେପ୍ଟେମ୍ବର ୨୭ରେ ଭାରତର ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୁନ ୨୧କୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଅଭ୍ୟାସ ପୂର୍ବକ ଯୋଗ ଦିବସ ପାଳନ ପାଇଁ ପ୍ରଥମେ ପ୍ରସ୍ତାବ ଦେଇଥିଲେ । ଆମେରିକାର ମିଳିତ ଜାତିସଂଘ ସାଧାରଣ ପରିଷଦର ୬୯ତମ ଅଧିବେସନକୁ ପ୍ରଥମ କରି ସମ୍ବୋଧିତ କରି ଅଭିଭାଷଣରେ କହିଥିଲେ ଯେ, 'ପରିବର୍ତ୍ତନଶୀଳ ଦୁନିଆରେ ସବୁକିଛି ପରିବର୍ତ୍ତନ ହେଉଥିବାବେଳେ ଜଳବାୟୁ ପରିବର୍ତ୍ତନ ହେବା ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ । ଆମ ଭାରତୀୟ ସଂସ୍କୃତିରେ ଏହାର ମୁକାବିଲା କରିବା ପାଇଁ ଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି । ଯୋଗକୁ କେବଳ ବ୍ୟାୟାମରେ ସୀମିତ ନରଖି ଶାସ୍ତ୍ରାନୁସାରେ ପରିବ୍ୟାପ୍ତ କରାଗଲେ ସବୁକିଛିର ପରିବର୍ତ୍ତନ କରାଯାଇପାରିବ । ତେଣୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଦିବସ ପାଳନ କରାଯିବା ଉଚିତ ।'

ଏହାପରେ ଆନ୍ତର୍ଜାତିକ ସ୍ତରରେ ଏହାକୁ ପାଳନ କରିବା ପାଇଁ ମିଳିତ ଜାତିସଂଘ ଅଧିବେସନ ଦ୍ୱାରା ଡିସେମ୍ବର ୧୧, ୨୦୧୪ରେ ସଂକଳ୍ପ ନିଆଯାଇଥିଲା।

'ଯୋଗ ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର । ଏହା ମନ ଏବଂ ଶରୀରକୁ ସଂଯୋଗ; ଚିନ୍ତା ଏବଂ କ୍ରିୟା; ସଂଯମ ଏବଂ ପୂର୍ଣ୍ଣତା; ମନୁଷ୍ୟ ଏବଂ ପ୍ରକୃତି ସହ ସଂଗତି; ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଏକ ସିଦ୍ଧ ଉପଚାର ଅଟେ । ଏହା କେବଳ ଏକ ବ୍ୟାୟାମ ନୁହେଁ ନିଜ ଭିତରେ ଜଗତ ଏବଂ ପ୍ରକୃତି ସହ ଏକାଗ୍ରତା ଆବିଷ୍କାର କରିବାକୁ ହୋଇଥାଏ, ଚେତନା ଉଦ୍ରେକକରି ଆମ ଜୀବନଶୈଳୀରେ ପରିବର୍ତ୍ତନ ଆଣି ଆମ ପାରିପାର୍ଶ୍ୱିକ ଜଗତରେ ସହ ଖାପ ଖୁଆଇ ଚାଲିବାରେ ସହଯୋଗ କରେ। ଜୁନ ୨୧ ଗ୍ରୀଷ୍ମ ସଂକ୍ରାନ୍ତିରେ ସୂର୍ଯ୍ୟ ଦକ୍ଷିଣାୟନ ମୋଡ଼ ନେଇଥାନ୍ତି, ଏହି ଦିନକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ନରେନ୍ଦ୍ର ମୋଦୀ ପ୍ରସ୍ତାବ ଦେଇ ଉପସ୍ଥାପନ କରିଥିଲେ ଯେ ଉତ୍ତର ଗୋଲାର୍ଦ୍ଧରେ ପୁରା ବର୍ଷରେ ଏହି ଦିନର ଅବଧି ବଡ଼ ହୋଇଥିବା ସହ ବିଶ୍ୱରେ ବିଭିନ୍ନ ସ୍ଥାନରେ ଏହିଦିନର ମହତ୍ୱ ଅଛି।

ଆନ୍ତର୍ଜାତିକ ଯୋଗ ଦିବସ ପାଳନ ର ପ୍ରଥମ ବର୍ଷ ୨୦୧୫ ମସିହା ଥିଲା।

ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟଦ୍ୱାରା ଅୟୋଜିତ ଏକ କାର୍ଯ୍ୟକ୍ରମରେ ରାଜଧାନୀ ନୂଆଦିଲ୍ଲୀର ରାଜପଥଠାରେ ୮୪ ଦେଶର ୩୫,୯୮୫ ଜଣ ଅଂଶଗ୍ରହଣକାରୀ ଭାଗନେଇ ଦୁଇଟି ଗିନିସ ବର୍ଲ୍ଡ ରେକର୍ଡ ସ୍ଥାପନ କରିଥିଲେ।ଏଥିରେ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଶ୍ରୀ ଅରବିନ୍ଦ କେଜରିୱାଲା,କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ, ସାଂସଦ, ସେନା ଓ ପୋଲିସର ଯବାନ, ପ୍ରଶାସନିକ ଅଧିକାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ଏବଂ ଅଧାଘଣ୍ଟା ଧରି ଯୋଗ କରିଥିଲେ।ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ବହୁ କେନ୍ଦ୍ରମନ୍ତ୍ରୀ, ବ୍ୟୁରୋକ୍ରାଟ, କୂଟନୈତିଜ୍ଞ ତଥା କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ମାନେ ସାମିଲ ହୋଇଥିଲେ।ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଦର୍ଶନ ପାଇଁ ୨ ହଜାର ଡିଜିଟାଲ ସିନେମା ସ୍କ୍ରିନ ବ୍ୟବସ୍ଥା କରାଯାଇଥିଲା।ଏହି ଆୟୋଜନ ୧୦ ବର୍ଷର ଏକ ପୁରୁଣା ରେକର୍ଡକୁ ଭାଙ୍ଗି ଦେଇଥିଲା।୧୦ ବର୍ଷ ତଳେ ୨୦୦୫ ନଭେମ୍ବର ୧୯ ତାରିଖରେ ଗ୍ୱାଲିଅରରେ ୧୯,୯୭୩ ଜଣ ଲୋକ ଏକାସାଙ୍ଗରେ ଗୋଟିଏ ସ୍ଥାନରେ ଯୋଗାଭ୍ୟାସ କରିଥିଲେ । ଆଉ ଏହା ବିଶ୍ୱ ରେକର୍ଡ ହେବା ସହିତ 'ଗିନିଜ ବୁକ ଅଫ ବର୍ଲ୍ଡ ରେକର୍ଡ'ରେ ସ୍ଥାନିତ ହୋଇଥିଲା । ଏହା ସହିତ ଦେଶର ସ୍କୁଲ, କଲେଜ ଭଳି ଶିକ୍ଷାନୁଷ୍ଠାନ, ଅନ୍ୟାନ୍ୟ ଘରୋଇ ଓ ସରାକାରୀ ଅନୁଷ୍ଠାନ ଏବଂ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକ ଯୋଗ ଦିବସ ପାଳନ କରିଥିଲେ । ସେହିପରି ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ମଧ୍ୟ ଯୋଗ ଦିବସ ପାଳନ କରାଯାଇଥିଲା।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ସ୍ତ୍ରୀର ପରକୀୟା ପ୍ରୀତି : ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ

ଧର୍ମଶାଳା, ୨୦/୦୬ (ନି.ପ୍ର): ସ୍ୱାମୀ ସ୍ତ୍ରୀକୁ ନିର୍ଯ୍ୟାତନା ଦେଉଥିବା ଘଟଣା ନଜିର ରହିଛି । ହେଲେ ସ୍ତ୍ରୀ ସ୍ୱାମୀକୁ ନିର୍ଯ୍ୟାତନା ଦେବା ଘଟଣା ସମ୍ନାକୁ ଆସିଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ବଡ କଇଁଚି ବାଲିସାହି ଗ୍ରାମରେ । ବାଲିସାହି ଗ୍ରାମର ଅମୂଲ୍ୟ କୁମାର ଗୁରୁ ବୃତିରେ ଜଣେ ସେନା ବାହିନୀ କର୍ମଚାରୀ । ଗତ ୨୦୦୦ ମସିହାରେ ଅମୂଲ୍ୟ ଧାମନେଗର ନିକଟସ୍ଥ କଲ୍ୟାଣୀ ଗ୍ରାମର ଗୋକୁଳି ଦାସଙ୍କ ଝିଅ ବିଜୟଲକ୍ଷ୍ମୀଙ୍କୁ ବିବାହ କରିଥିଲେ । ବିବାହ କିଛି ପର୍ଯ୍ୟନ୍ତ ହସ ଖୁସିରେ ଚାଲିଥିଲା । ବିବାହର କିଛି ଦିନ ପରେ ସ୍ୱାମୀ ଚାକିରୀକୁ ଚାଲିଯିବା ପରେ ଏହାର ସୁଯୋଗ ନେଇ ବିଜୟଲକ୍ଷ୍ମୀ ବରୀ ରାମଚନ୍ଦ୍ରପୁର ଅଂଚଳର ବିକାଶ ବିଶ୍ୱାଳଙ୍କ ସହିତ ଦୀର୍ଘ ଦିନ ପ୍ରେମ ସମ୍ପର୍କ ରଖିଥିଲେ । ସ୍ୱାମୀ ଚାକିରୀରୁ ଫେରିବା ପରେ ଏକଥା ଅମୂଲ୍ୟ ଜାଣିବା ପରେ ଏହାକୁ ବିରୋଧ କରିଥିଲେ । ହେଲେ ଏହି କଥାକୁ ବିଜୟଲକ୍ଷ୍ମୀ ଖାତିର କରି ନ ଥିଲେ । ତେବେ ପ୍ରଥମ ରଜ ରାତିରେ ସେ ସ୍ୱାମୀଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ଅମୂଲ୍ୟଙ୍କୁ ବେହୋସ କରି ଦେଇଥିଲେ । ବେହେସ ହେବା ପରେ ବିକାଶ ଓ ନିଜ ପୁଅଙ୍କ ସହ ମିଶି ମରଣାନ୍ତକ ଆକ୍ରମଣ କରିଥିଲେ । ଚେତା ଫେରିବା ପରେ ନିଜେ ଘରେ ବନ୍ଧା ହୋଇ ପଡିଥିବା ଜାଣିବାକୁ ପାଇଥିଲେ । ତେବେ ଅମୂଲ୍ୟଙ୍କ ଝିଅ ସ୍ୱାଗତିକା ମାମୁଁ ଘରୁ ଫେରିବା ପରେ ବାପାଙ୍କୁ ବନ୍ଧା ଯାଇଥିବା ରଶିକୁ ଖୋଲିଥିଲେ । ତେବେ ଘର ଲୋକେ ଏହାକୁ ଦୁର୍ଘଟଣାର କାରଣ ଦର୍ଶାଇଥିଲେ । ରାତିରେ ସମସ୍ତେ ଶୋଇବା ପରେ ଅମୂଲ୍ୟ ଘର ଛାତ ଡେଇଁ କୁଆଖିଆ ଥାନାରେ ପଂହଚି ଏହି ବସ୍ତୁ କଥା ପୋଲିସକୁ ଜଣାଇଥିଲା । କୁଆଖିଆ ପୋଲଇସ ଅଭିଯୋଗ ପାଇବା ପରେ ବିଜୟଲକ୍ଷ୍ମୀ ଓ ପୁଅ ଆଶୁତୋଷକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି । ତେବେ ବିଜୟଲକ୍ଷ୍ମୀ ବଡକଇଁଚି ଅଙ୍ଗନବାଡି କେନ୍ଦ୍ରରେ କର୍ମୀଭାବେ କାମ କରନ୍ତି । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତକୁ ପୋଲିସ ଖୋଜୁଛି । ତେବେ ଏଭଳି ଘଟଣାକୁ ନେଇ ଯାଜପୁର ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ୯ ବର୍ଷରେ ଜନଜାତିବହୁଳ ଓଡିଶା ରାଜ୍ୟ ସର୍ବାଧିକ ଲାଭାନ୍ୱିତ : ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର, ୨୦/୦୬ (ନି.ପ୍ର): ଓଡିଶାରେ ୨୩ ଭାଗ ଜନଜାତି ବସବାସ କରୁଛନ୍ତି କିନ୍ତୁ ସ୍ୱାଧୀନତାର ୭୫ବର୍ଷ ଶାସନ କରିଥିବା କେନ୍ଦ୍ର ସରକାରମାନେ ଜନଜାତିଙ୍କ ନାଁରେ ଭୋଟ ନେଉଥିଲେ କିନ୍ତୁ ବିକାଶ ପାଇଁ କୌଣସି କାର୍ଯ୍ୟ କରିନଥିଲେ । ନରେନ୍ଦ୍ର ମାଦି ୨୦୧୪ରେ ଶାସନକୁ ଆସିବା ପରେ ୯ବର୍ଷ ଭିତରେ ଜନଜାତିଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କରିଛନ୍ତି । ମୋଦିଜୀ ଓଡିଶା ରାଜ୍ୟର ଜନଜାତି ସଂପ୍ରଦାୟର ଶ୍ରୀମତୀ କମଳା ପୂଜାରୀଙ୍କୁ ପଦ୍ମଶ୍ରୀରେ ସମ୍ମାନୀତ କରିଛନ୍ତି ଓ ଗିରିଶ ମୁର୍ମୁଙ୍କୁ ସିଏଜି ଭଳି ଏକ ମହତ୍ୱପୂର୍ଣ୍ଣ ସାମ୍ବିଧାନିକ ପଦର ଦାୟୀତ୍ୱ ଦେଇଛନ୍ତି । ଦେଶର ସର୍ବୋଚ୍ଚ ପଦରେ ଜଣେ ଓଡ଼ିଶାର ଆଦିବାସୀ ମହିଳାଙ୍କୁ ଦେଶର ପ୍ରଥମ ନାଗରିକ ବା ରାଷ୍ଟ୍ରପତି ପଦରେ ଅଳଙ୍କୃତ କରିବା ଓଡିଶାର ଜନଜାତିଙ୍କ ପାଇଁ ସବୁଠୁ ବଡ ପୁରସ୍କାର ବୋଲି ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ଶ୍ରୀ ଗଣ୍ଡ କହିଛନ୍ତି ଯେ, ନରେନ୍ଦ୍ର ମୋଦି ଶାସନ କ୍ଷମତାକୁ ଆସିବା ପରେ ଜନଜାତିଙ୍କୁ ସମାଜର ମୁଖ୍ୟ ସ୍ରୋତରେ ଯୋଡିବା ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ କରିଛନ୍ତି । ଜନଜାତିବହୁଳ ରାଜ୍ୟ ଭାବେ ପରିଗଣିତ ଓଡିଶାକୁ ବିଶେଷ ପ୍ରାଧାନ୍ୟ ଦେଇଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ଗମନାଗମନ, ମହିଳା ସଶକ୍ତିକରଣ, ଶିଶୁ ବିକାଶ ଆଦି କ୍ଷେତ୍ରରେ ମୋଦିଜୀ ଗୋଟିଏ ପରେ ଗୋଟିଏ ଯୋଜନା କରୁଛନ୍ତି । ଓଡ଼ିଶାରେ ୧୧୪ ଏକଲବ୍ୟ ମଡେଲ ସ୍କୁଲ କରିବା ପାଇଁ ମୋଦିଜୀ ପଦକ୍ଷେପ ନେଇଛନ୍ତି କିନ୍ତୁ ରାଜ୍ୟ ସରକାର ଜମି ଯୋଗାଇ ଦେଉନାହାନ୍ତି । ନବୀନ ବାବୁ ଜନଜାତିଙ୍କୁ କ୍ରମାଗତ ଭାବେ ଅବହେଳା କରିବା ସହିତ ସେମାନଙ୍କ ସାମୁହିକ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ ଆରମ୍ଭ କରିଥିବା ସମସ୍ତ ଯୋଜନାର ସୁଫଳରୁ ସେମାନଙ୍କୁ ବଂଚିତ ରଖିବା ପାଇଁ ସମସ୍ତ ପ୍ରକାରର ବନ୍ଦୋବସ୍ତ କରୁଛନ୍ତି । ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ କେନ୍ଦ୍ର ସରକାର ଯୋଜନା କାର୍ଯ୍ୟକାରୀ ହେଉନାହିଁ । ଆଦିବାସୀ ଜିଲ୍ଲାମାନଙ୍କରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟ ସରକାର ଅବହେଳା କରୁଛନ୍ତି । ଆଦିବାସୀବହୁଳ ଜିଲ୍ଲାମାନଙ୍କରେ ମେଡିକାଲ କଲେଜ ପ୍ରତିଷ୍ଠା କରାଇ ଶିକ୍ଷାପ୍ରାପ୍ତି ପରେ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ସେହି ଜିଲ୍ଲାରେ ନିଯୁକ୍ତି ଦେଲେ ସ୍ୱାସ୍ଥ୍ୟସେବା ସୁଧୁରିବ । ସେହିପରି ରାଜ୍ୟର ଆଦିବାସୀବହୁଳ ପ୍ରତ୍ୟେକ ବ୍ଲକରେ ସରକାରୀ ଡିଗ୍ରୀ କଲେଜ ପ୍ରତିଷ୍ଠା କରାଇଲେ ଶିକ୍ଷାପ୍ରାପ୍ତିରୁ ବଂଚିତ ହେଉଥିବା ଆଦିବାସୀ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପ୍ରାପ୍ତ କରିପାରିବେ । ଆଦିବାସୀ ପିଲାମାନେ ଉଚ୍ଚଶିକ୍ଷା ପାଇଁ ୧୦ଲକ୍ଷ ପର୍ଯ୍ୟନ୍ତ ୬ ପ୍ରତିଶତ ସୁଧ ହାରରେ କେନ୍ଦ୍ର ସରକାର ଋଣ ଦେବାର ବ୍ୟବସ୍ଥା କରିଛନ୍ତି । ଆଦିବାସୀ ମହିଳାଙ୍କ ସଶକ୍ତିକରଣ ପାଇଁ ବନଧନ ଯୋଜନାରେ ୪୦କୋଟି ଟଙ୍କା ମୋଦିଜୀ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଜନଜାତିର ବିକାଶ ପାଇଁ ଯୋଜନା କରୁଛନ୍ତି କିନ୍ତୁ ଉପକୃତ ନହେବା ପାଇଁ ସମସ୍ତ ବ୍ୟବସ୍ଥା କରୁଛନ୍ତି ରାଜ୍ୟ ସରକାର । ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ବିଭିନ୍ନ ଜନଜାତି ବିକାଶ ଯୋଜନାକୁ ରାଜ୍ୟରେ ବିଜେଡି ସରକାର ଟଂଚକତା କରି ହାଇଜାକ୍ କରୁଛି । ବାସ୍ତବରେ ରାଜ୍ୟ ସରକାର ଜନଜାତିଙ୍କୁ ନେଇ କେବଳ ରାଜନୀତି କରୁଛନ୍ତି ବୋଲି ଶ୍ରୀ ଗଣ୍ଡ କହିଛନ୍ତି ।

# ନିଟ୍ ପରୀକ୍ଷାରେ ସଫଳତା ହାସଲ କଲେ ଟିଟିଲାଗଡର ନିହାର ରଞ୍ଜନ ବେହେରା

ବଲାଙ୍ଗୀର, ୨୦/୦୬ (ନି.ପ୍ର): ଟିଟିଲାଗଡ ପୌରପରିଷଦ ୱାର୍ଡ ନମ୍ବର ୧୨ ଅନ୍ତର୍ଗତ ଝାଙ୍କରପଡ଼ାରେ ରହୁଥିବା ଜଣେ ରେଳ ବିଭାଗ କର୍ମଚାରୀଙ୍କ ପରିବାରର ନିହାର ରଞ୍ଜନ ବେହେରା ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ମା' ପ୍ରେମଲତା ବେହେରା ଜଣେ ଗୃହିଣୀ, ବାପା ଜଣେ ମେଲ ଏକ୍ସପ୍ରେସର ଲୋକୋ ପାଇଲଟ ଯୁଧିଷ୍ଠିର ବେହେରା । ତାଙ୍କର ଗୋଟିଏ ଝିଅ ଏବଂ ଗୋଟିଏ ପୁଅ । ପୁଅ ନିହାର ରଞ୍ଜନ ବେହେରା ଚଳିତ ବର୍ଷ ନିଟ୍ ଏନ୍ଟ୍ରାନ୍ସ ପରୀକ୍ଷାରେ ୭୨୦ ମାର୍କରୁ ୬୫୫ ମାର୍କ ରଖି ଅଲ୍ ଇଣ୍ଡିଆ ରେଙ୍କ ୫୭୯୭ ହାସଲ କରିଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ସହରବାସୀ ତଥା ଶୁଭେଚ୍ଛୁଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି ନିହାରଙ୍କ ପାଇଁ । ନିହାର ଟିଟିଲାଗଡ ପ୍ରଭାବତୀ ପବ୍ଲିକ ସ୍କୁଲରେ ପାଠ ପଢି ଦଶମ ଶ୍ରେଣୀରେ ୮୫ ପ୍ରତିଶତ ମାର୍କ ରଖି ଯୁକ୍ତ ଦୁଇ ପଢ଼ିବା ପାଇଁ ଭୁବନେଶ୍ୱର ସ୍ଥିତ ଏଲ୍ଏନ୍ ଇନଷ୍ଟିଚ୍ୟୁଟରେ ନାମ ଲେଖାଇଥିଲେ । ସେଠାରେ ପଢି ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖିଥିଲେ । ଚଳିତ ବର୍ଷ ନିଟ୍ ଏନ୍ଟ୍ରାନ୍ସରେ ସଫଳତା ହାସଲ କରି ଟିଟିଲାଗଡ ସହର ପାଇଁ ଗୌରବ ଆଣି ଦେଇଛନ୍ତି । ମା, ବାପାଙ୍କ ଇଛା ଥିଲା ବଡ଼ ହୋଇ ନିହାର ଜଣେ ଭଲ ଡାକ୍ତର ହୁଅନ୍ତୁ । ନିହାର ଛୋଟ ବେଳୁ ବକ୍ତୃତା, ପ୍ରବନ୍ଧ, ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ବହୁତ ପୁରସ୍କାର ପାଇଥିବା ବେଳେ ବେଡମିଣ୍ଟନ ଖେଳରେ ଉପଖଣ୍ଡସ୍ତରୀୟ ଠୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଆଗକୁ ଜଣେ ଭଲ ନ୍ୟୁରୋ ସର୍ଜନ ଡାକ୍ତର ହେବାର ଲକ୍ଷ୍ୟ ରଖିଛନ୍ତି ନିହାର ।

# ଆସନ୍ତା ୨୪ରୁ ୩ ଦିନ ବ୍ୟାପି ଜିଲ୍ଲାସ୍ତରୀୟ ନାଟକ ପ୍ରତିଯୋଗିତା

ନୂଆପଡ଼ା, ୨୦/୦୬ (ନି.ପ୍ର): ଆସନ୍ତା ୨୪ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ନାଟକ ପ୍ରତିଯୋଗିତା ସହ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ । ଏନେଇ ଆଜି ଅନୁଷ୍ଠାନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଛି । ଅନୁଷ୍ଠାନର ୩୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ସୂଚନା ଦେଇଥିଲେ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ । ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଅନୁଷ୍ଠାନ ସବୁ ନାଟକ ପରିବେଷଣ କରିବେ । ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଆମର ଗାଁ ଓ ସହର ସେଦିନ ଅନ୍ଧାର ଥିଲା ନାଟକ ପ୍ରଦର୍ଶିତ କରାଯିବ । ବୋଡ଼େନ ବ୍ଲକ ପଲସଦା ଆଶ୍ରମ ତରଫରୁ ବଏଠା ତୁଲା, ସ୍ୱରସଙ୍ଗମ କଳା ପରିଷଦ ସିନାପାଲି ତରଫରୁ ଭିନ୍ନ ଏକ ଏକଲବ୍ୟ, ଖଡ଼ିଆଳ ରାଜା ଆର୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପକ୍ଷରୁ କୋଶଳୀ ନାଟକ ରାମ ନାମ ସତ୍ୟ ହେ, କୋମନା ନାଟ୍ୟ ସଂସଦ ପକ୍ଷରୁ କେନ କରବା ଉଦ୍ଧାର, ମା ଠାକୁରାଣୀ କ୍ଲବ ପକ୍ଷରୁ ମୁଦୁରିଆର ଦୁଃଖେ ଝି, ଖଡ଼ିଆଳ ପବ୍ଲିକ ସ୍କୁଲ ପକ୍ଷରୁ କୋଶଳୀ ନାଟକ ଉକିଆ ପ୍ରଭୃତି ମୋଟ ଆଠଟି ନାଟକ ପରିବେଷିତ ହେବ । ସମସ୍ତ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସେ କହିଥିଲେ । ପ୍ରତ୍ୟେକ ଦିନ ସାଂସ୍କୃତିକ ସଭା ସହ ଖଡ଼ିଆଳ ଅଂଚଳରେ ନାଟକର କ୍ରମବିକାଶ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ ଓ ସମସ୍ତ କାର୍ଯ୍ୟକ୍ରମ ଖଡ଼ିଆଳ ସ୍ଥିତ ଅଗ୍ରସେନ ଭବନରେ ଆୟୋଜନ କରାଯିବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଥିଲା । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ, ଶିକ୍ଷାବିତ ସତୀଶ ପଟ୍ଟନାୟକ, ବବୃବାହାନ ବର୍ମା, ସମ୍ପାଦକ ସୋମନାଥ ଜଗତ, ଧର୍ମବୀର ରାଉତ, ଗୋବିନ୍ଦ ପଣ୍ଡା, ପିଉଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଖରୀ ନ ଶୁଖାଇବା ପାଇଁ ଚନ୍ଦନପୁର ଗ୍ରାମବାସୀଙ୍କ ଦାବି

କେନ୍ଦ୍ରାପଡ଼ା, ୨୦/୦୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ କଂସାର ପଂଚାୟତ ଅନ୍ତର୍ଗତ ଚନ୍ଦନପୁର ଗ୍ରାମବାସୀବୃନ୍ଦ ତାଙ୍କ ଗ୍ରାମରେ ଥିବା ପୋଖରୀ ନଶୁଖାଇବା ପାଇଁ ଜିଲ୍ଲାପାଳ ଓ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ପୋଖରୀ ରେ ୧୦୦ ରୁ ଉର୍ଦ୍ଧ୍ୱ ପରିବାର ଚଳିବା ପାଇଁ ନିର୍ଭର କରନ୍ତି । ତଦ୍ ସହିତ ଅନେକ ଚାଳ ଛପର ଘର ଏହି ଗ୍ରାମରେ ଥିବାବେଳେ ଅଘଟଣା ସମୟରେ କିମ୍ବା ନିଆଁ ଲାଗିଲେ ଏହି ପୋଖରୀ ପାଣି ଦ୍ୱାରା ନିଆଁକୁ ଆୟତ କରାଯାଇ ଥାଏ । ପ୍ରବଳ ଗ୍ରୀଷ୍ମ ତାପ ସମୟରେ ଜଳ ପାଇଁ ହା ହା କାର ପଡିଥିବା ସମୟରେ ପୋଖରୀକୁ ନିଲାମ ନେଇଥିବା ବ୍ୟକ୍ତିମାନେ ଚାଲବାଜ କରି ପୋଖରୀକୁ ଶୁଖାଇବା କୁ ଉଦ୍ୟମ କରୁଥିବାରୁ ଗ୍ରାମବାସୀ ମାନେ ଏହାର ତୀବ୍ର ବିରୋଧ କରିବା ସହିତ ଜିଲ୍ଲାପାଳ ଓ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# କବି ଯଜ୍ଞେଶ୍ୱର ପଣ୍ଡା ସମ୍ମାନିତ

ଜୟପୁର , ୨୦/୦୬ (ନି.ପ୍ର): ଭାରତୀୟ ସାହିତ୍ୟ ସଂସ୍କୃତି ସଂସଦ ସମ୍ବଲପୁର (ଓଡ଼ିଶା) ତରଫରୁ ବଲାଙ୍ଗିର ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସାରସ୍ୱତ ମହାକୁମ୍ଭ ଓ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ଆୟୋଜନ ଅବସରରେ ଓଡ଼ିଆ ଭାଷା-ସାହିତ୍ୟ ଓ କଳା- ସଂସ୍କୃତିର ବିକାଶ ,ସୁରକ୍ଷା ଏବଂ ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବି ଯଜ୍ଞେଶ୍ୱର ପଣ୍ଡାଙ୍କୁ ବାଣୀ ବିଭୂଷଣ ସମ୍ମାନ- ୨୦୨୩ ସମ୍ମାନରେ ସମ୍ମାନିତ କରାଯାଇଛି । ପ୍ରକାଶଥାଉକି ଶ୍ରୀ ପଣ୍ଡା ଶିକ୍ଷା ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଯଥାକ୍ରମେ ଆଦର୍ଶ ଶିକ୍ଷକ ଓ ଶ୍ରେଷ୍ଠ କନିଷ୍ଠ ରେଡ୍ କ୍ରସ ପରାମର୍ଶଦାତା ସମ୍ମାନ ଓ ରେଡକ୍ରସ୍ ଶିକ୍ଷକ ସମ୍ମାନ ରେ ସମ୍ମାନିତ ।

# ଭାଇର ଶ୍ୱଶୁର ଘରେ ଭାଉଜକୁ ହାଣିଲା ଦିଅର : ୩ ଗିରଫ

କେନ୍ଦ୍ରାପଡ଼ା, ୨୦/୦୬ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅଧିନ ଅଟାବୁହା ଗ୍ରାମରେ ଏକ ଅଭାବନୀୟ ଘଟଣା ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ଖେଳାଇ ଦେଇଛି । ଭାଇର ଶଶୁର ଘରକୁ ବନ୍ଧୁ ଭାବରେ ବୁଲି ଆସିଥିବା ଦିଅର ଓ ତାର ଦୁଇ ଜଣ ସହଯୋଗୀ ବନ୍ଧୁ ସତ୍କାର ଭାବେ ଭୋଜନ କରି ସାରିବା ପରେ ନିର୍ମମ ଭାବରେ ଭାଉଜକୁ କଟୁରୀରେ ହାଣି ମରଣାତ୍ମକ ଆକ୍ରମଣ କରିଥିବା ଜଣାପଡିଛି । ଏନେଇ ସଦର ଥାନାରେ ଅଭିଯୋଗ ହେବା ପରେ ଦିଅର ଓ ତାର ଦୁଇ ସହଯୋଗୀଙ୍କୁ ପୋଲିସ ଗିରଫ କରିଥିବା ଜଣାପଡିଛି । ଘଟଣା ମୁତାବକ ଅଟାବୁହା ଗ୍ରାମର ନୃସିଂହ ଚରଣ ସାହୁଙ୍କ ଝିଅ ଜିନୁମୟୀ ସାହୁ(୩୫) ୨୦୧୮ ମସିହାରେ ନେମାଳ ଥାନା ଅଧିନ ତିଳକଣା ଗ୍ରାମର ଉମାକାନ୍ତ ସାହୁଙ୍କୁ ବିବାହ କରିଥିଲେ । ଉମାକାନ୍ତ ବର୍ତମାନ ଜଗତପୁର ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟରତ ଅଛନ୍ତି । ତେବେ ବିବାହ ପରେ ଉଭୟଙ୍କର ଏକ ୫ ବର୍ଷର ଝିଅ ଥିବାବେଳେ ପାରିବାରିକ ବିବାଦକୁ ନେଇ ପତ୍ନୀ ଜିନୁମୟୀ ବାପଘର ଅଟାବୁହା ଗ୍ରାମରେ କିଛିଦିନ ହେଲା ରହୁଥିଲେ । ଆଜି ମଧ୍ୟାହ୍ନ ପ୍ରାୟ ୧ଟା ସମୟରେ ଦିଅର ରମାକାନ୍ତ ସାହୁ ଓ ତାର ସାଙ୍ଗ ରଞ୍ଜନ ସାହୁ ଓ ପ୍ରକାଶ ସାହୁ ଗୋଟିଏ ବାଇକରେ ଆସି ଅଟାବୁହା ଗ୍ରାମରେ ଭାଉଜ ଘରେ ପହଁଚିଥିଲେ । ଖାଇବା ପିଇବା ପରେ ଭାଉଜକୁ ନେବାପାଇଁ କଥାହେବେ ବୋଲି କହି ସମସ୍ତଙ୍କୁ ବିଦା କରି ଦେଇଥିଲେ । କିଛି ସମୟ ପରେ ଘର ଭିତରୁ ଚିତ୍କାର ଶୁଣି ପରିବାର ଲୋକେ ଓ ପାଖ ପଡିଶା ମାନେ ଦେଖିଲା ବେଳକୁ ଦିଅର ରମାକାନ୍ତ ଲୁଚାଇ ଆଣିଥିବା କଟୁରୀ ରେ ଭାଉଜ ବେକକୁ ଚୋଟ ପରେ ଚୋଟ ମାରି ଚାଲିଥିଲେ । ଆକ୍ରମଣରେ ଜିନୁମୟୀର ମୁହଁ, ବେକ, ପାଟି, ପିଠି, ମୁଣ୍ଡରେ ଚୋଟ ପଡି ଗୁରୁତର ହୋଇ ଥିବାରୁ ସ୍ଥାନୀୟ ଲୋକେ ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ ଓ ଆକ୍ରମଣକାରୀ ୩ ଜଣଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ । ଅଭିଯୋଗ ପାଇ ସଦର ଥାନା ପକ୍ଷରୁ ୪୬୪/୨୩ ରେ ମାମଲା ରୁଜୁ କରି ଅଭିଯୁକ୍ତ ଆକ୍ରମଣ କାରୀଙ୍କୁ ଗିରଫ କରାଯାଇ ଥିବା ଥାନା ଅଧିକାରୀ ସରୋଜ କୁମାର ସାହୁ ଓ ତଦନ୍ତ କାରୀ ଅଧିକାରୀ ଏସ.ଆଇ ପିକେ ରଥ ସୂଚନା ଦେଇଛନ୍ତି । ତେବେ ପିଡିତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇ ଥିବା ଜଣାପଡିଛି ।

# କେନ୍ଦୁଝରର ସୁନାପଶିରେ ଧୁମ୍‌ଧାମରେ ପାଳିତ ହେଲା ରଜ ଉତ୍ସବ

କେନ୍ଦୁଝର, ୨୦/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ୍‌ର ପଡୁଆ ଗ୍ରାମ ପଂଚାୟତ ଅନ୍ତଗର୍ତ ସୁନାପଶି ଗ୍ରାମଠାରେ ଧୁମ୍‌ଧାମ୍‌ରେ ରଜ ପର୍ବ ପାଳିତ ହୋଇଯାଇଛି । ଜୁନ୍ ୧୩ ତାରିଖ ପାଣିବୁହା ଠାରୁ ଆରମ୍ଭ କରି ୧୪ ତାରିଖ ପହିଲି ରଜ, ୧୫ ତାରିଖ ରଜ ସଂକ୍ରାନ୍ତି, ଜୁନ୍ ୧୬ ତାରିଖ ଭୂଇଁଦହନ, ଜୁନ୍ ୧୭ ତାରିଖ ବସୁମତି ସ୍ନାନର ବିଧିପାଳନ ପୂବର୍କ ରଜ ପର୍ବ ଆନନ୍ଦଉଲ୍ଲାସ ଉଦ୍ଦୀପନା ମଧ୍ୟେର ପାଳନ ହେବା ପେର ଜୁନ୍ ୧୮ ତାରିଖ ରବିବାର ଦିନ ରଜ ବଠାେଇବା କାଯର୍ୟକ୍ରମ ଅାୟୋଜନ ହୋଇଥିଲା । ରଜ ପାଳନ କମିଟିର ସଭାେନତ୍ରୀ ସୁବାସିନୀ ନାଏକ, ସଂପାଦିକା ହେମଲତା ନାଏକଙ୍କ ତତ୍ୱାେବାଧନାେର ରଜପବର୍କୁ ଅଧିକ ଆକଷର୍ଣୀୟ କରିବା ପାଇଁ ବିଭିନ୍ନ ପ୍ରତଯୋଗିତା ଆୟୋଜିତ ହୋଇଥିଲା । ଖାଇେଦାଳି, ପଟା ଦୋଳି, ଚକ୍ରଦୋଳି, ବାକ୍ସଦୋଳି ଇତ୍ୟାଦି ବ୍ୟବସ୍ଥା କରାଯାଇଥିବାେବଳ ଆଖପାଖ ପେଡାଶୀ ଗ୍ରାମର ଜନସାଧାରଣ ଦୋଳଖେଳର ମଜା ନେବା ପାଇଁ ସମେବତ ହେଉଥିେଲ । ଏପରିକି ମୟୁରଭଞ୍ଜ ଜିଲ୍ଲା ତଥା ଝାଡଖଣ୍ଡ ରାଜ୍ୟର ଗାଆଁ ମାନଙ୍କରୁ ଲୋକ ଦୋଳି ଖେଳିବା ପାଇଁ ଆସୁଥିେଲ । ମହିଳା ଓ ପୁରୁଷମାନଙ୍କ ଦ୍ୱାରା ମନ ମତାଣିଆଁ ଦୋଳିଗୀତ ସାଙ୍ଗକୁ ନାଚଗୀତ ବେଶ୍ ଉପେଭାଗ୍ୟ ହୋଇଥିଲା । ଆମନ୍ତ୍ରଣ କ୍ରେମ ଉପନିେର୍ଦ୍ଦଶକ ସୂଚନା ଓ ଲୋକ ସଂପକର୍, କେନ୍ଦୁଝର ସଂଜୀବ ବାରିକ ଓ ସହଧର୍ମିଣୀ ରଞ୍ଜିତା ବାରିକ ଦୋଳଖେଳ ଓ ନାଚଗୀତେର ସାମିଲ ହୋଇଥିେଲ ଯାହାକି ଆୟୋଜକ କମିଟି ତଥା ଗ୍ରାମବାସୀଙ୍କ ମନେର ଉତ୍ସାହ ଭରି ଦେଇଥିଲା । ଏହି ଅବସରେର ବିଭିନ୍ନ ପ୍ରତଯୋଗିତା ଯଥା - ମ୍ୟୁଜିକ୍ ଚେୟାର, ବେଲୁନ୍ ସଂଗ୍ରହ, ହାଣ୍ଡିପିଟା, େମହନ୍ଦୀ ଲଗା, ପୁଚି ଖେଳ, ଶଙ୍ଖଫୁଙ୍କା ଇତ୍ୟାଦି ପ୍ରତଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ କୃତୀ ପ୍ରତଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏତଦ୍‌ବ୍ୟତୀତ ସ୍ଥାନୀୟ ପ୍ରତିଭାମାନଙ୍କ ମଧ୍ୟେର ଦୁଇଦିନ ବ୍ୟାପୀ ନୃତ୍ୟ ପ୍ରତଯୋଗିତା ଅାୟୋଜିତ ହୋଇଥିଲା । ରାମଚନ୍ଦ୍ର ନାଏକ (ବଢୁ), ନବୀନ, ଜ୍ଞାେନନ୍ଦ୍ର, ବାବି, ଲିପୁନ୍, ଚନ୍ଦ୍ରଭାନୁ, ଜେିତନ୍ଦ୍ର, ଶତ୍ରୁଘ୍ନ, ଲକ୍ଷ୍ମଣ, ଅଖିଳ, ମକରଧ୍ୱଜ, ନବକିଶୋର ପ୍ରମୁଖ ରଜପବର୍ ଅାୟୋଜନ ଓ ପରିଚାଳନାେର ସହେଯାଗ କରିଥିେଲ ।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ

କେନ୍ଦୁଝର, ୨୦/୦୬ (ନି.ପ୍ର): ପ୍ରାକୃତିକ ବିପଯର୍ୟ୍ୟର ମୁକାବିଲା ପାଇଁ ରବିବାର ଦିନ କେନ୍ଦୁଝର ଜିଲ୍ଲାେର ଟେବୁଲ୍ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରେର ଜିଲ୍ଲା କାଯର୍ୟାଳୟସ୍ଥ ଦରବାର ହଲ୍‌ଠାେର ଅାୟୋଜିତ ଜିଲ୍ଲାସ୍ତରୀୟ କାଯର୍ୟକ୍ରମେର ମୁଖ୍ୟ ଅତିଥିଭାେବ ଜିଲ୍ଲାପାଳ ଆଶିଷ ଠାକେର ଯୋଗେଦଇ ଉଦ୍‌େବାଧନ ଛଳେର ପ୍ରାକୃତିକ ବିପଯର୍ୟ୍ୟର ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗ ମଧ୍ୟେର ଉତମ ସମନ୍ୱୟ ଏକାନ୍ତ ଆବଶ୍ୟକ ବୋଲି କହିଥିେଲ । ଯେ କୌଣସି ବିପଯର୍ୟ୍ୟର ମୁକାବିଲା ପାଇଁ ଯୋଜନାବଦ୍ଧ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତି, ବିଭିନ୍ନ ବିଭାଗେର ଉପଲବ୍ଧ ସାଧନ, ସମ୍ବଳ, ଯନ୍ତ୍ରପାତିର ତନଖି ସହିତ ସଜାଗ ରହିବା ଜରୁରୀ । କେବଳ କାଗଜ କଲମେର ପ୍ରସ୍ତୁତି ସୀମିତ ନରହି ବାସ୍ତବ କ୍ଷେତ୍ରେର ଏହାର କାଯର୍ୟାନ୍ୱୟନ କରି ବିପଯର୍ୟ୍ୟର ସଫଳ ମୁକାବିଲା କରିବାକୁ ଜିଲ୍ଲାପାଳ ସଂପୃକ୍ତ କତୃପକ୍ଷ / ଅଧିକାରୀଙ୍କୁ ନିେର୍ଦ୍ଦଶ ଦେଇଥିେଲ । ବିଶେଷ କରି କଂଟ୍ରୋଲ୍ ରୁମ୍ ପରିଚାଳନା, ଜଳସଂପଦ ବିଭାଗ ଦ୍ୱାରା ଦୁବର୍ଳ ନଦୀବନ୍ଧର ଚିହ୍ନଟ ସହ ଆଶୁ ମରାମତି ଏବଂ ପ୍ରାକ୍ ପଦେକ୍ଷପ ଗ୍ରହଣ, ବିଦ୍ୟୁତ୍ ବିଭାଗ ଦ୍ୱାରା(ଟିପିଏନ୍‌ଓଡିଏଲ୍) ତୁରନ୍ତ ବିଦ୍ୟୁତ ସରବରାହକୁ କାଯର୍ୟକ୍ଷମ କରିବା, ପୂର୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ଅଗ୍ନିଶମ ବିଭାଗ ଦ୍ୱାରା ଗଛପଡି ଅବେରାଧ ରାସ୍ତାକୁ ଗମନାଗମନ ଉପେଯାଗୀ କରିବା ଉପେର ଗୁରୁତ୍ୱାେରାପ କରିଥିେଲ । ଏତଦ୍‌ବ୍ୟତୀତ ବିପଯର୍ୟ୍ୟ ସୂଚନା ପାଇବା ମାେତ୍ର ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର, ରିଲିଫ୍ ପରିଚାଳନା ଓ ଉଦ୍ଧାର କାଯର୍ୟ ଉପେର ମଧ ଗୁରୁତ୍ୱାେରାପ କରିଥିେଲ । ଏହି ବୈଠକେର ସ୍ୱାସ୍ଥ୍ୟ, ସମାଜ ମଙ୍ଗଳ, ପ୍ରାଣୀ ସଂପଦ ବିଭାଗ, ଅଗ୍ନିଶମ, ପୂତର୍ବିଭାଗ, ଜଳସଂପଦ, କୃଷି, ପାନୀୟଜଳ, ବିଦ୍ୟୁତ ବିଭାଗ, ଜଙ୍ଗଲ, ଆରକ୍ଷୀ ବିଭାଗୀୟ ଅଧିକାରୀ ତଥା ଅନ୍ୟ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗର ଆକ୍ସନ ପ୍ଲାନ୍ ସଂପକର୍େ ପାଓ୍ୱାର ପଏଂଟ୍ ପ୍ରେଜେଂଟସନ୍ ମାଧ୍ୟମେର ଅବଗତ କରାଇଥିେଲ ପ୍ରାରମ୍ଭେର ଡେପୁଟି କେଲକ୍ଟର ଆପତକାଳୀନ ଶ୍ରୀମତୀ ସୁରଞ୍ଜିକା ବେହରା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଟେବୁଲ୍ ଟପ୍ ଏକ୍ସରସାଇଜର ଉେଦ୍ଦଶ୍ୟ ସଂପକର୍େ ଅାଲୋକପାତ କରିଥିେଲ । ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଉପଜିଲ୍ଲାପାଳ, କେନ୍ଦୁଝର ରାମଚନ୍ଦ୍ର କିସ୍କୁ, ଓସଡମାର ଡେପୁଟି ଜେନେରାଲ୍ ମ୍ୟାନେଜର ଅମ୍ବିକା ପ୍ରସାଦ ମିଶ୍ର, ଡି.ଏସ୍.ପି. ଡିଆଇବି ଇନ୍ଦୁରେଖା ପଶ୍ଚିମକବାଟ, ଓସଡମାର ଡିପିଓ ସୁଧାଂଶୁ ଶେଖର ପୃଷ୍ଟିଙ୍କ ସେମତ ଅନ୍ୟ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଉକ୍ତ କାଯର୍ୟକ୍ରମେର ଯୋଗ ଦେଇଥିେଲ ।

# ଗ୍ରାହକ ପଂଚାୟତର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ବଲାଙ୍ଗୀରରେ ପ୍ରସ୍ତୁତି ପାଇଁ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର, ୨୦/୦୬ (ନି.ପ୍ର): ଆଗାମୀ ସେପ୍ଟମ୍ବର ୨୦୨୩ରୁ ଆଗଷ୍ଟ୨୦୨୪ ପର୍ଯ୍ୟନ୍ତ ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ ପାଇଁ ବଲାଙ୍ଗିର କାର୍ଯ୍ୟକାରିଣୀ ରେ ପ୍ରସ୍ତୁତି ଓ ରୂପରେଖ ଉପରେ ଆଲୋଚନା ବୈଠକ ରବିବାର ମଧ୍ୟାହ୍ନରେ ସଂଘ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଯାଇଅଛି । ପୂର୍ବ କ୍ଷେତ୍ର ସାଂଗଠାନିକ ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ ଏଥିରେ ଯୋଗଦେଇ ବଲାଙ୍ଗିର ଜିଲ୍ଲାରେ ବର୍ଷ ତମାମ କଣ କଣ କରାଯିବ ତାର ଗୋଟିଏ ରୂପରେଖ ଦେଇଥିବା ବେଳେ ଗ୍ରାହକ ପଂଚାୟତ ଖାଉଟିମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସୃଷ୍ଟି ହୋଇ ୫୦ ବର୍ଷ କାମ କରି ଆସୁଥିବା ଗ୍ରାହକ ପଂଚାୟତ ଜିଲ୍ଲାରେ ଛାତ୍ର ଛାତ୍ରୀମାନକ ସହିତ ମହିଳା ଗ୍ରାମୀଣ ପେଶାଦାର ଓକିଲ ସାମ୍ବାଦିକ ଇତ୍ୟାଦି ସବୁ ସ୍ତରର ଲୋକଙ୍କୁ କିପରି ନେଇ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ବିସ୍ତାରିତ କରାଯିବ ତାହା ଆଲୋଚନା କରିଥିଲେ । ଓଡ଼ିଶା ପଶ୍ଚିମ ପ୍ରାନ୍ତ ସଭାପତି ଶଶୀଭୂଷଣ ପୁରୋହିତ, ପ୍ରାନ୍ତ ସମ୍ପାଦକ ମାଣିକ ଲାଲ ବର୍ମା, ରାଜ୍ୟ ମହିଳା ପ୍ରମୁଖ ସଂଯୁକ୍ତା ମିଶ୍ର,ଜିଲ୍ଲା ଉପସଭାପତି ମହେଶ୍ୱର ସାହୁ, ସଂଯୁକ୍ତା ମିଶ୍ର , କୋଷାଧ୍ୟକ୍ଷ ନବକିଶୋର ପଟେଲ, ସାଧାରଣ ସମ୍ପାଦକ ଅଶୋକ କୁମାର ମିଶ୍ର, ସହ ସମ୍ପାଦକ ନିହାରିକା ମିଶ୍ର, ସଦସ୍ୟ ଜୟଚନ୍ଦ୍ର ସାହୁ, ଗୋବର୍ଦ୍ଧନ ପାଣ୍ଡିଆ, ଦିବାକର ହୋତା, ଧର୍ମ ବ୍ରତ ରଥ, କାଳୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ବୈଠକ ଆରମ୍ଭ ରେ ଓଁକାର ଶେଷରେ ସମ୍ପାଦକ ଙ୍କ ଧନ୍ୟବାଦ ଅର୍ପଣ ପରେ ଶାନ୍ତି ପାଠ ହୋଇଥିଲା ।

# ସମ୍ପୂର୍ଣ୍ଣ କଟିଯାଇଥିବା ହାତକୁ ଯୋଡ଼ିଲେ ଭୁବନେଶ୍ୱର ଏମ୍ସର ଡାକ୍ତର

ଭୁବନେଶ୍ୱର, ୨୦/୦୬ (ନି.ପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଜଣେ ୨୫ ବର୍ଷୀୟା ମହିଳା ୯ ଡିସେମ୍ବର ୨୦୨୨, ଅପରାହ୍ନ ପ୍ରାୟ ସାଢ଼େ ୪ଟା ସମୟରେ ନିଜ ଘରେ ଧାନ କଟା ମେସିନରେ କାମ କରୁଥିବା ସମୟରେ ମେସିନରେ ତାଙ୍କ ହାତ କଟି ଯାଇଥିଲା । ତାଙ୍କର ବାମ ହାତ କହୁଣୀ ତଳୁ ସମ୍ପୂର୍ଣ୍ଣ କଟି ଅଲଗା ହୋଇଯାଇଥିଲା । ତୁରନ୍ତ ସମ୍ପୃକ୍ତ ମହିଳାଙ୍କୁ ବ୍ରହ୍ମପୁର ମେଡ଼ିକାଲ କଲେଜକୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ଦିଆଯିବା ସହିତ ମହିଳାଙ୍କର ହାତର କଟା ଅଂଶକୁ ଭଲ ଭାବେ ସଂରକ୍ଷିତ ରଖାଯାଇଥିଲା, ଏହାପରେ ତାଙ୍କୁ ସେହିଦିନ ରାତି ସାଢ଼େ ୯ଟା ସମୟରେ ଭୁବନେଶ୍ୱର ଏମ୍ସକୁ ଅଧିକ ଚିକିତ୍ସା ନିମନ୍ତେ ପଠାଇ ଦିଆଯାଇଥିଲା । ଅଲଗା ହୋଇଯାଇଥିବା ହାତକୁ ଗମଜି ପ୍ୟାଡରେ ଗୁଡ଼ାଇ ବରଫ ଭିତରେ ରଖି ଦିଆଯାଇଥିଲା ।

ଡାକ୍ତର ଏସକେ ଗିରି, ଡାକ୍ତର ଶାନ୍ତନୁ, ଡାକ୍ତର ଆକାଂକ୍ଷା, ଡାକ୍ତର ପ୍ରିୟଙ୍କା, ଡାକ୍ତର ବିଷ୍ଣୁ ଏବଂ ଅସ୍ଥି ଶଲ୍ୟ ବିଶେଷଜ୍ଞଙ୍କ ଦଳ ଡାକ୍ତର ନିଖିଲ ଏବଂ ଡାକ୍ତର ମଞ୍ଜୟଙ୍କ ସହିତ ନିଶ୍ଚେତକ ଦଳ ଡାକ୍ତର ଜୟନ୍ତ ମିତ୍ର ଓ ଡାକ୍ତର ରଷିକେଶ, ଡାକ୍ତର ଶୈଳଜା ପ୍ରମୁଖ ଅସ୍ତ୍ରୋପଚାର ଦଳରେ ସାମିଲ ହୋଇଥିଲେ । ସେମାନଙ୍କୁ ନର୍ସିଂ ଅଧିକାରୀ ବାବୁଲାଲ ଓ ଯଶଓ୍ୱନ୍ତ ସିଂ ସହାୟତା ଯୋଗାଇ ଦେଇଥିଲେ । କଟା ହାତ ସଂଯୋଗ ହେବା ପରେ ସବୁ ଆଙ୍ଗୁଠି ଚଳପ୍ରଚଳ କରୁଥିବା ପ୍ରମାଣ କରାଯାଇଥିଲା ଏବଂ ଏହା ସଫଳ ହୋଇଥିଲା । ସବୁ ଆଙ୍ଗୁଠି ଟିପରେ ଉଜ୍ଜ୍ୱଳ ରକ୍ତ ପ୍ରବାହ ଦେଖିବାକୁ ମିଳିଥିଲା । ୧୦ ଡିସେମ୍ବର ୨୦୨୨ ସକାଳ ୮ଟା ସମୟରେ ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହୋଇଥିଲା । ଏହାପରେ ମହିଳାଙ୍କୁ ଏସଆଇସିୟୁରେ ରଖାଯାଇଥିଲା ଏବଂ ୧୯ ଡିସେମ୍ବର ୨୦୨୨ରେ ଡାହାଣ ଜଙ୍ଘରୁ ଡିବ୍ରାଇଡମେଂଟ ଏବଂ ଏସଟିଏସଜି ପାଇଁ ତାଙ୍କୁ ନିଆଗଲା । କହୁଣୀ-ଏସଟିଏସଟି ପାଖରେ ଥିବା କଞ୍ଚା କ୍ଷେତ୍ରକୁ ପୁନଃସକ୍ରିୟ କରିବା ଲାଗି ଡିବ୍ରିଡମେଣ୍ଟ+ଏବଡୋମିନା ଫ୍ଲାପ୍ କଭର ପ୍ରକ୍ରିୟା ଦେଇ ତାଙ୍କୁ ଅତିକ୍ରମ କରିବାକୁ ପଡ଼ିଥିଲା । ୧୧ ଜାନୁଆରୀ ୨୦୨୩ରେ ଏବଂ ୧୫ ଫେବୃଆରୀ ୨୦୨୩ରେ ଆବଡୋମିନାଲ ଫ୍ଲାପ୍ ଡିଟାଚମେଣ୍ଟ ଏବଂ ବାମ ଉପର ହାତ ଉପରେ ଫ୍ଲାପ୍ ଇନସେଟ୍ କରାଯାଇଥିଲା । ଅସ୍ତ୍ରୋପଚାର ପରବର୍ତ୍ତୀ ପ୍ରକ୍ରିୟା ସ୍ୱାଭାବିକ ଥିଲା । ସ୍ଥିର ଅବସ୍ଥାରେ ସମ୍ପୃକ୍ତ ମହିଳା ଜଣଙ୍କୁ ଡାକ୍ତରଖାନାରୁ ଡିସଚାର୍ଜ କରାଯାଇଥିଲା ।

## ଆନ୍ତର୍ଜାତୀୟ ଯୋଗ....

(ପୃଷ୍ଠା ୬ର ଅବଶିଷ୍ଟାଂଶ)

ପ୍ରାୟ ୧୯୧ଟି ଦେଶର ୨୫୧ଟି ସହରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ ହୋଇଥିଲା ।ନିୟୁର୍କ ସ୍ଥିତ ଜାତିସଂଘ ମୁଖ୍ୟ କାର୍ଯ୍ୟାଳୟରେ ପ୍ରଥମ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତର ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଅତିଥି ଭାବେ ଯୋଗ ଦେଇଥିଲେ । ସେହି ଦିନ ଠାରୁ ପ୍ରତ୍ୟେକ ବର୍ଷ ଜୁନ୍ ୨୧ ତାରିଖ ରେ ଆନ୍ତର୍ଜାତୀୟ,ରାଜ୍ୟ ସ୍ତରୀୟ,ବିଭିନ୍ନ ଶିକ୍ଷାନୁଷ୍ଠାନ,ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଯୋଗ ଦିବସ ପାଳନ କରାଯାଇଥାଏ ।

ଯୋଗ କରିବା ଦ୍ୱାରା ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ । ନିତିଦିନିଆ ଜୀବନରେ ଖାଦ୍ୟ ପାନୀୟ ପରି ଯୋଗର ମଧ ଆବଶ୍ୟକତା ରହିଛି । ଯୋଗ ପ୍ରତି ସମସ୍ତଙ୍କର ଭଲ ଧାରଣା ଥିବାବେଳେ ଏହା ଉପରେ ବେଶ ବିଶ୍ୱାସ ରହିଛି । ଡ଼ାକ୍ତରମାନେ ମଧ ଉତ୍ତମ ସ୍ୱାସ୍ଥ୍ୟ ପ୍ରାପ୍ତି ପାଇଁ ପ୍ରତିଦିନ ଯୋଗ କରିବାକୁ ପରାମର୍ଶ ଦେଇଥାଆନ୍ତି । ଡ଼ାକ୍ତରଙ୍କ ମତାନୁଯାୟୀ ଔଷଧ ସହ ଶରୀର ପାଇଁ ଯୋଗ ମଧ ଆବଶ୍ୟକ । ବଡରୁ ବଡ ରୋଗକୁ ମାତ୍ ଦେଉଛି ଏହି ଯୋଗ ।

ଯେଉଁ ପ୍ରକାରେ ମନୁଷ୍ୟ ଜୀବିତ ରହିବା ପାଇଁ ଭୋଜନ, ନିଦ୍ରା, ନିତ୍ୟକର୍ମ ଓ ଉପାସନା ଆବଶ୍ୟକ ସେହିପରି ସକ୍ରିୟ, ପ୍ରସନ୍ନତା ପୂର୍ଣ୍ଣ ଜୀବନ ଅତିବାହିତ କରିବା ପାଇଁ ଯୋଗ କରିବା ଉଚିତ । ମୁନି ଋଷିମାନେ ଗଭୀର ସାଧନା ତଥା ଚିନ୍ତନ ଦ୍ୱାରା ଯୋଗ ସାଧନାର ପଥ ପ୍ରଶସ୍ତ କରିଥିଲେ । ଯୋଗର ବିଭିନ୍ନ ପ୍ରକାର ଆସନ ରହିଛି । ବିଭିନ୍ନ ପ୍ରକାରର ଯୋଗାସନ ଅଭ୍ୟାସ କରିବା ଦ୍ୱାରା ଜୀବନରେ ନୂତନତା ଭରିଯାଏ ଓ ପ୍ରଫୁଲ୍ଲିତ ଅନୁଭବ ହୋଇଥାଏ । ଶାରୀରକୁ ଆବଶ୍ୟକ ପରିମାଣରେ ଶକ୍ତି ମିଳିଥାଏ । ଶରୀରିକ, ମାନସିକ ଓ ଆଧାତ୍ମିକ ବ୍ୟକ୍ତିତ୍ୱର ବିକାଶ ପାଇଁ ମଧ ଯୋଗାସନର ବିଶେଷ ମହତ୍ତ୍ୱ ରହିଛି ।

ଏହା ଏକ ଦୃଢ ମନ ତଥା ସୁସ୍ଥ ଶରୀର ଗଠନରେ ମଧ ସହାୟକ ହୋଇଥାଏ ।ମାନସିକ, ଶାରିରୀକ ଓ ମନସ୍ତାତ୍ତ୍ୱିକ ଆହ୍ୱାନଗୁଡିକର ସମ୍ମୁଖୀନ ହେବା ପାଇଁ ଯୋଗ ସାହାଯ୍ୟ କରିଥାଏ ।

+ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ଫୋନ୍ ନଂ- ୬୩୭୦୨୦୮୪୨୮

## ଆନ୍ତର୍ଜାତିକ ନୀଳରକ୍ତ କଙ୍କଡ଼ା ଦିବସ


ବାଲେଶ୍ୱର, ୨୦/୦୬ (ନି.ପ୍ର): ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ ପକ୍ଷରୁ ଆନ୍ତର୍ଜାତିକ ନୀଳରକ୍ତ କଙ୍କଡ଼ା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଜିଲା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ଲକ୍ଷ୍ମୀଧର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ ସଂପାଦକ ତଥା ନୀଳରକ୍ତ କଙ୍କଡ଼ା ବିଶେଷଜ୍ଞ ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ନୀଳରକ୍ତ କଙ୍କଡ଼ା ସୁରକ୍ଷା ଦିଗରେ ଉପକୂଳବର୍ତ୍ତୀ ଅଞ୍ଚଳରେ ଗ୍ରହଣ କରାଯାଉଥିବା ବିଭିନ୍ନ ସଚେତନତା ଓ ଚିତ୍ର ପ୍ରତିଯୋଗିତା ପ୍ରଭୃତି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ । ନୀଳରକ୍ତ କଙ୍କଡ଼ା ଉପରେ ବିଶେଷ ଗବେଷଣା କରିଥିବା ଡ. ସିଦ୍ଧାର୍ଥ ପତି, ସ୍ୱସ୍ତିକ ଦେ, ସେକ୍ ରହିମ୍ ଉଦ୍ଦିନ୍ ଓ ସମୁଦ୍ର ଉପକୂଳରେ କାର୍ଯ୍ୟ କରୁଥିବା ସୁଶାନ୍ତ ବେରା ଏଥିରେ ଯୋଗଦେଇ ସେମାନଙ୍କ ଅଭିଜ୍ଞତା ଓ ନୀଳରକ୍ତ କଙ୍କଡ଼ାର ସୁରକ୍ଷାର ଆବଶ୍ୟକତା ଉପରେ ତଥ୍ୟମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ । ନୀଳରକ୍ତ କଙ୍କଡ଼ାର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ବୈଠକରେ ନିବେଦନ କରାଯାଇଛି । କେନ୍ଦ୍ର ସରକାରଙ୍କ ସଂପୃକ୍ତ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ସାକ୍ଷାତ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆସନ୍ତା ସେପ୍ଟେମ୍ବର ମାସରେ ଚାନ୍ଦିପୁର ଉପକୂଳର ମତ୍ସ୍ୟ ବ୍ୟବସାୟୀ ଓ ଧୀବରମାନଙ୍କୁ ନେଇ ଏକ ସାଧାରଣ ସଭା ଏବଂ ସେଠାରେ ମଞ୍ଚର ଏକ ସ୍ଥାୟୀ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ସିଦ୍ଧାନ୍ତ ନିଆଯାଇଛି । ଏହି ବୈଠକରେ ଆଇନଜୀବୀ ମନୋଜ ନାୟକ, ନିରଞ୍ଜନ ପରିଡ଼ା ଓ ଜ୍ଞାନେନ୍ଦ୍ର ମିଶ୍ରଙ୍କ ସମେତ ଅନ୍ତର୍ଯ୍ୟାମୀ ପ୍ରଧାନ, ଦାମୋଦର ନାୟକ, ସୀତାରାମ ପ୍ରଧାନ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ନିଜର ବକ୍ତବ୍ୟରେ ସଂଗଠନ ଓ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱରୋପ କରିଥିଲେ । ଗବେଷିକା ଉପାସନା ପଟ୍ଟନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ନାଟ୍ୟକାର ମାଧବଚନ୍ଦ୍ର ପରିଡ଼ା ଏବଂ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କୁ କେନ୍ଦ୍ର ସଂସ୍କୃତି ବିଭାଗ ସିନିୟର ଫେଲୋସିପ୍ ପାଇଁ ସମ୍ବର୍ଦ୍ଧନା



ବାଲେଶ୍ୱର, ୨୦/୦୬ (ନି.ପ୍ର): 'ବହିଘର-ବିଦ୍ୟାଭାରତୀ' ଓ 'ସୃଜନ ସମକାଳ' ପକ୍ଷରୁ କେନ୍ଦ୍ର ସଂସ୍କୃତି ବିଭାଗ ତରଫରୁ ୨୦୨୦-୨୦୨୧ବର୍ଷ ପାଇଁ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ନାଟ୍ୟକାର ମାଧବଚନ୍ଦ୍ର ପରିଡ଼ା ଏବଂ ବିଶିଷ୍ଟ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କୁ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ସିନିୟର ଫେଲୋସିପ୍ ପ୍ରଦାନ କରାଯିବା ପରିପ୍ରେକ୍ଷୀରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସତୁରୀ ଦଶକରୁ ଏଯାବତ୍ ନାଟ୍ୟକାର ମାଧବ ଚନ୍ଦ୍ର ପରିଡ଼ା ନାଟକ ରଚନା,ବହୁଭାଷୀ ଚଳଚ୍ଚିତ୍ର ନିର୍ଦ୍ଦେଶନା ଏବଂ ନାଟ୍ୟ ଆନ୍ଦୋଳନ ଆଦି ବିଭିନ୍ନ କ୍ଷେତ୍ରରେ ନିରନ୍ତର ଭାବରେ କାର୍ଯ୍ୟକରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ଅନୁରୂପ ଭାବରେ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁ ଚିତ୍ରକଳା କ୍ଷେତ୍ରରେ ଉଚ୍ଚଶିକ୍ଷା ଲାଭ କରିବା ସହିତ,ଅଧ୍ୟାପନା ଏବଂ ବିଭିନ୍ନ ପରୀକ୍ଷା ନିରୀକ୍ଷା ଓ ଗବେଷଣା ବିଶେଷକରି ପୋଟ୍ରେଟ୍ ଅଙ୍କନରେ ରାଜ୍ୟ ତଥା ରାଜ୍ୟ ବାହାରେ ବିଶେଷ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ବାଲେଶ୍ୱରର ଏହି ଦୁଇ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କର ଏହି ବିରଳ ସଫଳତା ନିଶ୍ଚିତ ରୂପେ ଆମ ପାଇଁ ଗର୍ବ ଓ ଗୌରବର ବିଷୟ । ଶ୍ରୀଗୁଣ୍ଡିଚା ଅବସରରେ ୨୦ ତାରିଖ ପୂର୍ବାହ୍ନରେ ପ୍ରକାଶନସଂସ୍ଥା 'ବହିଘର-ବିଦ୍ୟାଭାରତୀ' ଓ ସାହିତ୍ୟ ଅନୁଷ୍ଠାନ 'ସୃଜନ ସମକାଳ' ଆନୁକୂଲ୍ୟରେ ଶ୍ରୀଯୁକ୍ତ ପରିଡ଼ା ଓ ଶ୍ରୀଯୁକ୍ତ ସାହୁଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନାର ଉତ୍ତରରେ ସେମାନେ କହିଥିଲେ ଯେ ଜଣେ ନିରବଚ୍ଛିନ୍ନ ଭାବେ ନିଜ ସାଧନାରେ ବ୍ରତୀ ଥିଲେ, ପ୍ରତ୍ୟେକ ଲୋକ ସଫଳତାର ଶୀର୍ଷରେ ପହଞ୍ଚିପାରିବ । ବହିଘର ପରିସରରେ ଅନୁଷ୍ଠିତ ଏହି ଅପାରମ୍ପରିକ ଉତ୍ସବରେ କବି ଅଭୟ ଦାସ ସଭାପତିତ୍ୱ କରିଥିଲେ ଓ ଡ.ରାଧାରଂଜନ ପଟ୍ଟନାୟକ, ପ୍ରସନ୍ନ ପାତ୍ର, ନିକୁଂଜ ମହାନ୍ତି, ନାଟ୍ୟକାର ମନୋରଂଜନ ଦାସ, ରାଜେନ୍ଦ୍ର ରାଉତ, ଚିତ୍ତରଂଜନ ମଲ୍ଲିକ, ବିଶ୍ୱନାଥ ପରିଡ଼ା, ପ୍ରଦୀପ ସ, ପ୍ରଭାତୀ ସାହୁ, ଦେବାଶିଷ ରାୟ, ବିଦ୍ୟାଧର ନାୟକ, ସୂର୍ଯ୍ୟକାନ୍ତ ସେଣ୍ଠ, ପ୍ରବୀଣ କୁମାର ମାଝୀ, ମଧୁସୂଦନ ମିଶ୍ର ପ୍ରମୁଖ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ । ପରିଶେଷରେ ବହିଘରର ନିର୍ଦ୍ଦେଶିକା ମଂଜୁଲତା ବଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ସାମୁହିକ ଅଭ୍ୟାସ




ବାସୁଦେବପୁର, ୨୦/୦୬ (ନି.ପ୍ର): ସୁଦର୍ଶନପୁର ପଂଚାୟତ ର ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ ପରିସରରେ ଓସଡ଼ମା ପକ୍ଷରୁ ସାମୁହିକ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ବାତ୍ୟା ଆଶ୍ରୟ ସ୍ଥଳୀର ସଭାପତି ତଥା ସ୍ଥାନୀୟ ସରପଞ୍ଚ ଚନ୍ଦ୍ରକାନ୍ତ ମଳିକ, ସମ୍ପାଦକ ଗଣେଶ ନାୟକ, ସି ଏଚ ଓ ରୂପଶ୍ରୀ ନାୟକ, ବାଇଧର ମଳିକ, ଆପଦ ମିତ୍ର ଲକ୍ଷ୍ମୀପ୍ରିୟା ଭୋଇ, ସୁରେନ୍ଦ୍ର ସାହୁ, ଅନିଲ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ଓ କାର୍ଯ୍ୟକ୍ରମ ର ବିଭିନ୍ନ କୌଶଳ ଙ୍କୁ ସମସ୍ତ ଙ୍କୁ ବୁଝାଇ ଥିଲେ । ଓଡିଶା ସରକାର ଙ୍କ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା ଓ ବାତ୍ୟା ବିଭାଗ ଓ ଜିଲ୍ଲା ପ୍ରଶାସନ ଭଦ୍ରକ ଓ ସୁଦର୍ଶନପୁର ବାତ୍ୟା ଆଶ୍ରୟ ସ୍ଥଳୀ କମିଟି ର ମିଳିତ ସହଯୋଗ ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## 'ଆଦିପୁରୁଷ' ଚଳଚ୍ଚିତ୍ର ପ୍ରଦର୍ଶନକୁ ବିରୋଧ

ବାଲେଶ୍ୱର, ୨୦/୦୬ (ନି.ପ୍ର): ରାମାୟଣ ଉପରେ ଆଧାରିତ 'ଆଦିପୁରୁଷ' ଚଳଚ୍ଚିତ୍ରର ସଂଳାପକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ବାଲେଶ୍ୱରରେ ଶ୍ରୀ ରାମଚେତନା ଜାଗରଣ ସଂଘ ପକ୍ଷରୁ ଚଳଚିତ୍ର ପ୍ରଦର୍ଶନ ବନ୍ଦ ପାଇଁ ଦାବି ହୋଇଛି । ସହରର ମୋଭି-ଏକ୍ସ ସିନେମା ହଲ ସାମନାରେ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ବିକ୍ଷୋଭ କରି ଏହି ଚଳଚ୍ଚିତ୍ରର ପ୍ରଦର୍ଶନକୁ ପ୍ରତିବାଦ ଜଣାଇଛନ୍ତି । ୫ଟି ଭାଷାରେ ପ୍ରସ୍ତୁତ ହୋଇଥିବା ଏହି ଚଳଚ୍ଚିତ୍ର ଭାତରୀୟ ସଂସ୍କୃତି ଓ ଧର୍ମୀୟ ଭାବନାର ପରପନ୍ଥୀ ବୋଲି କର୍ମକର୍ତ୍ତାମାନେ କହିଛନ୍ତି । ଏଥିରେ ମହାକାବ୍ୟ ରାମାୟଣର ଭାଷା ସାହିତ୍ୟକୁ ବିକୃତ ଉଚ୍ଚାରଣ କରିବା, ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମ ଓ ମହାବୀର ହନୁମାନଙ୍କୁ ଅପବାଦ ଦିଆଯାଇଛି । ଏହା ପ୍ରତ୍ୟେକ ସନାତନୀ ହିନ୍ଦୁଙ୍କ ଆବେଗ ପ୍ରତି କୁଠାରଘାତ ସହିତ ଭାରତୀୟଙ୍କ ପାଇଁ ଅପମାନବୋଧ ସ୍ଥିତି ସୃଷ୍ଟି କରୁଛି ବୋଲି ଜାଗରଣ ସଂଘ ପକ୍ଷରୁ ଆରୋପ ହୋଇଛି । ଏହି ବିବାଦୀୟ ଚଳଚ୍ଚିତ୍ର ପ୍ରଦର୍ଶନକୁ ତୁରନ୍ତବନ୍ଦ ପାଇଁ କର୍ମକର୍ତ୍ତାମାନେ ଦାବି କରିଛନ୍ତି । ଚତ୍ତରଞ୍ଜନ ପଣ୍ଡା, ବିଜୟ କୁମାର ପୃଷ୍ଟି, ପ୍ରୀତମ କୁମାର ସାହୁ, ସ୍ୱାଧୀନ ପଣ୍ଡା, ଉମେଶ କୁମାର ବେହେରା, ସୁମନ୍ତ ପଣ୍ଡା, ତପନ ବେହେରା, ପ୍ରକାଶ ଚନ୍ଦ୍ର ମହାନ୍ତି, ଚନ୍ଦନ କୁମାର ଦାସ, ଭାଗ୍ୟରଞ୍ଜନ ନାୟକ, ରାକେଶ ବେହେରା, ପବନ କୁମାର କମିଳା, ସୌଭାଗ୍ୟ ମାନସ ନାୟକ, ଦେବବ୍ରତ ମିଶ୍ର, ରାଜେଶ କୁମାର ମହାପାତ୍ର ପ୍ରମୁଖଙ୍କ ସମେତ ଶ୍ରୀ ରାମଚେତନା ଜାଗରଣ ସଂଘର ବହୁ ସଦସ୍ୟ ଏହି ବିରୋଧ ପ୍ରଦର୍ଶନରେ ସାମିଲ ହୋଇଥିଲେ ।

# ହେଲଦି ଲାଇଫ ପକ୍ଷରୁ ଯୋଗ ଶିବିର ଉଦ୍‌ଘାଟିତ




ବାଲେଶ୍ୱର, ୨୦/୦୬ (ନି.ପ୍ର): ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଉପଲକ୍ଷେ ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ଯୋଗ ତାଲିମ ଶିବିର ସ୍ଥାନୀୟ ବ୍ରିଟ କଲ୍ୟାଣମଣ୍ଡପ ପରିସରରେ ଉଦଘାଟିତ ହୋଇଯାଇଛି । ଫକୀରମୋହନ ବିଶ୍ୱବଦ୍ୟାଳୟର ଜାତୀୟ ସେବା ସଂସ୍ଥା ପ୍ରୋଗ୍ରାମ କୋ-ଅର୍ଡିନେଟର ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ, ସମାଜସେବୀ ଶାନ୍ତା ଦାସ, ଜାତୀୟ ସେବା ସଂସ୍ଥା ଜିଲା ସଂଯୋଜକ ଗୌରାଙ୍ଗ ପଣ୍ଡା ପ୍ରମୁଖ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ସୁସ୍ଥ ଓ ନିରୋଗ ଶରୀର ଏବଂ ଶରୀର ଓ ମନ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ପ୍ରାଚୀନ ଭାରତୀୟ ସଂସ୍କୃତିରେ ଯୋଗ-ପ୍ରାଣାୟମକୁ ଗୁରୁତ୍ୱ ଦିଆଯାଉଥିଲା ବୋଲି ସେମାନେ କହିଥିଲେ । ତେବେ ପ୍ରତ୍ୟେକ ବ୍ୟକ୍ତି ଦୈନନ୍ଦିନ ଜୀବନଚର୍ଯ୍ୟା ମଧ୍ୟରେ ଯୋଗ ଓ ପ୍ରାଣାୟମ ପାଇଁ କିଛିଟା ସମୟ ଦେବାକୁ ସେମାନେ ସମସ୍ତଙ୍କୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ହେଲଦି ଲାଇଫର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡାକ୍ତର ଚିତ୍ତରଂଜନ ସାହୁ ଓ ଅଧକ୍ଷା ଦେବୀ ଅର୍ଚ୍ଚନା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବରରେ ଜିଲାର ୨୫ଟି ମହାବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ୨୧ ତାରିଖ ଆନ୍ତର୍ଜାତିକ ଯୋଗ ଦିବସରେ ସକାଳ ୭ଟାରୁ ସାମୂହିକ ଯୋଗାଭ୍ୟାସ କରାଯିବ ବୋଲି ଡାକ୍ତର ସାହୁ ସୂଚନା ଦେଇଥିଲେ । ଅଧ୍ୟାପକ ଅଭିଷେକ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ୪ ଜିଲ୍ଲାରେ ପ୍ରାକ୍ ....

ସ୍ଥାନରେ ବିଜୁଳି , ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହାସହ ଘଂଟା ପ୍ରତି ୪ରୁ ୫୦ କିମି ବେଗରେ ପବନ ମଧ୍ୟ ବହିପାରେ । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସହିପରି ଆସନ୍ତାକାଲି ପାଇଁ ୫ ଜିଲ୍ଲାକୁ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡିକ ହେଲା କୋରାପୁଟ, ମାଲକାନଗିରି, ଗଜପତି, ଗଂଜାମ ଓ ମୟୁରଭଂଜ ।

## ଏକାଦଶ ଶ୍ରେଣୀରେ.....

ଏହି ପରିବର୍ତ୍ତିତ ସୂଚୀ ଅନୁଯାୟୀ ପ୍ରଥମ ମେଧା ତାଲିକା ୦୨/୦୭/୨୦୨୩ ଦିନ ପ୍ରକାଶ ପାଇବ । ପ୍ରଥମ ପର୍ଯ୍ୟାୟ ଆଡ୍‌ମିଶନ୍ ୦୩/୦୭/୨୦୨୩ରୁ ଆରମ୍ଭ ହୋଇ ୦୮/୦୭/୨୦୨୩ ମଧରେ ସଂପାଦନ କରାଯିବ । ଦ୍ୱିତୀୟ ମେଧା ତାଲିକା ୧୬/୦୭/୨୦୨୩ ପ୍ରକାଶ କରାଯିବା ସହିତ ଏହାର ଆଡ୍‌ମିଶନ୍ ପ୍ରକ୍ରିୟା ୧୯/୦୭/୨୦୨୩ ସୁଦ୍ଧା ଶେଷ ହେବ । ସେହିପରି ଅନ୍‌ଲାଇନ୍ ସ୍ପଟ୍ ଚୟନ ଆଡ୍‌ମିଶନ୍ ପ୍ରକ୍ରିୟା ୧୭/୦୭/୨୦୨୩ରୁ ଆରମ୍ଭ କରାଯାଇ ୨୭/୦୭/୨୦୨୩ ସୁଦ୍ଧା ଶେଷ ହେବ । ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ୨୯/୦୭/୨୦୨୩ରେ ଏକାଦଶ ଶ୍ରେଣୀର ପାଠପଢ଼ା ଆରମ୍ଭ କରାଯିବ । ଅଦ୍ୟାବଧି ସାମସ୍ ପୋର୍ଟାଲ ଜରିଆରେ ୪,୪୫,୮୮୭ ଜଣ ଆବେଦନକାରୀ ଯୁକ୍ତ-୨ ପାଠ୍ୟକ୍ରମ ପାଇଁ ଆବେଦନ କରିଛନ୍ତି ।

## ମାଉସୀ ମା' ମନ୍ଦିର....

ଯାତ୍ରା କରିଥିବା ମହାପ୍ରଭୁ ଜଗନ୍ନାଥଙ୍କୁ ଚର୍ମ ଚକ୍ଷୁରେ ଦେଖି ଭକ୍ତ ଭାବ ବିହ୍ୱଳ ହୋଇପଡ଼ିଛି । ରଥ ଟାଣି ହାତ, ପାଦ ଓ ଶରୀରକୁ ମହାପ୍ରଭୁଙ୍କ ସେବାରେ ଲଗାଇ ଭକ୍ତ ଧନ୍ୟ ମଣିଛନ୍ତି । ଆଜି ନିର୍ଦ୍ଧାରିତ ସମୟର ପ୍ରାୟ ଅଧଘଣ୍ଟା ଆଗରୁ ରଥ ପ୍ରତିଷ୍ଠା ପରେ ପରେ ଘଣ୍ଟ ଘଣ୍ଟା କାହାଳୀରେ କଂପି ଉଠିଲା ଶ୍ରୀମନ୍ଦିର । ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ପରେ ଟାହିଆ ହଲାଇ ଝୁଲି ଝୁଲି ବାଇଶି ପାହାଚ ଦେଇ ଓହ୍ଲାଇ ଆସିଥିଲେ ବଡ଼ଭାଇ ବଳଭଦ୍ର । ପଛେ ପଛେ ମା ସୁଭଦ୍ରା । ଆଉ ଶେଷରେ ଟାହିଆର ଅପୂର୍ବ ଦୋଳନରେ ସୁନ୍ଦର ପଦ, ହୃନ୍ଦର ଗତିରେ ନନ୍ଦିଘୋଷ ରଥକୁ ବିଜେ କରିଥିଲେ ଜଗତ ଠାକୁର ଜଗନ୍ନାଥ । ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୁଢ଼ କରାଯିବା ପରେ ଶ୍ରୀଜିଉଙ୍କୁ ଦର୍ଶନ ପାଇଁ ଅନୁଗାମୀଙ୍କ ସହ ପହଞ୍ଚିଥିଲେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ । ତାପରେ ଘୋଷଯାତ୍ରାର ଅନନ୍ୟ ପରମ୍ପରା ଛେରପହଁରା ନୀତି ସଂପାଦନ ପାଇଁ ଶ୍ରୀନଅରରୁ ସିଂହଦ୍ୱାର ଅଭିମୁଖେ ତାମଯାନରେ ଆସିଥିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ । ପ୍ରଥମେ ତାଳଧ୍ୱଜ, ତାପରେ ନନ୍ଦିଘୋଷ ଓ ଶେଷରେ ଦର୍ପଦଳନ ରଥରେ ଛେରପହଁରା ସହ ବନ୍ଦାପନା କରିଥିଲେ ଗଜପତି । ଏହା ପରେ ଆସିଥିଲା ସେଇ ବହୁ ପ୍ରତୀକ୍ଷିତ ମୁହୂର୍ତ୍ତ । ଚାରମାଳ ଫିଟା, ଘୋଡ଼ା ଯୋଚା ଓ ସାରଥୀ ଲାଗିବା ପରେ ଅପରାହ୍ନ ପ୍ରାୟ ୩ଟା ଅର୍ଥାତ ନିର୍ଦ୍ଧାରିତ ସମୟର ୧ ଘଣ୍ଟା ପୂର୍ବରୁ ଆରମ୍ଭ ହୋଇଥିଲା ରଥ ଟଣା । ପ୍ରଥମେ ବଳଭଦ୍ରଙ୍କ ରଥକୁ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଟାଣି ନେଇଥିଲେ ଭକ୍ତ । ଏହା ପରେ ମା ସୁଭଦ୍ରାଙ୍କ ଦେବଦଳନ ଆଉ ଶେଷରେ ଘର୍ଘର ନାଦରେ, ଲକ୍ଷ ଲକ୍ଷ ଭକ୍ତଙ୍କ ଗହଳିର ଦରିଆରେ ପୋତଟିଏ ଭଳି ଭକ୍ତିର ବଡ଼ଦାଣ୍ଡରେ ଗଡ଼ିଥିଲା କାଳିଆ ସାଆନ୍ତଙ୍କ ନନ୍ଦିଘୋଷ । ସେପଟେ କଳା ଠାକୁରଙ୍କ ଛନ୍ଦ, ଠାଣି, ଭାବ, ବେଶ, ଅଭୂଷଣ ଦେଖି ତାଙ୍କରି ଭକ୍ତ ବା କାହିଁକି ବାଦ୍ ପଡ଼ିବେ । ନାନା ରଙ୍ଗ, ଭାବ ଆଉ ଭଙ୍ଗୀ ସହ ଭକ୍ତିରେ ଆଜି ମଜିଯାଇଥିଲେ ରାଜ୍ୟ, ଦେଶ ଆଉ ବିଦେଶରୁ ଧାଇଁ ଆସିଥିବା ଭକ୍ତ । ଭାବ ବିନୋଦିଆଙ୍କୁ ପାଖରେ ପାଇ କିଏ ନିଜକୁ ସମର୍ପି ଦେଇଥିଲେ ତ ଆଉ କିଏ ଲୁହ ଛଳ ଛଳ ଆଖିରେ ଦୁଃଖ ଜଣାଇଥିଲେ । ଜୟ ଶ୍ରୀଜଗନ୍ନାଥ ଧ୍ୱନୀ ଉଚ୍ଚାରଣ କରି ହାତ ମେଲାଇ ମହାପ୍ରଭୁଙ୍କୁ ଗୁହାରି କରିଥିଲେ ଶ୍ରଦ୍ଧାଳୁ । ଭକ୍ତ ଆଉ ଭଗବାନଙ୍କ ମିଳନର ଏହି ଅବର୍ଣ୍ଣନୀୟ ମୂହୁର୍ତ୍ତରେ ଜାତି, ଧର୍ମ, ବର୍ଣ୍ଣ ଆଉ ଭାଷାର ଭିନ୍ନତା ସତ୍ତ୍ୱେ ଆଜି ଏକାକାର ହୋଇଛନ୍ତି ସମସ୍ତେ । ଆଉ ଏହି ଅଗଣିତ ଭକ୍ତଙ୍କ ଭିଡ଼ ଭିତରେ କିଏ ପବନ ପୁତ୍ର ହନୁମାନ ବେଶରେ ତ ଆଉ କିଏ ଶିବ ଆଉ ପାର୍ବତୀଙ୍କ ବେଶରେ ସଜ୍ଜିତ ହୋଇ ବଡ଼ଦାଣ୍ଡରେ ଉଭା ହୋଇଥିଲେ । ଠାକୁରଙ୍କ ଆଗରେ ନୃତ୍ୟ ପରିବେଷଣ କରି ନୃତ୍ୟଶିଳ୍ପୀମାନେ ମଧ ଧନ୍ୟ ହୋଇଯାଇଥିବା ପ୍ରକାଶ କରିଛନ୍ତି । ଚତୁର୍ଦ୍ଧା ମୂର୍ତ୍ତିଙ୍କ ରଥାରୁଢ଼ବେଳେ ଜଳ ଜଳ ହୋଇ ଦିଶୁଥିଲା ଉତ୍କଳର ଆରାଧ ଦେବତା ଶ୍ରୀଜଗନ୍ନାଥଙ୍କ ସହ ଘନିଷ୍ଠ ସମ୍ପର୍କ ଥିବା ମାହାରୀ, ଓଡ଼ିଶୀ ଏବଂ ଗୋଟିପୁଅ ନୃତ୍ୟ । ଭିଡ଼ ଭିତରେ ସୁଦୂର କଲମ୍ବିଆରୁ ଆସିଥିବା ନୃତ୍ୟଶିଳ୍ପୀ ବ୍ରିନ୍ଦାଙ୍କ ଭକ୍ତି ମଧ ବାରି ହୋଇପଡୁଥିଲା । ସେ ବି ୩ ରଥ ଆଗରେ ଘୁଙ୍ଗୁରି ବାନ୍ଧି ଓଡ଼ିଶୀ ଛାନ୍ଦରେ ନୃତ୍ୟ ପରିବେଷଣ କରିଛନ୍ତି ଆକର୍ଷଣୀୟ ଢଙ୍ଗରେ । କହିଛନ୍ତି, ଏଠିକୁ ଆସି ବହୁତ ଖୁସି । କେବଳ ଓଡ଼ିଶୀ କି ଗୋଟିପୁଅ ନୃତ୍ୟ ନୁହଁ, ଖୋଳ ମୃଦଙ୍ଗ ସହ ନାମ ସଂକୀର୍ତ୍ତନରେ ପୂରି ଉଠୁଥିଲା ସାରା ପରିବେଶ । ଦରିଆପାରିରୁ ଧାଇଁ ଆସିଥିବା ବିଦେଶୀ ଭକ୍ତଙ୍କ ମୁହଁରେ ବିଖରିତ ହେଉଥିଲା ରାମ କୃଷ୍ଣ ହରେ ରାମ । ଅନ୍ୟପଟେ ରଥ ଟଣା ପୂର୍ବରୁ ହିଁ ବଡ଼ଦାଣ୍ଡରେ ଠାକୁରଙ୍କ ଦର୍ଶନ କରିବା ପାଇଁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧରଙ୍କଠୁ ଆରମ୍ଭ କରି କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀମାନେ ବି ପହଞ୍ଚିଥିଲେ । ମହାପ୍ରଭୁଙ୍କ ରଥ ଟାଣିଥିଲେ, ଆଖି ପୂରାଇ ଦର୍ଶନ ବି କରିଥିଲେ । ରାଜ୍ୟପାଳ ମହାପ୍ରଭୁଙ୍କ ପହଣ୍ଡି ଦେଖିବା ସହ ରଥଯାତ୍ରା ଅବସରରେ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥ ପ୍ରେମୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ରଥଯାତ୍ରା ସମାଜରେ ଶାନ୍ତି, ମୈତ୍ରୀ ଓ ପ୍ରେମ ପ୍ରତିଷ୍ଠାରେ ସହାୟକ ହେଉ ବୋଲି ଶ୍ରୀଜୀଉଙ୍କ ନିକଟରେ ପ୍ରାର୍ଥନ କରିଥିବା କହିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାପ୍ରଭୁଙ୍କୁ ରଥରେ ଦର୍ଶନ କରିବା ସହିତ ରଥ ଦଉଡ଼ିକୁ ଛୁଇଁ ପ୍ରଣାମ କରିଥିଲେ ।

## ଦିଦିଙ୍କୁ ଝଟକା:....

ଏପରି ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଏଥିସହ କହିଛନ୍ତି, ନିର୍ବାଚନ ଅର୍ଥ ହିଂସା କରିବା ପାଇଁ ଲାଇସେନ୍ସ ପାଇବା ନୁହେଁ । ନିର୍ବାଚନ ଅର୍ଥ ନିର୍ଭୟରେ ନିରପେକ୍ଷ ଭାବେ ନିଜ ମତାଧିକାର ସାବ୍ୟସ୍ତ କରିବା । ହିଂସାକାଣ୍ଡ ଘଟୁଥିବା ସ୍ଥାନରେ ନିରପେକ୍ଷ ଓ ଅବାଧ ନିର୍ବାଚନ ସମ୍ଭବ ନୁହେଁ । ଗତ ୧୩ ତାରିଖରେ କଲିକତା ହାଇକୋର୍ଟ ଏହି ମାମଲାର ଶୁଣାଣି କରି ନିର୍ବାଚନ ପାଖେଇ ଆସୁଥିବାରୁ ରାଜ୍ୟ ସରକାର ତୁରନ୍ତ କେନ୍ଦ୍ରୀୟ ସୁରକ୍ଷା ବଳ ପାଇଁ ଆବେଦନ କରିବା ଉଚିତ ବୋଲି କହିଥିଲେ । ମାତ୍ର ରାଜ୍ୟ ସରକାର ଏନେଇ ତତ୍ପରତା ପ୍ରକାଶ କରି ନ ଥିଲେ । ଫଳରେ ୧୫ ତାରିଖରେ ହାଇକୋର୍ଟ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଭର୍ତ୍ସନା କରି ଆସନ୍ତା ୪୮ ଘଣ୍ଟାରେ ସମ୍ବେଦନଶୀଳ ବୁଥ୍‌ରେ ଅର୍ଦ୍ଧ ସାମରିକ ବଳ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ଆବେଦନକୁ ବିଚାର କରି ହାଇକୋର୍ଟ ଏହି ରାୟ ଦେଇଥିଲେ । ମାତ୍ର ରାଜ୍ୟ ସରକାର ତଥା ନିର୍ବାଚନ ଆୟୋଗ ଏହାକୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଜଷ୍ଟିସ୍ ବିବି ନାଗରତ୍ନା ଓ ଜଷ୍ଟିସ୍ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ମାମଲାର ଶୁଣାଣି କରିଛନ୍ତି । ଏଥିସହ ଅର୍ଦ୍ଧସୈନିକ ବଳ ମୁତୟନ ହେଲେ ରାଜ୍ୟ ନିର୍ବାଚନ ଆୟୋଗ କିପରି ପ୍ରଭାବିତ ହେବେ ବୋଲି ପଚାରିଥିଲେ । ସୁରକ୍ଷା ବଳ କେନ୍ଦ୍ରରୁ ଆସନ୍ତୁ ବା ଅନ୍ୟ ରାଜ୍ୟରୁ ଆସନ୍ତୁ ତାହାକୁ ନେଇ ରାଜ୍ୟ ନିର୍ବାଚନ ଆୟୋଗଙ୍କର କିଛି ଅସୁବିଧା ହେବା ଉଚିତ ନୁହେଁ ବୋଲି ଶୁଣାଇ ଦେଇଛନ୍ତି ସୁପ୍ରିମକୋର୍ଟ । ଏଥିସହ ରାଜ୍ୟ ସରକାରଙ୍କୁ ଜଷ୍ଟିସ୍ ନାଗରତ୍ନା କହିଛନ୍ତି, ଆପଣ ନିଜେ ସୁରକ୍ଷା ବଳ ପାଇଁ ଆବେଦନ କରିଛନ୍ତି । ତେଣୁ ଏହି ସୁରକ୍ଷା ବଳ କେଉଁଠୁ ଆସିବେ ସେ ଚିନ୍ତା ଆପଣ କରିବା ଉଚିତ ନୁହେଁ । କାରଣ ରାଜ୍ୟରେ ୭୫ ହଜାର ବୁଥ୍‌ରେ ଗୋଟିଏ ଦିନରେ ନିର୍ବାଚନ ଅନୁଷ୍ଠିତ ହେବ । ସେଥିମଧରେ ୧୮୯ ସମ୍ବେଦନଶୀଳ ବୁଥ୍ ରହିଛି । ଏହି ସବୁ ସ୍ଥାନରେ ନିରପେକ୍ଷ ନିର୍ବାଚନ ନିମନ୍ତେ ବହୁ ସଂଖ୍ୟାରେ ପୁଲିସ୍ କର୍ମୀ ମୁତୟନ ହେବା ଆବଶ୍ୟକ ବୋଲି ସେ କହିଛନ୍ତି । ଏପରି ସ୍ଥିତିରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ହେଲେ ରାଜ୍ୟ ସରକାରଙ୍କର କିଛି ଅସୁବିଧା ହେବା ଉଚିତ ନୁହେଁ ବୋଲି ଜଷ୍ଟିସ୍ ବି.ଭି ନାଗାରତ୍ନା କହିଛନ୍ତି ।

## ବାହାନଗାର ବିକାଶ...

ମେଡିକାଲକୁ ଚିକିତ୍ସା ହେବାକୁ ଆସିଥିବା ଆହତଙ୍କୁ ଚିକିତ୍ସା କରିବାଠାରୁ ଆରମ୍ଭ କରି ରକ୍ତ ଦାନ ଭଳି ସମସ୍ତ ସେବା ଯୋଗାଇଥିବା ମେଡିକାଲର ସ୍ୱାସ୍ଥ୍ୟ କର୍ମୀ, ଡାକ୍ତର ଓ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ସାଧୁବାଦ ଜଣାଇବା ସହିତ ବାଲେଶ୍ୱରବାସୀଙ୍କ ଋଣ କେବେବି ସୁଝି ହେବ ନାହିଁ ବୋଲି ରେଳମନ୍ତ୍ରୀ କହିଥିଲେ ।ସୂଚନାରୁ ପ୍ରକାଶ, ବାହାନଗା ଟ୍ରେନ୍? ଦୁର୍ଘଟଣାରେ ୨୯୦ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୭୦୦ରୁ ଅଧିକ ଆହତ ହୋଇଥିଲେ । ଏହି ଦୁର୍ଘଟଣା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଥିଲା ।

## ୭ ଜିଲ୍ଲାକୁ ଛାଡ଼ି ଅନ୍ୟ....

ସୁବର୍ଣ୍ଣପୁର ଓ ବଲାଙ୍ଗିର ଭଳି ୭ଟି ଜିଲ୍ଲାର ଜିଲ୍ଲାପାଳମାନେ ପାଣିପାଗ ପରିସ୍ଥିତିକୁ ଚାହିଁ ସକାଳୁଆ ସ୍କୁଲ କିମ୍ବା ସମ୍ପୂର୍ଣ୍ଣ ଛୁଟି ଘୋଷଣା କରିପାରିବେ । ଏହି ୭ଟି ଜିଲ୍ଲାକୁ ଛାଡ଼ି ଦେଲେ ବାକି ୨୩ଟି ଜିଲ୍ଲାରେ ସ୍ୱାଭାବିକ ସମୟ(ରେଗୁଲାର ଟାଇମ)ରେ ସ୍କୁଲ ଖୋଲିବ । ବିଭାଗ ପକ୍ଷରୁ ପାଣିପାଗ ସ୍ଥିତି ଉପରେ ସତର୍କ ନଜର ରଖାଯାଇଛି । ସୂଚନାଯୋଗ୍ୟ, ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗ୍ରୀଷ୍ମ ଛୁଟିକୁ ଜୁନ୍ ୧୯ତାରିଖ ପରିବର୍ତ୍ତେ ଜୁନ୍ ୨୧ତାରିଖରେ ଖୋଲିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ ।

## ଗୀତା ପ୍ରେସ୍ ଉପରେ...

ଯେ ଗତ ଦିନ କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ ଟ୍ୱିଟ୍ କରି କହିଥିଲେ ଯେ ଗୀତା ପ୍ରେସ୍‌କୁ ଗାନ୍ଧୀ ଶାନ୍ତି ପୁରସ୍କାର ୨୦୨୧ ଦେବା ସାବରକର ଏବଂ ଗଡସେଙ୍କୁ ସମ୍ମାନୀତ କରିବା ପରି । ତେବେ କଂଗ୍ରେସ ପାର୍ଟିର କିଛି ନେତା ରମେଶଙ୍କ ଏହି ବୟାନର ବିରୋଧ କରୁଛନ୍ତି । କଂଗ୍ରେସ ସହିତ ଯୋଡ଼ିଥିବା ଆଚାର୍ଯ୍ୟ ପ୍ରମୋଦ ଟ୍ୱିଟ୍ କରି କହିଛନ୍ତି ଯେ ଗୀତା ପ୍ରେସ୍‌ର ବିରୋଧ ହିନ୍ଦୁ ବିରୋଧି ମାନସିକତାର ପରାକାଷ୍ଠା ଅଟେ, ରାଜନୈତିକ ପାର୍ଟିର ଦାୟୀ ପଦରେ ବସିଥିବା ଲୋକଙ୍କୁ ଏହି ପ୍ରକାର ଧର୍ମ ବିରୋଧୀ ବୟାନ ନଦେବା ଦରକାର ଯାହାର କ୍ଷତିକୁ ଭରଣା କରିବାରେ ଅନେକ ସମୟ ବିତିଯାଏ ।

# ଜୁରିଆପାଟଣାରେ ରଜପର୍ବ ଓ ଗୋପଚଣ୍ଡିପୂଜା ମହାସମାରୋହରେ ପାଳିତ



ନୀଳଗିରି , ୨୦/୦୬ (ନି.ପ୍ର): ଔପଦା ବ୍ଲକ ଶ୍ୟାମସୁନ୍ଦର ପୁର ପଞ୍ଚାୟତ ଜୁରିଆପାଟଣା ଗ୍ରାମରେ ରଜଉତ୍ସବ ଓ ଅଧିଷ୍ଠାତ୍ରୀ ଦେବୀ ମା ଗୋପିଚଣ୍ଡୀ ଙ୍କ ପୂଜାଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅଞ୍ଚଳର ଯୁବକ ମାନଙ୍କ ଦ୍ୱାରା ଯାତ୍ରା ପରିବେଷଣ ମଧ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ସମାଜସେବୀ ତଥା ପରିବେଶବିତ୍ ମନୋରଂଜନ ଦାସ ଉପସ୍ଥିତ ରହି ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଔପଦା ବ୍ଲକ ୨ ନଂ ଜୋନ ଜିଲ୍ଲାପରିଷଦ ଉଷାରାଣୀ ରାଉଳ, ଶ୍ୟାମସୁନ୍ଦରପୁର ପଞ୍ଚାୟତ ବିଜେଡି ସଭାପତି କପିଳ ସାମଲ, ୱାର୍ଡ ମେମ୍ବର ମାଳତୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳର ଯୁବକ ସୁକାନ୍ତ ଦାସ, ମାନସ ଦଳେଇ, ମୋହନ ଧାଉଁଡିଆ, ମଧୁସୂଦନ ଧାଉଁଡ଼ିଆ, ମାନସ ମଲିକ, କଟି ମଲିକ, ବାସୁଦେବ ମଲିକ, ସନ୍ତୋଷ ଦଳେଇ, ପ୍ରଭାକର ମଲିକ, ବୈଦନାଥ ମଲିକ, ବର୍ଣ୍ଣି ମଲିକ, ରଜତ ଧାଉଁଡିଆ, ହେମନ୍ତ ମଲିକ, କାଳିଆ ବାରିକ, ଗଣେଶ ରଣା, ବାପୁ ପୃଷ୍ଟି, ସୁରଥ ମଲ୍ଲିକ, ବୁଲା, ଦାମୋଦର ଲେଙ୍କା, ସୁଶାନ୍ତ ମଲ୍ଲିକ, ଇତ୍ୟାଦି ପ୍ରମୁଖ ଯୁବକ ମାନଙ୍କ ଅକ୍ଲାନ୍ତ ପରିଶ୍ରମରେ ଏଭଳି ସୁନ୍ଦର କାର୍ଯ୍ୟକ୍ରମ ସଫଳ ରୂପାୟନ ଦିଆଯାଇଥିବା ବେଳେ ପଦୁ ମାଷ୍ଟରଙ୍କ ନିର୍ଦ୍ଦେଶନାରେ ନାଟକ 'ଯୁଇରେ କାନ୍ଦୁଛି ଜିଅନ୍ତା ଶବ' ପରିବେଷଣ ହୋଇଥିଲା। ହଜାର ହଜାର ଦର୍ଶକ ଯାତ୍ରାକୁ ମନୋଭରି ଉପଭୋଗ କରିଥିଲେ। ଯୁବକ ମାନଙ୍କ ଏଭଳି କାର୍ଯ୍ୟକ୍ରମକୁ ଅଞ୍ଚଳରେ ବେଶ୍ ପ୍ରଶଂସା ମିଳିଥିଲା।

# ସ୍ୱାସ୍ଥ୍ୟସେବା ପ୍ରଦାନରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ ଚେତାବନୀ


ଭଦ୍ରକ, ୧୯/୦୬ (ନି.ପ୍ର): ଅବସରପ୍ରାପ୍ତ ଟି.ବି. ରୋଗ ବିଶେଷଜ୍ଞ ଡ଼ା. ବେଣୁଧର ନାୟକ ଏକବର୍ଷ ପାଇଁ ପୁନଃ ନିଯୁକ୍ତି ପାଇ ଭଦ୍ରକ ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନାରେ କାର୍ଯ୍ୟରତ ଥିଲେ । କିନ୍ତୁ ରୋଗୀମାନଙ୍କ ପ୍ରତି ତାଙ୍କର ଖରାପ ବ୍ୟବହାର ପ୍ରଦର୍ଶନ ନେଇ ଅଭିଯୋଗ ହୋଇ ଆସୁଥିଲା। ୧୯ ତାରିଖ ଦିନ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଡ଼ାକ୍ତରଖାନା ପରିଦର୍ଶନ କରୁଥିବା ସମୟରେ ଏ ଘଟଣାର ସତ୍ୟାସତ୍ୟ ତାଙ୍କ ନଜରକୁ ଆସିଥିଲା । ତତ୍କ୍ଷଣାତ୍ ଡ଼ା. ନାୟକଙ୍କୁ ଚାକିରୀରୁ ବହିଷ୍କାର କରିବାକୁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ତଦନୁଯାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଆଦେଶ ବଳରେ ଡ଼ା. ଶ୍ରୀ ନାୟକଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି । ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଅବହେଳା ପ୍ରଦର୍ଶନ କରିବାର ପ୍ରମାଣ ଦୃଷ୍ଟିଗୋଚର ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ୟମରେ ମେଗା ରୋଜଗାର ମେଳା ଅନୁଷ୍ଠିତ




ବାରିପଦା , ୨୦/୦୬ (ନି.ପ୍ର): କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ନବମ ବର୍ଷ ପୂର୍ତ୍ତୀ ଅବସରରେ ସାରା ଭାରତ ବର୍ଷରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁରହିଥିବା ବେଳେ, ଏହି ପରିପେକ୍ଷିରେ ମୟୁରଭଞ୍ଜ ଜିଲ୍ଲାରେ ମଧ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ଅଛି। କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ଉଦ୍ୟମ କ୍ରମେ ଚଳିତ ମାସ ୧୮ ତାରିଖରେ ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଠାରେ ଏବଂ ଆଜି ବାରିପଦାର ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱ ବିଦ୍ୟାଳୟରେ ଶ୍ରୀ ଟୁଡୁ ବିଭିନ୍ନ କମ୍ପାନୀ ମାନଙ୍କ ସହିତ ଆଲୋଚନା କରି ତାଙ୍କ ପ୍ରଚେଷ୍ଟା ଓ ସହଯୋଗରେ ବୃହତ ରୋଜଗାର ମେଳା ଆୟୋଜିତ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀଙ୍କ ଅନୁଗ୍ରହ କ୍ରମେ ଦୁଇ ଦିନ ଧରି ଜିଲ୍ଲାରେ ବିଭିନ୍ନ ବ୍ଲକରୁ ଆସିଥିବା ବହୁ ଶିକ୍ଷିତ ଯୁବକ ଯୁବତୀ ମାନେ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଅନୁସାରେ ବିଭିନ୍ନ କମ୍ପାନୀଙ୍କ ସହିତ ସାକ୍ଷାତକାର ଦେଇଥିଲେ । ହସ୍ତଗତ ହୋଇଥିବା ତଥ୍ୟ ଅନୁସାରେ ଜିଲ୍ଲାରେ ମୋଟ ୧୪୬୦ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରାୟ ୫୪୦ ଜଣ ରୋଜଗାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ରୋଜଗାର ମେଳାକୁ ବିଭିନ୍ନ ମହଲରେ ସାଧୁବାଦ ଜଣାଇବା ସହ ମୟୁରଭଞ୍ଜ ଜିଲ୍ଲାରେ ପ୍ରଥମ ଥର ପାଇଁ କୌଣସି ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଜିଲ୍ଲାର ବେକାର ଯୁବକ ଯୁବତୀଙ୍କ ରୋଜଗାର ପାଇଁ ଚିନ୍ତା କରିଥିବାରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁଙ୍କୁ ଧନ୍ୟବାଦ ଦିଆଯାଇଥିଲା । ଆଜି ବିଶ୍ୱ ବିଦ୍ୟାଳୟ ପରିସରରେ କେନ୍ଦ୍ର ଜଳଶକ୍ତି ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ଅଧକ୍ଷତା ରେ ଅନୁଷ୍ଠିତ ରୋଜଗାର ମେଳାରେ ମୁଖ୍ୟଅଥିତି ଭାବେ ଜାମ୍ମୁ କାଶ୍ମୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତଥା ରାଷ୍ଟ୍ରୀୟ କାର୍ଯ୍ୟକାରୀଣ ସଦସ୍ୟ କବେନ୍ଦ୍ର ଗୁପ୍ତା ଯୋଗଦେଇ ଜନ ପ୍ରୀତିନିଧି ମାନଙ୍କର ଇଛାଶକ୍ତି ରହିଲେ ଏହିଭଳି ନିଯୁକ୍ତି ମେଳା ମାଧ୍ୟମରେ ବହୁ ସ୍ଥାନୀୟ ବେକାରକୁ ରୋଜଗାର ଯୋଗାଇ ଦିଆଯାଇ ପାରିବ ବୋଲି କହିଥିଲେ। ପ୍ରଥମେ ଅତିଥିମାନେ ବିଶ୍ୱ ବିଦ୍ୟାଳୟ ପରିସର ରେ ଥିବା ଶ୍ରୀ ରାମଚନ୍ଦ୍ର ଭଂଜଦେଓ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ତେବେ କାଶ୍ମୀରର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରୀଣ ସଦସ୍ୟ କବେନ୍ଦ୍ର ଗୁପ୍ତା ଏହି ଜିଲ୍ଲା ଗସ୍ତ କାଳରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ଉନୟନ ମୂଳକ କାର୍ଯ୍ୟ ତଦାରଖ କରିବା ସହିତ ବାରିପଦା ବ୍ଲକ ବସନ୍ତପୁର ଠାରେ ଏକଲବ୍ୟ ମୋଡେଲ ରେସିଡେନସିଆଲ ସ୍କୁଲର ଉନୟନ ମୂଳକ କାର୍ଯ୍ୟ ମଧ ତଦାରଖ କରିଥିବାର ଜଣାଯାଇଛ। ଏହି ଅବସର ରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବିଜେପିର ବରିଷ୍ଠ ନେତା ଛୋଟେଲାଲ ମହାନ୍ତ, ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ସଦସ୍ୟ ମନୋନୀତ



ନୀଳଗିରି , ୨୦/୦୬ (ନି.ପ୍ର): ନୀଳଗିରି ର ଲୋକପ୍ରିୟ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ପୁଣି ତାଙ୍କ କାର୍ଯ୍ୟଦକ୍ଷତାର ସ୍ୱୀକୃତି ସ୍ୱରୂପ ରାଜ୍ୟସରକାର ତାଙ୍କୁ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କମିଟିରେ ସ୍ଥାନ ଦେଇଛନ୍ତି। ନିଜ ନିର୍ବାଚନ ମଣ୍ଡଳୀ ହେଉ କିମ୍ବା ରାଜ୍ୟର ଅତିଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉ ନିର୍ଭିକାର୍ ଓ ନିଃସଂକୋଚରେ ସାଧାରଣ ଜନତାଙ୍କ ବାସ୍ତବ କଥାକୁ ବିଧାନସଭାରେ ଉପସ୍ଥାପନ କରିଥାନ୍ତି।ବାସ୍ତବ, କର୍ମକୁଶଳୀ ଓ ଦୂରଦୃଷ୍ଟି ସମ୍ପନ୍ନ ସୁକାନ୍ତ ନାୟକଙ୍କୁ ରାଜ୍ୟସରକାର କିଛିମାସ ପୂର୍ବରୁ ମଧ ଆକାଉଣ୍ଟସ୍ କମିଟିରେ ସ୍ଥାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ରାଜ୍ୟସରକାର ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏଭଳି ଗୁରୁତ୍ୱପୂର୍ଣ୍ଣ କମିଟିରେ ସାମିଲ କରିଥିବାରୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି କମିଟିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧକ୍ଷ ଥିବା ବେଳେ ୧୬ଜଣ ମନ୍ତ୍ରୀ ସମେତ ସାଂସଦ, ବିଧାୟକ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ସଚିବ, କମିଶନର ଏହି କମିଟିରେ ସଦସ୍ୟ ଅଛନ୍ତି।ଆଗାମୀ ୨୪ତାରିଖରେ ଏ ବର୍ଷର ପ୍ରଥମ ପ୍ରାକୃତିକ ବିପର୍ଯ୍ୟୟ କମିଟି ଭିଡିଓ କନ୍ଫରେନ୍ସିଂ ଯୋଗେ ବସିବାର ସ୍ଥିରୀକୃତ ହୋଇଛି।

# ଉପରାଷ୍ଟ୍ରପତି ୨୨ ଜୁନରେ ଜାମ୍ମୁ ଓ କାଶ୍ମୀର ଗସ୍ତ କରିବେ

ନୂଆଦିଲ୍ଲୀ, ୨୦/୦୬ (ନି.ପ୍ର): ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ୨୨ ଜୁନରେ କେନ୍ଦ୍ର ଶାସିତ ପ୍ରଦେଶ ଜାମ୍ମୁ ଓ କାଶ୍ମୀର ଗସ୍ତ କରିବେ । ଉପରାଷ୍ଟ୍ରପତି ହେବା ପରେ ଜାମ୍ମୁ ଓ କାଶ୍ମୀରକୁ ଏହା ତାଙ୍କର ପ୍ରଥମ ଗସ୍ତ । ଉପରାଷ୍ଟ୍ରପତି ସଚିବାଳୟ ମଙ୍ଗଳବାର ଦିନ କହିଛନ୍ତି ଯେ, ଉପରାଷ୍ଟ୍ରପତି ଧନଖଡ଼ ଗୁରୁବାର ଦିନ ଜମ୍ମୁ ବିଶ୍ୱବିଦ୍ୟାଳୟ ବିଶେଷ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥି ହେବେ । ଏହା ପରେ ଉପରାଷ୍ଟ୍ରପତି ଧନଖଡ଼ ତାଙ୍କ ପତ୍ନୀ ଡ. ସୁଦେଶ ଧନଖଡ଼ଙ୍କ ସହିତ ମାତା ବୈଷ୍ଣୋଦେବୀଙ୍କୁ ଦର୍ଶନ କରିବା ପାଇଁ ଯିବେ । ତାଙ୍କ ଏକଦିବସୀୟ ଯାତ୍ରାରେ ଉପରାଷ୍ଟ୍ରପତି ଜାମ୍ମୁ ଓ କାଶ୍ମୀର ରାଜଭବନକୁ ଯିବାର କାର୍ଯ୍ୟକ୍ରମ ରହିଛି ।

# ମାନ୍ଧାତା ଭକ୍ତି କ୍ଷେତ୍ରରେ ରଥଯାତ୍ରା



ଲଙ୍ଗଳେଶ୍ୱର , ୨୦/୦୬ (ନି.ପ୍ର): ବାଲିଆପାଳ ବ୍ଲକ ର ଅନ୍ୟତମ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ବାଲିକୁଟି ପଞ୍ଚାୟତର ମାନ୍ଧାତା ଠାରେ ଭକ୍ତି କ୍ଷେତ୍ର ନାମରେ ପ୍ରସିଦ୍ଧି ଲାଭ କରିଛି । ଆଜି ପବିତ୍ର ରଥଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡିଛି ସାରା ପରିବେଶ ହୁଳହୁଳି ଘଣ୍ଟ ଘଣ୍ଟା ଶବ୍ଦରେ ପ୍ରକମ୍ପିତ ହେଉଛି ଗାଁ ଦାଣ୍ଡ ସକାଳ ଧୂପ ସୂର୍ଯ୍ୟ ପୂଜା ରୀତିନୀତି ଅନୁସାରେ ମହାପ୍ରଭୁ ଙ୍କ ପୂଜା ଅନୁଷ୍ଠିତ ହେଇଥିଲା ପରେ ପହଣ୍ଡି ବିଜେ କରି ଚତୁର୍ଦ୍ଧା।ମୂର୍ତ୍ତି ଙ୍କ ରଥାରୂଢ଼ ହୋଇଥିଲେ ଶ୍ରୀ ଜଗନ୍ନାଥ ଜିଉ ସେବକ ନିଯୋଗ ର ସଭାପତି ତଥା ମହାରାଜା ଶ୍ରୀ ଗୋପାଳକୃଷ୍ଣ ପାତ୍ର ଛେରାପହଁରା ନୀତି ସମ୍ପନ୍ନ ହେବାପରେ ଗୁଣ୍ଡିଚା ମନ୍ଦିର ରୁ ଜନ୍ମ ବେଦୀକୁ କରିବେ ନବଦିନ ଯାତ୍ରା। ମହିଳା ମାନଙ୍କ ଦ୍ୱାରା ମା ସୁଭଦ୍ରାଙ୍କ ରଥ ଟାଣାଯାଏ। ସନ୍ଧ୍ୟା ରେ ରଥ ଟାଣାଯାଇ ମହାବଳା ଠାରେ ଥିବା ମାଉସୀ ମା ମନ୍ଦିର ରେ ବିରାଜମାନ କରିଥିଲେ। ରଥଯାତ୍ରା କୁ ଶୃଙ୍ଖଳିତ କରିବା ପାଇଁ କମିଟି ପକ୍ଷରୁ ସନାତନ ପାତ୍ର, ସରୋଜ ତୋଳା, ରାଜେନ୍ଦ୍ର ଧଳ, ବୁଦ୍ଧଦେବ ପ୍ରଧାନ, ଅରବିନ୍ଦ ଜେନା, କୃଷ୍ଣାନନ୍ଦ ପାତ୍ର , ସୁଦର୍ଶନ ଦଳାଇ,କାଳି ସରେନ, ସୁବ୍ରତ ଘଡାଇ, ଶକ୍ତି ଶଙ୍କର ଦଣ୍ଡପାଟ, ଭବାନୀ ଶଙ୍କର ହୁଇ, ଶକ୍ତି ରଞ୍ଜନ ପାତ୍ର, ସର୍ବେଶ୍ୱର ପାଳ,ସୌ।ମିତ୍ର ପ୍ରଧାନ, ନିମାଇଁ ପଦ ଦାସ ପ୍ରମୁଖ ନେତୃତ୍ୱରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା।

## ଶ୍ରୀ ତାଳଧ୍ୱଜ ପତ୍ରିକା ଉନ୍ମୋଚନ

କେନ୍ଦ୍ରାପଡ଼ା, ୨୦/୦୬ (ନି.ପ୍ର): ପବିତ୍ର ଶ୍ରୀ ଗୁଣ୍ଡିଚା ଅବସରରେ ଶ୍ରୀ ବଳଦେବ ସଂସ୍କୃତି ଓ ଚେତନାର ବାହକ ଶ୍ରୀ ତାଳଧ୍ୱଜ ପତ୍ରିକା ଉନ୍ମୋଚିତ ହୋଇଯାଇଛି । ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ସରୋଜ କୁମାର ମହାନ୍ତିଙ୍କ ଦ୍ୱାରା ସଂପାଦିତ ଏହି ପତ୍ରିକା ଉନ୍ମୋଚନ ସମୟରେ ବିଧାୟକ ଶଶି ଭୂଷଣ ବେହେରା, ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀ, ପୌର ଅଧକ୍ଷା ସରିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ପ୍ରଫେସର ଭୁବନ ମୋହନ ଜେନା, ସାହିତ୍ୟିକ ମିହିର ସାହୁ, ସହଯୋଗୀ ସଂପାଦକ ଆଡଭୋକେଟ ବଳରାମ ସାହୁ, ଦେବୋତର କାର୍ଯ୍ୟ ନିର୍ବାହୀ ବଳଭଦ୍ର ପତ୍ରୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତି ରେ ଶ୍ରୀ ତାଳଧ୍ୱଜ ପତ୍ରିକା ଉନ୍ମୋଚିତ ହାଇେଯାଇଛି ।

AFFIDAVIT

I Pawan Kumar Daga, age 46yrs., S/o Om Prakash Daga, Vill. Baramadhia, P.O./P.S. Basta, Dist. Balasore, Odisha hereby declare that Dewansh Daga is my son, whose Aadhar Card No. is 8721 3651 9398. But his name is mentioned in the L.I.C. Policy No.599352368 as Dillip Daga, S/o Pawan Kumar Daga. I have sworned through an affidavit in the Court of The Executive Magistrate and Tahasildar, Basta that Dillip Daga and Dewansh Daga is one and same person, there is no other person in the name and style in above noted address.

Sd/-
Pawan Kumar Daga

# ଜିଲ୍ଲାରେ ଆମ୍ବେଦକର ଭବନ ନିର୍ମାଣ ନିମନ୍ତେ ଦାବିପତ୍ର ପ୍ରଦାନ




ବାରିପଦା , ୨୦/୦୬ (ନି.ପ୍ର): ଅନୁସୂଚିତ ଜାତି କଲ୍ୟାଣ ସମିତି ପକ୍ଷରୁ ଦୁଇ ଦଫା ଦାବି ନେଇ ଆଜି ବାରିପଦା ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାରେ ଏକ ଆମ୍ବେଦକର ଭବନ ପ୍ରତିଷ୍ଠା କରିବା ଏବଂ ଅନୁଗୁଳ ଜିଲ୍ଲାରେ ଆମ୍ବେଦକର ଭବନ ଓ ତାଙ୍କ ପ୍ରତିମୂର୍ତ୍ତି ଉଚ୍ଛେଦ କରାଯାଇ ଥିବାରୁ ଏହାର ପ୍ରତିବାଦରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି । ଆଜି ଅନୁସୂଚିତ ଜାତି କଲ୍ୟାଣ ସମିତି ରାଜ୍ୟ ସମ୍ପାଦକ କରମଚାନ୍ଦ କାଳନ୍ଦୀ, ଜିଲ୍ଲା ଆମ୍ବେଦକର ସୋସାଇଟିର ଯୋଗେନ୍ଦ୍ର ଗୋଛୟତ, ରବୀନ୍ଦ୍ର ଦଣ୍ଡପାଟ ପ୍ରମୁଖ ଜିଲ୍ଲା ପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ଗୁଡିକ ସରକାର ପୂରଣ ନକଲେ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ଆଦିବାସୀ, ହରିଜନ, ପଛୁଆ ବର୍ଗ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କଲେ କବି ଅଭୟ ଦାସ



ବାଲେଶ୍ୱର, ୨୦/୦୬ (ନି.ପ୍ର): ରାସ୍ତାଘାଟରେ ବୁଲନ୍ତି ଅନେକ ଅସହାୟ । ସେମାନଙ୍କ ଭିତରେ ଅନେକ ମାନସିକ ବିକୃତ । ଅନେକ ବି ଦାରିଦ୍ର୍ୟର କଷାଘାତରେ ଅନେକ ରାସ୍ତାକଡ଼ରେ ପଡ଼ି ପଡ଼ି ମରନ୍ତି। କେବେ କେମିତି ଦୁର୍ଘଟଣାଗ୍ରସ୍ତ ହୋଇ ସେବା ଶୁଶ୍ରୂଷାର ଅଭାବରେ କିଛି ଲୋକ ପୋକମାଛି ପରି ମୃତ୍ୟୁମୁଖରେ ପଡ଼ନ୍ତି । ଆଜି ଆଜିମାବାଦ ଓଡ଼ିଶା ହ୍ୟାଣ୍ଡଲୁମ୍ ସାମ୍ନାରେ ଜଣେ ଲୋକଙ୍କୁ ଆମେ ଠାବ କଲୁ । ଭାଇ ନିକୁଞ୍ଜ ମହାନ୍ତିଙ୍କ ଠାରୁ ଖବର ପାଇ ମୁଁ, ଭାଇ ମାଧବ ପରିଡ଼ା, ଭାଇ ମନୋରଞ୍ଜନ ଦାସ , ଭାଇ ବିଶ୍ୱନାଥ ପରିଡ଼ା ପ୍ରମୁଖ ସେ ସ୍ଥାନକୁ ଗଲୁ । ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ସ୍ୱାସ୍ଥ୍ୟବିଭାଗର ଅଧିକାରୀମାନଙ୍କୁ ଖବର ଦେଲୁ । ୧୦୮ରେ ଡାକ୍ତରଖାନାକୁ ସ୍ଥାନାନ୍ତର କଲୁ । ଏବେ ତା'ର ଚିକିତ୍ସା ଚାଲିଛି । ସଂପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ଲୋକଟିର ସମସ୍ତ ମାଗଣା ଚିକିତ୍ସା ଦାୟିତ୍ୱ ଜିଲ୍ଲା ପ୍ରଶାସନ ଗ୍ରହଣ କରିବା ଆବଶ୍ୟକ । ଲୋକଟି ଘରଦ୍ୱାର, ପରିବାରଶୂନ୍ୟ ସଂପୂର୍ଣ୍ଣ ଅସହାୟ ଓ ନିଃସ୍ୱ ହୋଇଥିବା ଯୋଗୁଁ ତା'ର ଖାଦ୍ୟପେୟ ଓ ବାସସ୍ଥାନର ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ଗ୍ରହଣ କରିବା ଆବଶ୍ୟକ । ସହର ଭିତରେ ଏ ଧରଣର ଅନେକ ଅସହାୟ ଓ ମାନସିକ ବିକୃତ ବିକାରଗ୍ରସ୍ତ ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ସେମାନଙ୍କୁ ଉଦ୍ଧାର କରି ସଠିକ୍ ସମୟରେ ସେମାନଙ୍କୁ ଚିକିତ୍ସା କରି ସୁସ୍ଥ କରିବା ଲାଗି ସରକାର ସ୍ୱତନ୍ତ୍ର ଯୋଜନା କରିବା ଦରକାର । ଶୀତ କାର, ବର୍ଷା, ଝଡ଼ ସମୟରେ ଏହି ଲୋକମାନେ ରାସ୍ତା ଘାଟ, ଷ୍ଟେସନ୍ , ବସଷ୍ଟାଣ୍ଡ ଓ ଓଭରବ୍ରିଜ୍ ଉପରେ ରହୁଥିବାର, ଶୋଇଥିବାର ଆମେ ସମସ୍ତେ ଦେଖୁ । ମାତ୍ର ସେମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ନଥିବାରୁ ବା କାର୍ଯ୍ୟକାରୀ ହେଉନଥିବାରୁ ଏଭଳି ଦୁଃଖଦ ପରିବେଶର ନିୟମିତ ଆମେ ସାମ୍ନା କରିଥାଉ । ପାଗଳମାନେ ଭୋଟ୍ ଦେବା କାମରେ ଲାଗୁନଥିବାରୁ ସରକାର ବୋଧହୁଏ ସେମାନଙ୍କ ପାଇଁ ବିଶେଷ ଭାବରେ ଉଦାସୀନ । ପାଗଳମାନଙ୍କୁ ପ୍ରାଥମିକ ଅବସ୍ଥାରେ ଉଚିତ୍ ଚିକିତ୍ସା କରାଗଲେ ସେମାନେ ପୁଣିଥରେ ସୁସ୍ଥ ହୋଇ ସାମାଜିକ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ, ଏକଥା ବୁଝିବା ପାଇଁ ସମସ୍ତେ ନାରାଜ । ତେଣୁ ପାଗଳମାନଙ୍କ ଚିକିତ୍ସା ନିମନ୍ତେ ପ୍ରତି ଜିଲ୍ଲା ସଦର ମହକୁମାରେ ସ୍ବତନ୍ତ୍ର ଚିକିତ୍ସାଳୟ ପ୍ରତିଷ୍ଠା କରାଯିବା ଆବଶ୍ୟକ ।

# ମା' ଭଦ୍ରକାଳୀଙ୍କ ପୀଠରେ ରଥଯାତ୍ରା ମହାସମାରୋହରେ ପାଳିତ



ଭଦ୍ରକ , ୨୦/୦୬ (ନି.ପ୍ର): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା'ଭଦ୍ରକାଳୀଙ୍କ ପୀଠର ପାର୍ଶ୍ୱ ଦେବତା ମହାପ୍ରଭୁ ଜଗନ୍ନାଥଙ୍କର ମହାସମାରୋହରେ ରଥଟଣା କାର୍ଯ୍ୟ ସଂପାଦନା ହୋଇଅଛି। ଭଦ୍ରକାଳୀଙ୍କ ପାର୍ଶ୍ୱ ଦେବତା ଭାବେ ଅବସ୍ଥାପିତ ମହାପ୍ରଭୁ ଜଗନ୍ନାଥଙ୍କ ମଙ୍ଗଳବାର ସକାଳ ୬ଟାରେ ମଙ୍ଗଳ ଆଳତି ସରିବା ପରେ ସ୍ନାନ, ଧୂପଦୀପ ଭୋଗ ଆଦି ରୀତିନୀତି ହୋଇଥିଲା । ତିନି ଠାକୁରଙ୍କର ପହଣ୍ଡି ବିଜେ ପରେ ସେବାୟତମାନେ ଠାକୁରଙ୍କୁ ରଥାରୂଢ କରାଇଥିଲେ । ଭୂୟାଁ ରାଜାଙ୍କ ବଂଶଧର ରାଜା ପ୍ରଦୀପ ରାୟଙ୍କ ଦ୍ୱାରା ରଥର ଛେରାପହଁରା କରାଯାଇଥିଲା । ଉପସ୍ଥିତ ଭକ୍ତମାନେ ହରିବୋଲ ଓ କୀର୍ତ୍ତନ ସହ ରଥରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ମନ୍ଦିର ମୁଖ୍ୟ ଗୋସାଇଁ ଙ୍କ ଦ୍ୱାରା ରଥରେ କଳସ ପୂଜା ସହ ରଥ ପ୍ରତିଷ୍ଠା ହୋଇଥିଲା ।

# ରଥଯାତ୍ରାରେ ଓକିଲ ସଂଘର ପ୍ରଥପାନ୍ତ ସେବା

ଭୁବନେଶ୍ୱର, ୨୦/୦୬ (ନି.ପ୍ର): ରଥଯାତ୍ରା ଉପଲକ୍ଷେ ଟଙ୍କପାଣି ସାଇ ମନ୍ଦିରଠାରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ପ୍ରଥପାନ୍ତ ସେବା ଅନୁଷ୍ଠିତ ହୋଇଯାଇଛି। ଶ୍ରୀକ୍ଷେତ୍ରକୁ ଯାଉଥିବା ଶ୍ରଦ୍ଧାଳୁଙ୍କୁ ୫୦ହଜାର ପାଣି ବୋତଲ ସହ ଦହି ପଣା, ଚାହା, ବିସ୍କୁଟ ବଂଟନ କରାଯାଇଥିଲା। ଏହାକୁ ପୁଲିସ କମିସର ସୌମେନ୍ଦ୍ର ପ୍ରୀୟଦର୍ଶୀ ଉଦ୍‌ଘାଟନ କରିଥିଲେ। ଏଥିରେ ଓକିଲ ସଂଘର ସଭାପତି ଧନେଶ୍ୱର ମହାନ୍ତି, ଉପ ସଭାପତି ଅଞ୍ଜନ କୁମାର ସାମନ୍ତରାୟ, ସଂଘର ସମ୍ପାଦକ ତାପସ ରଞ୍ଜନ ଦାସ, କୋଷାଧକ୍ଷ ମନିଶ କୁମାର ନାୟକ, ଯୁଗ୍ମ ସମ୍ପାଦକ ସୁକାନ୍ତ କୁମାର ବେହେରା, ସହ ସମ୍ପାଦକ ପୁଲିନ କୁମାର ମାର୍ଥା, କାର୍ଯ୍ୟକାରୀ କମିଟି ସଭ୍ୟ ସବ୍ୟସାଚି ସୂତାର, ଅଭିନାଶ ମହାନ୍ତି, ଅମିତ କୁମାର ବାରିକ୍, ଆନନ୍ଦ ଚନ୍ଦ୍ର ଜେନାଙ୍କ ସମେତ ଶତାଧିକ ଆଇନଜୀବୀ ସାମିଲ ହୋଇଥିଲେ।

# ମେଘାଳୟରେ ୧୫ କୋଟି ଟଙ୍କାର ହେରୋଇନ ଜବତ, ୯ ଗିରଫ

ସିଲଂ, ୨୦/୦୬ (ନି.ପ୍ର): ମେଘାଳୟରେ ନିଶା ପଦାର୍ଥର ଚୋରା କାରବାର ବିରୁଦ୍ଧରେ କରାଯାଉଥିବା ଅଭିଯାନରେ ପୁଲିସକୁ ବଡ଼ ସଫଳତା ମିଳିଛି। ପୁଲିସ ୩ ଟି ଯାନ ସହିତ ୨ କିଲୋ ୭୩୮ ଗ୍ରାମ ହେରୋଇନ ଏବଂ ୨୫୧ କି.ଗ୍ରା. ଗଂଜା ଜବତ କରିଛି। ଏଥି ସହିତ ଏହି ନିଶା କାରବାରରେ ଜଡ଼ିତ ଥିବା ୯ ଜଣ ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo